ଆଠ ପୃଷ୍ଠା
ମୂଲ୍ୟ : ₹ ୫.୦୦
ବର୍ଷ-୧୭, ସଂଖ୍ୟା: ୧୭୫
୨ ନଭେମ୍ବର, ୨୦୨୫ ରବିବାର
କେନ୍ଦ୍ରାପଡ଼ା

# ଓଡ଼ିଶା ଏକ୍ସପ୍ରେସ୍

ସର୍ବେ ଭଦ୍ରାଣି ପଶ୍ୟନ୍ତୁ...

Pages-8
Price ₹ 5.00
Vol. 17, Issue No. : 175
2nd November, 2025 Sunday
Kendrapara

ODISHA EXPRESS
SIGHTS TRUTH WRITES TRUTH
ଠିକ୍ ଦେଖେ ଠିକ୍ ଲେଖେ

Website : www.odishaexpress.in E-mail : odishaexpress@gmail.com
RNI Regd. No. ODIODI/2009/28880 ଭୁବନେଶ୍ୱର ଏବଂ କେନ୍ଦ୍ରାପଡ଼ାରୁ ଏକସଙ୍ଗେ ପ୍ରକାଶିତ

## ନୀତି ବାଣୀ

**ଯତ୍ ପୃଥିବ୍ୟାଂ ବ୍ରୀହିଯବଂ ହିରଣ୍ୟଂ ପଶବଃ ସ୍ତ୍ରିୟଃ
ନାଳମେକସ୍ୟ ତତ୍ ସର୍ବମିତି ପଶ୍ୟନ୍ନ ମୁହ୍ୟତି ॥**

ଏ ପୃଥିବୀରେ ଯେତେ ଧାନ, ବିରି, ଯବ, ସୁନା, ପଶୁ ଏବଂ ସ୍ତ୍ରୀ ଅଛନ୍ତି, ସେ ସମସ୍ତ ଜଣେ ପୁରୁଷ ନିମିତ୍ତ ମଧ୍ୟ ପର୍ଯ୍ୟାପ୍ତ ନୁହେଁ, ଅର୍ଥାତ୍ ଏ ସମୁଦାୟକୁ ଲାଭକଲେ ସୁଦ୍ଧା ଜଣେ ବ୍ୟକ୍ତି ତୃପ୍ତି ଲାଭ କରିନଥାଏ । ଏପରି ବିଚାର କରି ବୁଦ୍ଧିମାନ୍ ବ୍ୟକ୍ତି ମୋହରେ ବିମୋହିତ ହୁଅନ୍ତି ନାହିଁ ।

# ମନ୍ଦିରରେ ଦଳାଚକଟା: ୧୨ ମୃତ

**ଶ୍ରୀକାକୁଳମ,୧।୧୧
ଏକ୍ସପ୍ରେସ୍ ନ୍ୟୁଜ୍**

ଆନ୍ଧ୍ର ପ୍ରଦେଶର ଶ୍ରୀକାକୁଳମ ଜିଲ୍ଲା କାସିବୁଗାଠାରେ ଥିବା ଶ୍ରୀ ଭେଙ୍କଟେଶ୍ୱର ସ୍ୱାମୀ ମନ୍ଦିରରେ ଭୟଙ୍କର ଦଳାଚକାଟା ଘଟିଛି । ମନ୍ଦିରରେ ହୋଇଥିବା ଦଳାଚକଟା ଯୋଗୁ ୧୨ ଜଣ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ହୋଇଛି । ମୃତକଙ୍କ ମଧ୍ୟରେ ମହିଳା ଓ ଛୋଟ ପିଲା ରହିଛନ୍ତି ।

କାର୍ତ୍ତିକ ମାସରେ ଏକାଦଶୀର ମନ୍ଦିର ଦର୍ଶନ ପାଇଁ ଭକ୍ତମାନଙ୍କର ଭିଡ଼ ଜମା ହୋଇଥିଲା । ପ୍ରାରମ୍ଭିକ ରିପୋର୍ଟ ଅନୁସାରେ, ମନ୍ଦିର ପରିସରରେ ପ୍ରବେଶ ଦ୍ୱାର ନିକଟରେ ହଠାତ୍ ଭିଡ଼ ବଢ଼ିଯାଇଥିଲା । ଫଳରେ ଦଳାଚକଟା ହୋଇଥିଲା । ସୂଚନା ମିଳିବା ମାତ୍ରେ ପ୍ରଶାସନ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲା । ଆହତମାନଙ୍କୁ ନିକଟସ୍ଥ ସରକାରୀ ହସ୍ପିଟାଲରେ ଭର୍ତ୍ତି କରାଯାଇଛି, ଯେଉଁଠାରେ ସେମାନଙ୍କର ଚିକିତ୍ସା କରାଯାଉଛି । କ'ଣ ପାଇଁ ମନ୍ଦିରରେ ଦଳାଚକଟା ଘଟଣା ଘଟିଲା ଓ ୧୨ ଜଣ ଶ୍ରଦ୍ଧାଳୁ




ପ୍ରାଣ ହରାଇଲେ, ତା'ର ତଦନ୍ତ ଚାଲିଛି ।

ସାମ୍ନାକୁ ଆସିଥିବା ଭିଡିଓରେ ଦେଖିବାକୁ ମିଳିଛି ଯେ ଶତାଧିକ ମହିଳା ହାତରେ ପୂଜା ଥାଳି ଧରି ମନ୍ଦିରର ସଙ୍କୁଚିତ ରାସ୍ତାରେ ଛିଡା ହୋଇଛନ୍ତି । ଭିଡ ଏତେ ମାତ୍ରାରେ ହୋଇଥିଲା ଯେ ସେମାନେ ଅଣନିଃଶ୍ୱାସୀ ହେବା ସହ ସହାୟତା ପାଇଁ ଚିତ୍କାର କରୁଛନ୍ତି । ସେହିପରି ଦଳାଚକଟା ପରେ ନିସ୍ତେଜ ହୋଇ ତଳେ ପଡି ରହିଥିବା ନିଜର ପ୍ରିୟଜନଙ୍କୁ ଉଠାଇବା ପାଇଁ କିଛି ଲୋକ ସିପିଆର ଦେଉଥିବା ଦେଖିବାକୁ ମିଳିଛି ।

ପ୍ରଶାସନର କହିବା କଥା ଯେ ମୃତକଙ୍କ ମଧ୍ୟରେ ୮ ଜଣ ମହିଳା ଓ ଜଣେ ଶିଶୁ ରହିଛନ୍ତି । ୨ ଜଣ ଗୁରୁତର ଆହତ ହୋଇଥିବା ବେଳେ ଅନ୍ୟ ୧୫ ଜଣ ସମାନ୍ୟ ଆହତ ହୋଇଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଘଟଣାରେ ଶୋକ ପ୍ରକାଶ କରି ମୃତକ ପରିବାର ବର୍ଗଙ୍କ ପ୍ରତି ୨ ଲକ୍ଷ ଓ ଆହତଙ୍କ ପାଇଁ ୫୦ ହଜାର ଟଙ୍କାର ସହାୟତା ରାଶି ଘୋଷଣା କରିଛନ୍ତି ।

ଆନ୍ଧ୍ର ସରକାରଙ୍କ ସୂତ୍ରରୁ ମିଳିଥିବା ଖବର ଅନୁସାରେ, ହରିମୁକୁନ୍ଦ ପଣ୍ଡା ନାମକ ଜଣେ ୮୦ ବର୍ଷୀୟ ବ୍ୟକ୍ତି ତାଙ୍କ ବ୍ୟକ୍ତିଗତ ଜମିରେ ଭଗବାନ ଭେଙ୍କଟେଶ୍ୱରଙ୍କ ପାଇଁ ଏହି ମନ୍ଦିର ନିର୍ମାଣ କରିଥିଲେ । ମନ୍ଦିରର ନିର୍ମାଣ କାମ ଚାଲିଥିବା ବେଳେ ୪ ମାସ ତଳେ ଶ୍ରଦ୍ଧାଳୁଙ୍କ ପାଇଁ ଏହା ଖୋଲିଥିଲା ।

ତିରୁମାଲାରେ ଥିବା ବିରାଟକାୟ ଶ୍ରୀ ଭେଙ୍କଟେଶ୍ୱର ସ୍ୱାମୀ ମନ୍ଦିର ଢାଞ୍ଚାରେ ଏହାକୁ ନିର୍ମାଣ କରାଯାଇଛି । *(ଶେଷ ପୃଷ୍ଠା ଦେଖନ୍ତୁ)*

# ଝୁଲନ୍ତା ଅବସ୍ଥାରେ ୪ ମୃତଦେହ ଉଦ୍ଧାର

**ବରଗଡ଼,୧।୧୧: ଏକ୍ସପ୍ରେସ୍ ନ୍ୟୁଜ୍**

ଝୁଲନ୍ତା ଅବସ୍ଥାରେ ୪ମୃତଦେହ ଉଦ୍ଧାର । ବରଗଡ ଜିଲ୍ଲାରେ ଘଟିଛି ଏଭଳି ଘଟଣା । ବରଗଡର ଅତାବିରାରେ ଘଟିଥିବା ୨ଟି ଭିନ୍ନ ଘଟଣାରେ ୪ଜଣଙ୍କ ମୃତ୍ୟୁ ହୋଇଥିବା ଜଣାଯାଇଛି । ଗୋଟିଏ ପଟେ ବୃଦ୍ଧ ଦମ୍ପତି ଜୀବନ ହାରିଥିବା ବେଳେ ଅନ୍ୟପଟେ ପ୍ରେମୀ ଯୁଗଳ ଜୀବନ ହାରିଛନ୍ତି ।

ସୂଚନା ମୁତାବକ, ଗତକାଲି ବିଳମ୍ବିତ ରାତିରେ ବେକରେ ଦଉଡ଼ି ଲଗାଇ ବୃଦ୍ଧ ଦମ୍ପତ୍ତି ଜୀବନ ହାରିଛନ୍ତି । ବରଗଡ଼ ସଦର ଥାନା ଅନ୍ତର୍ଗତ ସରସରା ଗ୍ରାମ ପଞ୍ଚାୟତର ଗଞ୍ଜିହା ଟିକ୍ରାରେ ଏହି ଅଭାବନୀୟ ଘଟଣା ଘଟିଛି । ଖବର ପାଇ ସଦର ପୁଲିସ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛି । ମୃତ ଦମ୍ପତି ହେଲେ ୭୦ ବର୍ଷୀୟ କିରତି ପଧାନ ଓ ୬୫ ବର୍ଷୀୟା ଶାନ୍ତି ପଧାନ । ଉଭୟ କୌଣସି କାରଣକୁ ନେଇ ମାନସିକ ଚାପରେ ଥିବା ପରିବାର ଲୋକଙ୍କ ତରଫରୁ ସୂଚନା ମିଳିଛି ।

ଅନ୍ୟପଟେ ବରଗଡ ଜିଲ୍ଲାର ଅତାବିରା ଥାନା ଅନ୍ତର୍ଗତ କୁମେଲସିଂହା ଗ୍ରାମରେ ଏକ ପ୍ରେମୀ ଯୁଗଳଙ୍କ ବେକରେ ରଶି ଲଗାଇ ଜୀବନ ହାରିଥିବା ଖବର ମିଳିଛି । ଘଟଣାଟି ଗୁରୁବାର ଘଟିଥିବା ବେଳେ ଏବେ ଏହା ଚର୍ଚ୍ଚାରେ ରହିଛି ।

ପୁଲିସର ସୂଚନା ଅନୁସାରେ, କୁମଲେସିଂହ ଶବରପଡାର ହିମାଂଶୁ ଭୁଏ(୪୧) ଓ ବର୍ଗୋଟିକ୍ରାର ମିନତି(୩୫, ଛଦ୍ମନାମ) ଉଭୟ ବିବାହିତ ଥିଲେ । ଏହା ସତ୍ତ୍ୱେ ବି ଉଭୟ ପରସ୍ପରର ପ୍ରେମରେ ପଡିଥିଲେ । ପରିବାର ଲୋକେ ଏହା ବିଷୟରେ ଜାଣିବା ପରେ ସେଥିରୁ ନିବୃତ୍ତ ରହିବାକୁ କହିଆସୁଥିଲେ । କିନ୍ତୁ ଉଭୟେ କାହା କଥାକୁ ଖାତିର ନକରି ପ୍ରେମ ସମ୍ପର୍କ ରଖିଥିଲେ । ସପ୍ତାହେ ପୂର୍ବରୁ ଉଭୟ ଘର ଛାଡି ଚାଲିଯାଇଥିବା ବେଳେ ଗୁରୁବାର ସେମାନଙ୍କର ଝୁଲନ୍ତା ମୃତଦେହ ମିଳିଥିଲା । ବର୍ଗୋଟିକ୍ରା ନିକଟ ପୋଟଳ ବାଡିରେ ଥିବା ଆମ୍ବଗଛରେ ଦୁହେଁ ରଶି ଲଗାଇ ଆତ୍ମହତ୍ୟା କରିଥିଲେ ।

ସୂଚନା ମିଳିଛି ଯେ, ହିମାଂଶୁଙ୍କର ୨ଟି ଓ ମିନତିଙ୍କର ୪ଟି ସନ୍ତାନ ଥିଲେ । ବ୍ୟବଚ୍ଛେଦ ପରେ ହିମାଂଶୁଙ୍କର ପରିବାର ଲୋକେ ତାଙ୍କ ଶବସତ୍କାର କରିଥିବାବେଳେ ମିନତିଙ୍କ ପରିବାର ଲୋକେ *(ଶେଷ ପୃଷ୍ଠା ଦେଖନ୍ତୁ)*

# ୨୨ ଛାତ୍ରୀଙ୍କୁ ଯୌନ ନିର୍ଯାତନା

## ପ୍ରିନ୍ସିପାଲ୍‌ଙ୍କ ସହ ୩ ଗିରଫ

**ଇଟାନଗର,୧।୧୧
ଏକ୍ସପ୍ରେସ୍ ନ୍ୟୁଜ୍**

ଅରୁଣାଚଳ ପ୍ରଦେଶର ପୂର୍ବ ସିଆଙ୍ଗର ଏକ ଇଂରାଜୀ ମାଧ୍ୟମ ସ୍କୁଲରେ ୨୨ ଜଣ ଛାତ୍ରୀଙ୍କ ସହ ଯୌନ ନିର୍ଯାତନା ହୋଇଥିବାର ଏକ ମାମଲା ସାମ୍ନାକୁ ଆସିଛି । ସ୍କୁଲ ପ୍ରିନ୍ସିପାଲ, ୱାର୍ଡେନଙ୍କ ସମେତ ୩ ଜଣଙ୍କୁ ଗିରଫ କରାଯାଇଛି ଏବଂ ସ୍କୁଲକୁ ଅସ୍ଥାୟୀ ଭାବରେ ବନ୍ଦ କରିଦିଆଯାଇଛି । ପୂର୍ବ ସିଆଙ୍ଗର ସାଙ୍ଗୋ ଇଂରାଜୀ ମାଧ୍ୟମ ସ୍କୁଲରେ ୨୨ ଜଣ ଛାତ୍ରୀଙ୍କୁ ଯୌନ ନିର୍ଯାତନା ଦିଆଯାଇଥିଲା । ଏହି ଘଟଣାର ତଦନ୍ତ ପାଇଁ ଏକ ସ୍ୱତନ୍ତ୍ର ତଦନ୍ତ ଦଳ (ଏସଆଇଟି) ଗଠନ କରାଯାଇଛି ।

ଏସଆଇଟି ସ୍କୁଲ ପରିସର ପରିଦର୍ଶନ କରି ସ୍କୁଲରୁ ଅନେକ ଡକ୍ୟୁମେଣ୍ଟ ଉଦ୍ଧାର କରିଛି । ଡିଜିଟାଲ ପ୍ରମାଣ ମଧ୍ୟ ସଂଗ୍ରହ କରାଯାଇଛି, ଯାହାକୁ ପରୀକ୍ଷା ପାଇଁ ଫୋରେନ୍‌ସିକ୍ ଦଳକୁ ପଠାଯାଇଛି । ଏହି ମାମଲାରେ ପ୍ରଭାବିତ ଛାତ୍ରୀଙ୍କ ସଂଖ୍ୟା ବୃଦ୍ଧି ପାଇପାରେ ବୋଲି ସୂଚନା ମିଳିଛି ।

ଅକ୍ଟୋବର ୨୯ରେ ମେବୋ ଥାନାରେ ଜଣେ ଅଭିଭାବକ ଅଭିଯୋଗ ଦାଖଲ କରିଥିଲେ । ଅଭିଭାବକଙ୍କ ଅଭିଯୋଗ ପରେ ପୋଲିସ ମାମଲାର ତଦନ୍ତ ଆରମ୍ଭ କରି ୱାର୍ଡେନ ହେନ ଜନସନଙ୍କୁ ଗିରଫ କରିଥିଲା । ଭାଇଫେଙ୍କୁ ପୋକ୍‌ସୋ ଆଇନ ଅନୁଯାୟୀ ଗିରଫ କରାଯାଇଥିଲା । ତଦନ୍ତ ପରେ ଅଧିକ ଅଭିଭାବକ ଆଗକୁ ଆସି ଅଭିଯୋଗ ଦାଖଲ କରିଥିଲେ ।

ଅଭିଭାବକମାନେ କହିଛନ୍ତି ଯେ, ସ୍କୁଲର ପ୍ରିନ୍ସିପାଲ ହୋଇନୁ ଭାଇଫେ ଏବଂ ଆକାଉଣ୍ଟାଣ୍ଟ ନିଆଙ୍ଗଡୋଇଟିଂ ଭାଇଫେ *(ଶେଷ ପୃଷ୍ଠା ଦେଖନ୍ତୁ)*

# ୪୪ ତହସିଲରେ ଆରମ୍ଭ ହେଲା ଉପନିବନ୍ଧନ କାର୍ଯ୍ୟାଳୟ

**ଭୁବନେଶ୍ୱର,୧।୧୧: ଏକ୍ସପ୍ରେସ୍ ନ୍ୟୁଜ୍**

ସହଜ ହେବ ଜମିଜମା ପଞ୍ଜୀକରଣ ଓ କିଣାବିକା । ଘରେ ବସି ଅନ୍‌ଲାଇନ୍‌ରେ କରିପାରିବେ ସ୍ଲଟ୍ ବୁକ୍ । ଆଜି ଲୋକସେବା ଭବନରେ ରାଜ୍ୟର ୪୪ଟି ତହସିଲରେ ନୂତନ ଉପନିବନ୍ଧନ କାର୍ଯ୍ୟାଳୟ ଉଦ୍‌ଘାଟନ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ । ଆଜି ପ୍ରଥମ ପର୍ଯ୍ୟାୟରେ ୪୪ଟି ତହସିଲରେ ସବ୍-ରେଜିଷ୍ଟ୍ରେସନ କାର୍ଯ୍ୟାଳୟ ଆରମ୍ଭ ହୋଇଛି । ବାକି ଥିବା ଅନ୍ୟ ତହସିଲଗୁଡ଼ିକରେ ମଧ୍ୟ ଆସନ୍ତା ଡିସେମ୍ବର ସୁଦ୍ଧା ଏହି ସେବା ଉପଲବ୍ଧ ହେବ । ଏହା ପୂର୍ବରୁ ଇ-ରେଜିଷ୍ଟ୍ରେସନ ମୋବାଇଲ୍ ଆପ୍ ମଧ୍ୟ ଆରମ୍ଭ କରାଯାଇଛି ।

ପ୍ରଶାସନିକ କାର୍ଯ୍ୟରେ ସମ୍ପୂର୍ଣ୍ଣ ସ୍ୱଚ୍ଛତା ସୁନିଶ୍ଚିତ କରିବା, ଉନ୍ନତମାନର ସେବା ପ୍ରଦାନ କରିବା ଏବଂ ପ୍ରଶାସନ ଓ ଲୋକଙ୍କ ମଧ୍ୟରେ ସମନ୍ୱୟ ବୃଦ୍ଧି କରିବା ହେଉଛି ଏହି ପଦକ୍ଷେପର ମୂଳ



ଲକ୍ଷ୍ୟ । ଜନସାଧାରଣଙ୍କ ନିକଟରେ ସେବା ପହଞ୍ଚିବା ଦ୍ୱାରା ରେଜିଷ୍ଟ୍ରେସନ୍ କାର୍ଯ୍ୟକଳାପ ବୃଦ୍ଧି ପାଇବ । ଯାହା ଫଳରେ ରାଜସ୍ୱ ଆଦାୟରେ ମଧ୍ୟ ଉନ୍ନତି ଆସିବ । ଏହି ସଂସ୍କାରମୂଳକ ପଦକ୍ଷେପ ଜରିଆରେ ଲୋକଙ୍କ ସରକାର ନିଜର ପ୍ରତିବଦ୍ଧତାକୁ କାର୍ଯ୍ୟରେ ପରିଣତ କରୁଛନ୍ତି । ଯାହାଦ୍ୱାରା ନାଗରିକମାନଙ୍କର ସରକାରୀ ବ୍ୟବସ୍ଥା ଉପରେ ଆସ୍ଥା ଅଧିକ ଦୃଢ଼ ହେବ ।

ସୂଚନାଯୋଗ୍ୟ, ରାଜ୍ୟର ସମୁଦାୟ ୩୧୭ ତହସିଲ ମଧ୍ୟରୁ ୨୧୭ ତହସିଲରେ ପୂର୍ବରୁ ସବ୍-ରେଜିଷ୍ଟ୍ରେସନ ଅଫିସ୍ ଖୋଲାଯାଇଛି । ଅବଶିଷ୍ଟ ୧୦୦ରୁ ଆଜି ୪୪ଟି ସବ୍-ରେଜିଷ୍ଟ୍ରେସନ ଅଫିସ ଖୋଲାଗଲା । ବାକି ୫୬ଟି ପର୍ଯ୍ୟାୟକ୍ରମେ ଚଳିତବର୍ଷ ଶେଷ ସୁଦ୍ଧା ଖୋଲିବାପାଇଁ ଯୋଜନା ରଖାଯାଇଛି । ସର୍ବାଧିକ ମୟୁରଭଞ୍ଜରେ ୧୨, କୋରାପୁଟରେ ୭, ସମ୍ବଲପୁରରେ ୫, ଢେଙ୍କାନାଳରେ ୪ଟି, କନ୍ଧମାଳରେ ୩ଟି ତହସିଲରେ ଉପନିବନ୍ଧନ କାର୍ଯ୍ୟାଳୟ ଖୋଲିଛି ।

କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଗତ ୧୬ ମାସ ଧରି ଆମ ସରକାର ପ୍ରଶାସନିକ ବ୍ୟବସ୍ଥାରେ ଅନେକ ସଂସ୍କାର ଆଣିଛନ୍ତି । ଆମର ମୂଳ ଲକ୍ଷ୍ୟ ହେଉଛି ଶାସନ ବ୍ୟବସ୍ଥାକୁ ସ୍ୱଚ୍ଛ, ପାରଦର୍ଶୀ ଓ ଲୋକାଭିମୁଖୀ କରିବା । ଯେତେଦୂର ସମ୍ଭବ ଶାସନ ବ୍ୟବସ୍ଥାକୁ ଲୋକଙ୍କ ଦୁଆର ମୁହଁକୁ *(ଶେଷ ପୃଷ୍ଠା ଦେଖନ୍ତୁ)*

# ଏଥର ୪ ଦିନ ପଞ୍ଚକ ଶ୍ରୀକ୍ଷେତ୍ର ଲୋକାରଣ୍ୟ



**ପୁରୀ,୧।୧୧: ଏକ୍ସପ୍ରେସ୍ ନ୍ୟୁଜ୍**

ରାତି ପାହିଲେ ପଞ୍ଚକ । ଏଥର ୪ ଦିନ ପଞ୍ଚକ ରହୁଥିବାରୁ ଚାରି ଦୁର୍ଲଭ ବେଶରେ ଦର୍ଶନ ଦେବେ ଶ୍ରୀଜିଉ । ୨ ନଭେମ୍ବର ଅର୍ଥାତ କାଲି ହରି ଏକାଦଶୀରେ ହେବ ମହାପ୍ରଭୁଙ୍କ ଲକ୍ଷ୍ମୀ-ନାରାୟଣ ବେଶ । ୩ ନଭେମ୍ବରରେ ତ୍ରିବିକ୍ରମ ବେଶ, ୪ ନଭେମ୍ବରରେ ଲକ୍ଷ୍ମୀ-ନୃସିଂହ ବେଶ ଓ ୫ ନଭେମ୍ବର କାର୍ତ୍ତିକ ପୂର୍ଣ୍ଣିମାରେ ରାଜାଧିରାଜ ବେଶ ବା ସୁନାବେଶରେ ଦର୍ଶନ ଦେବେ ଠାକୁର । ଏଥର ବାଙ୍କ ଚୁଡ ବେଶ ହେବନାହିଁ ।

କୌଣସି ଅପ୍ରୀତିକର ଘଟଣାକୁ ଏଡାଇବା ପାଇଁ ବ୍ୟାପକ ବ୍ୟବସ୍ଥା ହୋଇଛି । ଏକମୁଖି ଦର୍ଶନ ପ୍ରବେଶ ବ୍ୟବସ୍ଥା ହୋଇଛି । ଶ୍ରଦ୍ଧାଳୁଙ୍କୁ ଭିତର କାଠ ମନା ହୋଇଛି । ପୂର୍ବରୁ ଭିଡ ଯୋଗୁଁ ଶ୍ରୀମନ୍ଦିରରେ ଅଘଟଣ ଘଟିଛି । ଆଜି ପୁଣି ଆନ୍ଧ୍ର ଶ୍ରୀକାକୁଲମରେ ଭେଙ୍କଟେଶ୍ୱର ମନ୍ଦିରରେ ଦଳାଚକଟାରେ ପ୍ରାଣ ହରାଇଛନ୍ତି ଶ୍ରଦ୍ଧାଳୁ । ଏହାକୁ ଦୃଷ୍ଟିରେ ରଖି ମାର୍କେଟ୍ ଛକ ପର୍ଯ୍ୟନ୍ତ ହୋଇଛି ବ୍ୟାରିକେଡ୍ ଓ ସେଡ୍ । ଚାରି ଦିନ କେବଳ ସିଂହଦ୍ୱାରରେ ପ୍ରବେଶ ଓ ଅନ୍ୟ ୩ ଦ୍ୱାରରେ ପ୍ରସ୍ଥାନ ନିଷ୍ପତ୍ତି ହୋଇଛି । ଭକ୍ତ କେବଳ ବାହାର କାଠରୁ ଶୃଙ୍ଖଳିତ ଦର୍ଶନ କରିବେ । ପୂର୍ଣ୍ଣିମା ଦିନ ଦ୍ୱିତୀୟ ଭୋଗ ମଣ୍ଡପ ପରଠାରୁ ଭିତରକାଠ ଦର୍ଶନ ପାଇଁ ହୋଇଛି ନିଷ୍ପତ୍ତି । ପୋଲିସ୍ ତରଫରୁ ଶ୍ରୀମନ୍ଦିର ଭିତରେ ଓ ବାହାରେ କଡା ସୁରକ୍ଷା ବ୍ୟବସ୍ଥା ରହିବ । ୪ ଦିନଯାକ ଶ୍ରୀମନ୍ଦିର ସହ ସହରର ଜନଗହଳି ସ୍ଥାନ, ଲୋକନାଥ ମନ୍ଦିର ଓ ବେଳାଭୂମି ଉପରେ କଡା ନଜର ରଖାଯାଇଛି ।

# ଯୁବତୀଙ୍କ ମୁହଁରେ ସ୍ପ୍ରେ ମାରି ଦୁଷ୍କର୍ମ !

**ବୀରମହାରାଜପୁର,୧।୧୧
ଏକ୍ସପ୍ରେସ୍ ନ୍ୟୁଜ୍**

ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ଥାନା ଉଲୁଣ୍ଡା ବ୍ଲକ ହିକୁଡିଠାରେ ଜଣେ ଯୁବତୀଙ୍କୁ ଗଣ ଦୁଷ୍କର୍ମ କରାଯାଇଥିବାର ଖବର ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳାଇ ଦେଇଛି । ଏନେଇ ବୀରମହାରାଜପୁର ଥାନାରେ ଶନିବାର ସକାଳେ ପୀଡିତା ଲିଖିତ ଅଭିଯୋଗ କରିଛନ୍ତି ।

ସୂଚନାରୁ ପ୍ରକାଶ, ଗତକାଲି ହିକୁଡି ଗ୍ରାମର ଜଣେ ଯୁବତୀ (୨୦) ଏକ ଘରୋଇ କମ୍ପାନିରୁ କାର୍ଯ୍ୟ ସାରି ଘରକୁ ଫେରୁଥିଲେ । ସନ୍ଧ୍ୟା ୫.୩୫ରେ ଘରକୁ ଫେରୁଥିବା ବେଳେ ହିକୁଡି ଆଇଟିଆଇ କଲେଜ୍ ପାଖରେ ଥିବା ବନ୍ଧ ପାଖରେ ତିନିଜଣ ମୁଖାପିନ୍ଧା ଯୁବକ ତାଙ୍କୁ ଅଟକାଇ ଏକ ତରଳ ପଦାର୍ଥ ସ୍ପ୍ରେ କରିଥିଲେ । ଏହାପରେ ପୀଡିତା ଚେତା ହରାଇଥିଲେ । ଏହାପରେ ଯୁବକମାନେ ପୀଡିତାଙ୍କୁ ଏକ ବିଲକୁ ଟାଣି ନେଇ ଦୁଷ୍କର୍ମ କରିଥିଲେ । ଯୁବତୀ ଜଣକ ଚେତା ଆସିବା ପରେ ଘରକୁ ଯାଇ ସବୁକଥା କହିଥିବା ବେଳେ ପରିବାର ଲୋକ ବୀରମହାରାଜପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଖବର ପାଇ ପ୍ରଥମେ ଧର୍ମଶାଳା ଫାଣ୍ଡି ଅଧିକାରୀ ବସନ୍ତ କୁମାର ରଥ ଘଟଣା ସ୍ଥଳରେ ପହଞ୍ଚି ଘଟଣା ସଂପର୍କରେ ଉଚ୍ଚ ପୁଲିସ୍ ଅଧିକାରୀଙ୍କୁ ଜଣାଇଥିଲେ ।

ଏହା ଏକ ସମ୍ବେଦନଶୀଳ ଘଟଣା ହୋଇଥିବାରୁ ସୁବର୍ଣ୍ଣପୁର ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ନାରାୟଣ ନାଏକ, ଉପଖଣ୍ଡ ପୁଲିସ ଅଧିକାରୀ ହେମନ୍ତ କୁମାର ରାଓ, ବୀରମହାରାଜପୁର ଥାନା ଅଧିକାରୀ ସାରଙ୍ଗଧର ପାଣିଗ୍ରାହୀ ଶୁକ୍ରବାର ରାତି ସାରା ତନାଘନା କରିଥିଲେ । ଶନିବାର ସକାଳେ ପୀଡିତା ବୀରମହାରାଜପୁର ଥାନାରେ ଲିଖିତ ଅଭିଯୋଗ କଲାପରେ ବୀରମହାରାଜପୁର ଥାନା କେସ୍ ନମ୍ବର ୨୨୯/୨୫ରେ ଏକ ମାମଲା ରୁଜୁ କରି ଇନସ୍ପେକ୍ଟର ଅବିନାଶ ପ୍ରଧାନ ଅଧିକ ତଦନ୍ତ ଚଳାଇଛନ୍ତି ।

ଏହି ଘଟଣାରେ ବୀରମହାରାଜପୁର ପୁଲିସ୍ ଦୁଇଜଣ ଯୁବକକୁ ଅଟକ ରଖି ପଚରାଉଚରା କରୁଥିବା ଜଣାପଡିଛି । ସୋନପୁର-ସମ୍ବଲପୁର ମୁଖ୍ୟ ରାସ୍ତା ଓ ଜନଗହଳିପୂର୍ଣ୍ଣ ଅଞ୍ଚଳରେ ଏଭଳି ଘଟଣା ଘଟିଥିବାରୁ ସ୍ଥାନୀୟ ଅଞ୍ଚଳରେ ଆଲୋଡନ ସୃଷ୍ଟି ହୋଇଛି ।

## ଏସଆଇ ପରୀକ୍ଷା କେଳେଙ୍କାରୀ

# ଶଙ୍କର ପୃଷ୍ଟି ଗିରଫ

**ଭୁବନେଶ୍ୱର,୧।୧୧
ଏକ୍ସପ୍ରେସ୍ ନ୍ୟୁଜ୍**

ଓଡ଼ିଶା ପୁଲିସ ଏସ୍‌ଆଇ ପରୀକ୍ଷା କେଳେଙ୍କାରୀ ଘଟଣାରେ କ୍ରାଇମବ୍ରାଞ୍ଚ ମୁଖ୍ୟ ଅଭିଯୁକ୍ତ ଶଙ୍କର ପୃଷ୍ଟିକୁ ଗିରଫ କରିଛି । ଅଭିଯୁକ୍ତ ଶଙ୍କରକୁ କ୍ରାଇମବ୍ରାଞ୍ଚର ଏକ ଟିମ୍ ଉତ୍ତରାଖଣ୍ଡରୁ ଗିରଫ କରିଥିବା ଜଣାପଡିଛି । ଏହି ଘଟଣାର ପର୍ଦ୍ଦାଫାସ ହେଲା ପରେ ଶଙ୍କର ସିଧାସଳଖ ନେପାଳ ପଳାୟନ କରିଥିଲା । ତେବେ ପୁଲିସ ଶଙ୍କରକୁ ଖୋଜିଖୋଜି ଉତ୍ତରାଖଣ୍ଡରେ ଠାବ କରିଥିଲା । ଗିରଫ ଅଭିଯୁକ୍ତ ଶଙ୍କର ପୃଷ୍ଟିକୁ କ୍ରାଇମବ୍ରାଞ୍ଚ ଓଡିଶାକୁ ନେଇ ଆସୁଛି । ମୁଖ୍ୟ ଅଭିଯୁକ୍ତ ଠାରୁ ଆହୁରି ଅଧିକ ତଥ୍ୟ ହାସଲ କରିବ ବୋଲି ଆଶା କରାଯାଉଛି ।

ବହୁ ଚର୍ଚ୍ଚିତ ପୁଲିସ ସବ୍ ଇନ୍ସପେକ୍ଟର ନିଯୁକ୍ତି ପରୀକ୍ଷାର ତଦନ୍ତ ଭାର କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ)କୁ *(ଶେଷ ପୃଷ୍ଠା ଦେଖନ୍ତୁ)*

# କେନ୍ଦ୍ରାପଡ଼ା ପୌରସଂସ୍ଥାକୁ ସ୍ୱଚ୍ଛତାର ପାଠ ପଢ଼ାଇବ ବିଏମ୍‌ସି

**କେନ୍ଦ୍ରାପଡ଼ା,୧।୧୧: ଏକ୍ସପ୍ରେସ୍ ନ୍ୟୁଜ୍**

ରାଜ୍ୟର ସର୍ବ ପ୍ରାଚୀନ କେନ୍ଦ୍ରାପଡ଼ା ପୌରସଂସ୍ଥାକୁ ମେଣ୍ଟର ଭାବେ ସ୍ୱଚ୍ଛତାର ପାଠ ପଢାଇବ ଭୁବନେଶ୍ୱର ମହାନଗର ନିଗମ (ବିଏମସି) । ସହରବାସୀଙ୍କୁ ସ୍ୱଚ୍ଛ ପରିବେଶ ଓ ପରିମଳ ଯୋଗାଇ ଦେବା ଭଳି ମୌଳିକ କର୍ତ୍ତବ୍ୟ ନିର୍ବାହ କରିବାରେ କେନ୍ଦ୍ରାପଡ଼ା ପୌରସଂସ୍ଥା ସମର୍ଥ ହୋଇ ପାରିନଥିବାରୁ ବିଭିନ୍ନ ସମୟରେ ଜନ ଅସନ୍ତୋଷ ଦେଖାଯାଉଛି । ବର୍ଜ୍ୟବସ୍ତୁର ପରିଚାଳନା ସହିତ ସଂଲଗ୍ନ କେନାଲ ଓ ଗୋବରୀ ନଦୀକୁ ଛଡ଼ାଯାଉଥିବା ସହରର ନାଳ ନର୍ଦ୍ଦମା ପାଣି କୁ ବନ୍ଦ କରାଇ ଏହାର ଟ୍ରିଟ୍‌ମେଣ୍ଟ କରାଇବାରେ ପୌରସଂସ୍ଥା ସକ୍ଷମ ହୋଇ ପାରିନଥିବାରୁ କେନ୍ଦ୍ରାପଡ଼ା ସହରର ପରିମଳ ବ୍ୟବସ୍ଥା ବୁଦ୍ଧିଜୀବି ମାନଙ୍କ ପାଇଁ ଚିନ୍ତାର କାରଣ ହୋଇ ଆସିଛି । ତେବେ କେନ୍ଦ୍ର ସରକାରଙ୍କ ସ୍ୱଚ୍ଛ ସହର ଯୋଡି ଯୋଜନାରେ କେନ୍ଦ୍ରାପଡ଼ା ଜିଲ୍ଲାର ଦୁଇଟି ଯାକ କେନ୍ଦ୍ରାପଡ଼ା ଓ ପଟ୍ଟାମୁଣ୍ଡାଇ ସହର ପାଇଁ ବିଏମସି ମେଣ୍ଟର ଭାବେ କାମ କରିବ । ଏଥିନେଇ ଗତ ମାସ ୨୭ ତାରିଖରେ ବିଏମସି ଓ କେନ୍ଦ୍ରାପଡାର ପୌରସଂସ୍ଥା ମଧ୍ୟରେ ଏମଓୟୁ ହୋଇଥିବା ଜଣାଯାଇଛି । କେନ୍ଦ୍ରାପଡ଼ା ସହରକୁ ସ୍ୱଚ୍ଛ ଓ ସୁନ୍ଦର କରିବା ପାଇଁ ବିଏମସି ମେଣ୍ଟର ଭାବେ କାମ କରିବ । ଶହେ ଦିନରେ ସହର ମଧ୍ୟରେ ଥିବା ଅଳିଆ ଅବର୍ଜନାମୟ ସ୍ଥାନର ଚିହ୍ନଟିକରଣ ସହ ଏହାର ନିରାକରଣ ପାଇଁ ବିଏମସି ସହଯୋଗୀ ହେବ । ଏହି ସମୟରେ ବିଏମସି ପକ୍ଷରୁ ଉନ୍ନତ ଜ୍ଞାନ କୌଶଳର ଉପଯୋଗ କରାଯିବ । ସହରବାସୀଙ୍କ ପାଇଁ ବ୍ୟାପକ ଫଳପ୍ରଦ ସଚେତନତା କାର୍ଯ୍ୟକ୍ରମ ଗ୍ରହଣ କରାଯିବ । ସହରର ପ୍ରତ୍ୟେକ ପରିବାରର ଆବର୍ଜନା ସଂଗ୍ରହ କରିବା, ସର୍ବ ସାଧାରଣ ଗତାଗତ ସ୍ଥାନକୁ ପରିଷ୍କାର ପରିଚ୍ଛନ୍ନ ରଖିବା, ବର୍ଜବସ୍ତୁର *(ଶେଷ ପୃଷ୍ଠା ଦେଖନ୍ତୁ)*

# ୧୯୭୧ ମହାବାତ୍ୟା: ଗୋଟିଏ ଦିନରେ ପଡେ ଗାଁ ସମୂହର ଶ୍ରାଦ୍ଧ

**ରାଜନଗର,୧।୧୧
ଏକ୍ସପ୍ରେସ୍ ନ୍ୟୁଜ୍**

ରାଜନଗର ବ୍ଲକ ଗୁପ୍ତି ପଚାଂୟତ ଓକିଲପାଳ ଗାଁ । ଯେଉଁଠି ଗୋଟିଏ ଦିନରେ ପଡେ ଗାଁ ସମୂହର ଶ୍ରାଦ୍ଧ । ଏହି ଦିନ ନିଜର ପୂର୍ବଜମାନଙ୍କୁ ପିଣ୍ଡଦାନ କରିଥାନ୍ତି ଗାଁ ଲୋକେ । ଆଜିବି ଏହି ଗାଁର ବୟସ୍କ ଲୋକଙ୍କ ମନରେ ୧୯୭୧ ମହାବାତ୍ୟାର ଭୟଙ୍କର ସ୍ମୃତି ସତେଜ ହୋଇରହିଛି । ଏହା ମଧ୍ୟରେ ପାଂଚ ଦଶନ୍ଧି ବିତି ଗଲାଣି । ଏହି ଗାଁର ବୟସ୍କ ସନାତନ ସାମଲ ନିଜ ପରିବାରର ୬ଜଣ ଲୋକଙ୍କୁ ହରାଇଥିଲେ । ଆଜିବି ସେ କଥା ମନେ ପଡିଲେ ତାଙ୍କ ଆଖିରୁ ଲୁହ ଝରିପଡେ । ବୟସ୍କା ମହିଳା ଦୁର୍ଗା ଦଳପତି କହନ୍ତି, ତାଙ୍କ ପରିବାରର ୧୭ଜଣ ଲୋକ ଭୟଙ୍କର ମହାବାତ୍ୟାରେ ଭାସିଗଲେ । ସେ ଏକ ପାଳଗଦା ଉପରେ ରହିଗଲେ । ଯଦୁମଣୀ ପରିଡା କୁହନ୍ତି, ତାଙ୍କ ପରିବାରରେ ୫ଜଣ ସଦସ୍ୟଙ୍କୁ ବାତ୍ୟାରେ ହରାଇଥିଲେ । ବିବାହର ମାତ୍ର ସପ୍ତାହେ ବିତିଥାଏ । ବାପା, ମାଆ, ଜେଜେମା ଓ ଭଉଣୀଙ୍କ ସହିତ ତାଙ୍କ ନବବିବାହିତା ପତ୍ନୀ ଭାସି ଯାଇଥିଲେ । ଆଜିବି ସେ ୫୫ବର୍ଷ ପରେ ସେ *(ଶେଷ ପୃଷ୍ଠା ଦେଖନ୍ତୁ)*

# ସ୍ୱରୋଜଗାର ମହିଳା: ସର୍ବାଧିକ ଗଞ୍ଜାମ ଜିଲ୍ଲାରେ

**ଭୁବନେଶ୍ୱର,୧।୧୧: ତଥ୍ୟ**

ରାଜ୍ୟ ସରକାର ଅଧିକରୁ ଅଧିକ ଲକ୍ଷପତି ଦିଦି ସୃଷ୍ଟି ଉପରେ ଜୋର ଦେଉଥିବାବେଳେ ବର୍ତ୍ତମାନ ସୁଦ୍ଧା ୩୭ଲକ୍ଷରୁ ଅଧିକ ମହିଳାଙ୍କୁ ସ୍ୱରୋଜଗାର ସୁଯୋଗ ପ୍ରଦାନ କରାଯାଇଛି । ଏମାନଙ୍କ ମଧ୍ୟରେ ସର୍ବାଧିକ ମହିଳା ରହିଛନ୍ତି ଗଞ୍ଜାମ ଜିଲ୍ଲାରେ ।

ମିଶନ ଶକ୍ତି ଜରିଆରେ ମହିଳାମାନଙ୍କୁ ସଂଗଠିତ କରି ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ ଏବଂ ଏହା ଜରିଆରେ ମହିଳାଙ୍କୁ ସ୍ୱରୋଜଗାର କରିବା ଦିଗରେ ସରକାର ପଦକ୍ଷେପ ନେଉଛନ୍ତି । ଏଥିପାଇଁ ବିଭିନ୍ନ ପଦକ୍ଷେପ ହାତକୁ ନିଆଯାଉଛି । ସ୍ୱୟଂ ସହାୟିକା ଗୋଷ୍ଠୀଗୁଡିକୁ ଦିଆଯାଉଥିବା ଆବର୍ତ୍ତନ ପାଣ୍ଠିକୁ ୧୫ ହଜାର ଟଙ୍କାରୁ ୩୦ ହଜାର ଟଙ୍କାକୁ ବୃଦ୍ଧି କରାଯାଇଥିବାବେଳେ ଗୋଷ୍ଠୀ ବିନିଯୋଗ ପାଣ୍ଠିକୁ ୩୫ଲକ୍ଷ ଟଙ୍କାରୁ ୬୦ଲକ୍ଷ ଟଙ୍କାକୁ ବଢାଇ ଦିଆଯାଇଛି । ଏମାନଙ୍କୁ ଜୀବନ ଜୀବିକା ପ୍ରଶିକ୍ଷଣ ଦେଇ ଲକ୍ଷପତି ଦିଦି ସୃଷ୍ଟି କରାଯାଉଛି । ବିଭିନ୍ନ ସରକାରୀ ବିଭାଗ ଦ୍ୱାରା ଏମାନଙ୍କୁ ବ୍ୟବସାୟର ସୁଯୋଗ ପ୍ରଦାନ କରାଯାଉଛି ।

ସ୍ୱୟଂ ସହାୟିକା ଗୋଷ୍ଠୀଗୁଡିକୁ ମହୁଚାଷ, କୁକୁଡା ଚାଷ, ଛେଳି ଚାଷ, ଛତୁ ଚାଷ ଭଳି ଯୋଜନା ଉପରେ କ୍ଲଷ୍ଟର ଭିତ୍ତିକ



ତାଲିମ ପ୍ରଦାନ କରାଯାଉଛି । ନିୟମିତ ଋଣ ପରିଶୋଧ କରୁଥିବା ମହିଳାମାନଙ୍କୁ ୧୦ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଉପରେ ସୁଧ ଛାଡ କରାଯାଉଛି ।

ସେହିଭଳି ମହିଳମାନଙ୍କ ଉତ୍ପାଦିତ ସାମଗ୍ରୀ ବିକ୍ରିପାଇଁ ସୁଭଦ୍ରା ଶକ୍ତି ମେଳାମାନ ଆୟୋଜନ କରାଯାଉଥିବାବେଳେ ବିଭିନ୍ନ ଇ-କମର୍ସ ସଂସ୍ଥା ସହିତ ଅନୁବନ୍ଧିତ କରାଯାଇଛି । ଏହା ଜରିଆରେ ସେମାନେ ନିଜ ନିଜର ଉତ୍ପାଦିତ ସାମଗ୍ରୀକୁ ଦେଶ ବିଦେଶରେ ବିକ୍ରି କରିପାରିବେ ।

ତେବେ ସରକାରୀ ହିସାବରେ ବର୍ତ୍ତମାନ ସୁଦ୍ଧା ରାଜ୍ୟର ୩,୫୨,୭୩୮ ସ୍ୱୟଂ ସହାୟିକା ଗୋଷ୍ଠୀର ୩୭ଲକ୍ଷ ୨୩ ହଜାରରୁ ଅଧିକ ମହିଳାଙ୍କୁ ସ୍ୱରୋଜଗାର ପ୍ରଦାନ କରାଯାଇଛି । ଏମାନଙ୍କ ମଧ୍ୟରେ ଗଞ୍ଜାମ ଜିଲ୍ଲାରେ ସର୍ବାଧିକ ୨ଲକ୍ଷ ୮୮ ହଜାର ମହିଳା ଥିବାବେଳେ କଟକ ଜିଲ୍ଲାରେ ୨ଲକ୍ଷ ୪୮ହଜାର ଓ ବାଲେଶ୍ୱରରେ ୨ଲକ୍ଷ ୪୭ହଜାର ମହିଳା ରହିଛନ୍ତି ।

ସେହିଭଳି ପୁରୀ ଜିଲ୍ଲାରେ ରୋଜଗାରକ୍ଷମ ହୋଇଥିବା ମହିଳାଙ୍କ ସଂଖ୍ୟା ୨ଲକ୍ଷ ୨୬ହଜାର ଥିବାବେଳେ ମୟୁରଭଞ୍ଜରେ ଏମାନଙ୍କ ସଂଖ୍ୟା ପାଖାପାଖି ୨ଲକ୍ଷ ରହିଛି । ସ୍ୱରୋଜଗାର ହୋଇଥିବା ୧ଲକ୍ଷରୁ ଅଧିକ ମହିଳା ସଂଖ୍ୟା ଥିବା ଜିଲ୍ଲା ମଧ୍ୟରେ ରହିଛି ଅନୁଗୁଳ, ବରଗଡ, ଭଦ୍ରକ, ବଲାଙ୍ଗିର, ଢେଙ୍କାନାଳ, ଜଗତ୍‌ସିଂହପୁର, ଯାଜପୁର, କଳାହାଣ୍ଡି, କେନ୍ଦ୍ରାପଡା, କେନ୍ଦୁଝର, ଖୋର୍ଦ୍ଧା, ନୟାଗଡା ଓ ସୁନ୍ଦରଗଡ । ସବୁଠାରୁ କମ୍ ମାତ୍ର ୩୨,୮୬୦ ଜଣ ମହିଳା ଦେବଗଡ ଜିଲ୍ଲାରେ ରୋଜଗାରକ୍ଷମ *(ଶେଷ ପୃଷ୍ଠା ଦେଖନ୍ତୁ)*

# ବିଭିନ୍ନ ପ୍ରଲୋଭନ ଦେଖାଇ ମହିଳାମାନଙ୍କୁ ଠକେଇ

**ବୈଶିଙ୍ଗା: ଏକ୍ସପ୍ରେସ ନ୍ୟୁଜ୍**

ଦୀର୍ଘ ଦିନ ଧରି ପର୍ଯ୍ୟାୟ କ୍ରମେ ଏସଏଚଜି ମହିଳାଙ୍କ ଠାରୁ ୩୫ ଲକ୍ଷ ଟଙ୍କା ଠକି ନେଇଥିବା ଘଟଣାରେ ଶୁକ୍ରବାର ଅପରାହ୍ନରେ ୩୩ଜଣ ମହିଳା ବୈଶିଙ୍ଗା ଥାନାରେ କରୁଣାକର ବେହେରାଙ୍କ ସ୍ତ୍ରୀ ନିନି ସିଂ ନାମରେ ଅଭିଯୋଗ କରିଥିଲେ। ସେହି ଅଭିଯୋଗ ନେଇ ୫୫୬/୨୫ ମୂଳେ ବୈଶିଙ୍ଗା ଥାନାରେ ଏକ ମାମଲା ରୁଜୁ କରାଯାଇଥିଲା। ଶନିବାର ଅଭିଯୁକ୍ତ ମହିଳା ନିନି ସିଂ (୪୦)ଙ୍କୁ ଗିରଫ କରି ଡାକ୍ତରଖାନାରେ ସ୍ୱାସ୍ଥ୍ୟ ପରୀକ୍ଷା ପରେ କୋର୍ଟ ଚାଲାଣ କରାଯାଇଛି।

ଘଟଣାରୁ ପ୍ରକାଶ ବିଦୁକୁଡିଆ ଗ୍ରାମର କରୁଣାକର ବେହେରାଙ୍କ ସ୍ତ୍ରୀ ନିନି ସିଂ ସେହି ଗ୍ରାମ ଏବଂ ମୋହନପୁର ଗ୍ରାମର ୩୩ଜଣ ମହିଳାଙ୍କୁ ବିଭିନ୍ନ ବ୍ୟାଙ୍କରେ ଖାତା ଖୋଲିବା ଏବଂ ଲୋନ କରାଇଦେବା ନାମରେ ୩୫ ଲକ୍ଷ ଟଙ୍କା ଠକି ନେଇ ଫେରାର ହୋଇଯାଇଥିଲା। ଏହି ବ୍ୟାଙ୍କ ଗୁଡିକ ମଧ୍ୟରେ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଏକ୍ସିସ ବ୍ୟାଙ୍କ, ଇଉନିଅନ ବ୍ୟାଙ୍କ, ୟୁକେ ବ୍ୟାଙ୍କ, ଭାରତୀୟ ଷ୍ଟେଟ ବ୍ୟାଙ୍କ, ଫୁଜିୟନ ଫାଇନାନ୍ସ, ଭାରତ ଫାଇନାନ୍ସ, ଗ୍ରାମୀଣ କୋଟା ଫାଇନାନ୍ସ, ଅନ୍ନପୂର୍ଣ୍ଣା ଫାଇନାନ୍ସ, ନାବର୍ଫିନ୍ ଫାଇନାନ୍ସ, ବନ୍ଧନ ଫାଇନାନ୍ସ ଆଦି ସଂସ୍ଥାରୁ ଅଭିଯୋଗକାରୀ ୩୩ ଜଣ ମହିଳାଙ୍କ ନାମରେ ଲୋନ କରାଯାଇଥିବାର ଜଣାଯାଇଛି। ବ୍ୟାଙ୍କମାନଙ୍କରୁ ନୋଟିସ ଆସିବାପରେ ସେମାନେ ଜାଣିବାକୁ ପାଇଥିଲେ। ଏ ନେଇ ୩୩ ଜଣଙ୍କ ହସ୍ତଗତ ସମ୍ବଳିତ ଏକ ଅଭିଯୋଗ ବୈଶିଙ୍ଗା ଥାନାରେ କରାଯାଇଛି। ଅଭିଯୋଗ ପାଇବା ପରେ ୫୫୬/୨୫ ମୂଳେ ମାମଲା ରୁଜୁ କରାଯାଇଛି। ପାଲଟା ଅଭିଯୋଗରେ ନିନି ସିଂ ଏକ ଅଭିଯୋଗ କରିଛନ୍ତି କି ସେ ଏବଂ ସ୍ୱାମୀ କରୁଣାକର ଦୀର୍ଘଦିନ ଧରି ଘରେ ନ ଥିବାରୁ ସମସ୍ତ ଆସବାବପତ୍ର ଗ୍ରାମବାସୀମାନେ ଲୁଟି ନେଇଛନ୍ତି।


# ଓଡ଼ିଶା ଏକ୍ସପ୍ରେସ

ଭୁବନେଶ୍ୱର ଓ କେନ୍ଦ୍ରାପଡା ରୁ ଏକସଙ୍ଗେ ପ୍ରକାଶିତ

ଭୁବନେଶ୍ୱର ୨ ନଭେମ୍ବର ୨୦୨୫ । ରବିବାର




## ୟୁଏଏସ୍‌କୁ ବିରୋଧ କଲା ଓଷ୍ଟା ସଂଗଠନ

**ଯାଜପୁର: ଏକ୍ସପ୍ରେସ ନ୍ୟୁଜ୍**

ଓଡିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା) ଯାଜପୁର ତରଫରୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଦ୍ୱାରା ପ୍ରଚଳିତ ୟୁଏଏସକୁ ବିରୋଧ କରି ଜିଲ୍ଲାଶିକ୍ଷାଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଉଦ୍ଦେଶ୍ୟରେ ମଧ୍ୟ ଏକ ଦାବିପତ୍ର ଜିଲ୍ଲାଶିକ୍ଷା ଅଧିକାରୀଙ୍କ ମାଧ୍ୟମରେ ପ୍ରେରଣ କରାଯାଇଥିଲା। ଜିଲ୍ଲା ଶିକ୍ଷାଅଧିକାରୀଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲା ଶିକ୍ଷାଅଧିକାରୀ ସୁରମା ମହାପାତ୍ର ଦାବିପତ୍ର ଗ୍ରହଣ କରିଥିଲେ। ଉପସ୍ଥିତ ପ୍ରତିନିଧି ମଣ୍ଡଳୀ ୟୁଏଏସ ପୋର୍ଟାଲକୁ ବିରୋଧ କରିବା ସହ, ୟୁଏଏସଜନିତ ଅସୁବିଧା ଉପରେ ଜୋର ଦେଇ ନିଜର ଦାବି ଜଣାଇଥିଲେ। ୟୁଏଏସ ଲାଗୁ କରିବା ପୂର୍ବରୁ ରାଜ୍ୟ ସରକାରଙ୍କୁ ପ୍ରଥମେ ଭିତ୍ତିଭୂମି ସଜାଡିବାକୁ ଦାବି ଜଣାଇଥିଲେ। ପ୍ରଥମତଃ ଉକ୍ତ ଆପ୍‌ର କାର୍ଯ୍ୟକାରିତା ଉପରେ ସନ୍ଦେହ, ଏହା କେତେବେଳେ ଚାଲୁଛି ତ ପୁଣି କେତେବେଳେ ବନ୍ଦ। ଦୀର୍ଘ ସମୟ ଧରି କେହି ଲଗଇନ କରିପାରୁନାହାନ୍ତି। ଅଧିକାଂଶ ବିଦ୍ୟାଳୟରେ ଇଂଟରନେଟର ସୁବିଧା ନାହିଁ, ଜିଲ୍ଲାରେ ଅଧିକାଂଶ ଶିକ୍ଷକ ମୋବାଇଲରେ ଅଭିଜ୍ଞ ନୁହଁନ୍ତି, ଅଭିଜ୍ଞ ନହୋଇଥିବା କାରଣରୁ ଅନ୍ୟ ତୃତୀୟ ପକ୍ଷଦ୍ୱାରା ବ୍ୟକ୍ତିଗତ ତଥ୍ୟ ଚୋରି ହେବା ସହ ଆର୍ଥିକ ଠକାମୀର ଶିକାର ହେଉଛନ୍ତି। ଏହି ଆପ୍‌କୁ ଚଳେଇବା ପାଇଁ କୌଣସି ବିଧିବଦ୍ଧ ପ୍ରଶିକ୍ଷଣ ମଧ୍ୟ ପ୍ରଦାନ କରାଯାଇ ନାହିଁ। ରାଜ୍ୟସରକାରଙ୍କ ଦ୍ୱାରା ଏଥିପାଇଁ କୌଣସି ସ୍ୱତନ୍ତ୍ର ମୋବାଇଲ କିମ୍ବା ଟ୍ୟାବଲେଟ ଦିଆଯାଇନାହିଁ କିମ୍ବା କୌଣସି ଅତ୍ୟଧିକ ଦେୟ ମଧ୍ୟ ଦିଆଯାଉନାହିଁ। ଏହାପରେ ବି ଜିଲ୍ଲାରେ ଅନେକ ଅଂଚଳରେ ମୋବାଇଲରେ ସଠିକ ଭାବେ ନେଟୱର୍କ ଆସୁନାହିଁ ଯାହାଦ୍ୱାରା କି ସମସ୍ତ ଶିକ୍ଷକ ପ୍ରଭାବିତ ହେବେ ବୋଲି ପ୍ରତିନିଧି ମଣ୍ଡଳୀ ଏକ ପ୍ରତିବାଦ ସଭା ମାଧ୍ୟମରେ ଉଦବୋଧନ ଦେଇ କହିଥିଲେ ଯେ, ରାଜ୍ୟ ସରକାର ଯଦି ଏ ସମସ୍ୟାର ସମାଧାନ ନ କରନ୍ତି ତାହେଲେ ଆନ୍ଦୋଳନ କରାଯିବ ବୋଲି ଉପସ୍ଥିତ ନେତାମାନେ କହିଥିଲେ। ଜିଲ୍ଲା ସଭାପତି ସୁନନ୍ଦ କୁମାର ରାଉତ ଓ ସମ୍ପାଦକ ପବିତ୍ର କୁମାର ପଣ୍ଡାଙ୍କ ନେତୃତ୍ୱରେ ଶତାଧିକ ଶିକ୍ଷକ ଆଜିର ପ୍ରତିବାଦ ସଭାରେ ଯୋଗଦେଇଥିଲେ। ରାଜ୍ୟ ସମ୍ପାଦକ ନିର୍ମଳ କୁମାର ଜେନା, ଜିଲ୍ଲା ଯୁଗ୍ମ ସମ୍ପାଦକ ରାଜକିଶୋର ପରିଡା, ସନ୍ତୋଷ କୁମାର ମିଶ୍ର, ମହିଳା ଯୁଗ୍ମ ସମ୍ପାଦିକା ମମତା ମିଶ୍ର, ବ୍ଲକ ସମ୍ପାଦକ ଦିବ୍ୟଲୋଚନ ମହାପାତ୍ର ପ୍ରମୁଖ ଉପସ୍ଥିତ ରହିବା ସହ ୟୁଏଏସର ସମସ୍ୟା ବିଷୟରେ ଆଲୋଚନା କରିଥିଲେ।

## ବିଲୁଆ କାମୁଡାରେ ୪ ଆହତ

**ବୁଗୁଡ଼ା: ଏକ୍ସପ୍ରେସ ନ୍ୟୁଜ୍**

ସମ୍ପ୍ରତି ବୁଗୁଡା ସହରରେ ଏକ ବାୟା ବିଲୁଆ ଶୁକ୍ରବାର ରାତିରୁ ଆତଙ୍କ ଖେଳାଇ ୪ ଜଣଙ୍କୁ କାମୁଡି ଆହତ କରିଥିବା ଜଣାଯାଇଛି। ଆହତମାନେ ହେଲେ ବିୟୁଟି ବେହେରା (୧୫), ଭାନୁମତି ସେଠୀ (୪୦), ଉଷାରାଣୀ ପାତ୍ର (୪୩), ଏଚ୍.ବେହେରା। ବାୟା ଚଢେଇ ବିଲୁଆଟି ସହରର ବାଲିପିଣ୍ଡି ସାହି, ପରିବା ବଜାର, ନେଳିଆ ବନ୍ଧ ଅଞ୍ଚଳରେ ଘୂରିବୁଲି ଲୋକଙ୍କୁ କାମୁଡି ଥିଲା। ବିଲୁଆ କାମୁଡାର ଶିକାର ହୋଇଥିବା ଏହି ୪ ଜଣ ଚିକିତ୍ସା ପାଇଁ ମେଡିକାଲକୁ ଯାଇଥିଲେ। ସେଠାରେ ସେମାନଙ୍କ କ୍ଷତ ସ୍ଥାନକୁ ଔଷଧ ଲଗାଇ ବ୍ୟାଣ୍ଡେଜ୍ କରାଯିବା ସହ ଆଣ୍ଟି ରାବିଜ୍ ଭେକସିନ୍ ଦିଆଯାଇଥିବା ବେଳେ ଏ ଘଟଣା ସହରବାସୀଙ୍କୁ ଆତଙ୍କିତ କରିଥିବା ଜଣାଯାଇଛି।

## ବ୍ୟବସାୟୀଙ୍କୁ ଅପହରଣ ଘଟଣା, ୪ କୋର୍ଟଚାଲାଣ


**ବୈଶିଙ୍ଗା/ବେତଟନୀ: ଏକ୍ସପ୍ରେସ ନ୍ୟୁଜ୍**

ମୟୁରଭଞ୍ଜ ଜିଲ୍ଲା ବୈଶିଙ୍ଗା ଥାନା ଅଧୀନ ଯୋଗଳ ଠାରେ ଥିବା କାମଧେନୁ ରାଇସ ମିଲର ମାଲିକ ବିଶିଷ୍ଟ ବ୍ୟବସାୟୀ ସୁନୀଲ କୁମାର ଅଗ୍ରୱାଲଙ୍କ ଅପହରଣ ଘଟଣାରେ ୪ ଅଭିଯୁକ୍ତ ଗିରଫ କରିଛି ପୁଲିସ। ସୂଚନା ମୁତାବକ ଅକ୍ଟୋବର ୨୩ ତାରିଖ ଦିନ ବ୍ୟବସାୟୀ କୌଣସି କାର୍ଯ୍ୟ ପାଇଁ ବାଲେଶ୍ୱର ଯାଉଥିବା ସମୟରେ ୧୮ନଂ ଜାତୀୟ ରାଜପଥ ପଦ୍ମନାଭପୁର ଟୋଲ ଗେଟ ନିକଟରେ ଏକ ବୁଲେଟ ଯୋଗେ ୨ ଜଣ ବ୍ୟକ୍ତି ତାଙ୍କ କାରକୁ ଅଟକାଇ ଥିଲେ ଏବଂ କାରରୁ ବଳପୂର୍ବକ ବାହାରକୁ ଆଣିଥିଲେ। ପରେ ବିଭିନ୍ନ ମାରଣାସ୍ତ୍ର ଦେଖାଇ ତାଙ୍କୁ ଏକ କାର୍ ଯୋଗେ ଅପହରଣ କରିନେଇଥିଲେ। ତାଙ୍କୁ ୮୦ ଲକ୍ଷ ଟଙ୍କା ଦେବା ପାଇଁ ଦାବି କରିଥିଲେ। ଟଙ୍କା ଦେଇନପାରିଲେ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ବ୍ୟବସାୟୀ ଜଣକ ଟଙ୍କା ଯୋଗାଡ଼ ପାଇଁ ନିଜ ମ୍ୟାନେଜରଙ୍କୁ ଫୋନ୍ ଯୋଗେ କହିଥିଲେ କିନ୍ତୁ ମ୍ୟାନେଜର ଏବଂ ପରିବାର ଲୋକେ ଚାଳିଶ ଲକ୍ଷ ଟଙ୍କା ଯୋଗାଡ଼ କରିବାରେ ସମର୍ଥ ହୋଇପାରିଥିଲେ। ଅଭିଯୁକ୍ତମାନେ ଉକ୍ତ ବ୍ୟବସାୟୀଙ୍କ ଠାରୁ ସେହି ଚାଳିଶ ଲକ୍ଷ ଟଙ୍କା ନେଇ ପଦ୍ମନାଭପୁର ଟୋଲ ଗେଟ ନିକଟକୁ ଆସିବାକୁ କହିଥିଲେ। ପରେ ଅଭିଯୁକ୍ତମାନେ ୪୦ ଲକ୍ଷ ଟଙ୍କା ନେଇ ବ୍ୟବସାୟୀଙ୍କୁ ଛାଡି ଦେଇଥିଲେ। ବ୍ୟବସାୟୀ ଜଣକ ଚିକିତ୍ସିତ ହେବା ପରେ ଭୟଭୀତ ହୋଇ ଏ ନେଇ ୩୧ ତାରିଖ ଦିନ ବୈଶିଙ୍ଗା ଥାନାରେ ଏକ ଲିଖିତ ଅଭିଯୋଗ ଦେଇଥିଲେ। ଅଭିଯୋଗକୁ ଆଧାର କରି ମୟୁରଭଞ୍ଜ ଏସ.ପି ବରୁଣ ଗୁଣ୍ଟୁପାଲିଙ୍କ ନିର୍ଦ୍ଦେଶ କ୍ରମେ ବୈଶିଙ୍ଗା, ବେତନଟୀ, ମୋରଡା ଓ ରୁପସା ପୁଲିସ ତଦନ୍ତ କରି ୪ ଜଣଙ୍କୁ ଗିରଫ କରିଥିଲା। ଗିରଫ ଅଭିଯୁକ୍ତମାନେ ହେଲେ ବାଲେଶ୍ୱର ଜିଲ୍ଲା ଅଧୀନ ରୁପ୍ସା ଥାନା ଗଡ଼ପଦା ଅଞ୍ଚଳର ଜାହିରଉଦ୍ଦିନ ଖାନର ପୁଅ ଜାଫର ଅହମଦ ଖାନ ଓରଫ ଅରମାନ ଖାନ (୩୪), ରୁପ୍ସା ଥାନା ଅଧୀନ ଆଗରବେରା ଗ୍ରାମର ସ୍ୱର୍ଗତ ଗୌରହରି ବାରିକଙ୍କ ପୁଅ ରାଜେଶ ବାରିକ ଓରଫ ରାଜା (୩୦, ମିରିଗିମୁଣ୍ଡି ଗ୍ରାମର କାହ୍ନୁ ଚରଣ ବେହେରାଙ୍କ ପୁଅ ଭବେଶ ଚନ୍ଦ୍ର ବେହେରା ଓରଫ ଦେବା (୧୯) ଏବଂ ହାତିଆଡ଼ିହା ଅଞ୍ଚଳର ବଳରାମ ରାଉତଙ୍କ ପୁଅ ଦିଲ୍ଲୀପ ରାଉତ ଓରଫ ଚିଣ୍ଟୁ (୨୦)ବୋଲି ପ୍ରେସ ମିଟରେ ଏସପି ପ୍ରକାଶ କରିଛନ୍ତି। ତାଙ୍କ ନିକଟରୁ ପୁଲିସ ନଗଦ ୮ ଲକ୍ଷ ୬୪ ହଜାର ସାତ ସହ ଟଙ୍କା ସହିତ ଜେଏଚ ୧୦ ସିଏନ ୦୫୨୨ ବିଶିଷ୍ଟ ଏକ କିଆ ସେଲ୍ଟୋସ, ଓଡି୦୧ ଏଏଲ ୫୩୨୪ ବିଶିଷ୍ଟ ଏକ ହୁଣ୍ଡାଇ କ୍ରେଟା, ୪ଟି ତେଲେଙ୍ଗା କଟୁରୀ, ୭ଟି ମୋବାଇଲ ଫୋନ ଜବଦ କରିଛି। ଅଧିକ ତଦନ୍ତ ପାଇଁ ପୁଲିସ ଅନ୍ୟ ଜଣେ ଅଭିଯୁକ୍ତକୁ ସନ୍ଦେହରେ ଅଟକ ରଖିଛି। ତେବେ ବ୍ୟବସାୟୀକ ଶତ୍ରୁତା ପାଇଁ ଏଭଳି ଘଟଣା ଘଟିଛି ବୋଲି ପ୍ରେସ ମିଟରେ ଏସପି ବରୁଣ ଗୁଣ୍ଟୁପାଲି ସୂଚନା ଦେଇଛନ୍ତି। ପ୍ରେସ ମିଟରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଏସପି ଦୀପକ ଗୋଛାୟତ, ଏସଡିପିଏ ମିନତୀ ବିଶ୍ୱାଳ, ବୈଶିଙ୍ଗା ଥାନାଧିକାରୀ ବାହାଣୀ ଦାସ ପ୍ରମୁଖ ଉପସ୍ଥିତ ରହିଥିଲେ। ଏହି ଘଟଣାରେ ଆଉ ୫ ଜଣଙ୍କ ସମ୍ପୃକ୍ତି ଥିବା ବେଳେ ବାରିପଦାର ଜଣେ ସହଯୋଗୀ ଥିବା ପ୍ରେସମିଟରେ ଏସପି ସୂଚନା ଦେଇଛନ୍ତି।



## ଜାଭେଦ ଅଖତରଙ୍କୁ ସୋଆ ସାହିତ୍ୟ ସମ୍ମାନରେ ସମ୍ବର୍ଦ୍ଧିତ କରାଯିବ

**ଭୁବନେଶ୍ୱର : ଏକ୍ସପ୍ରେସ ନ୍ୟୁଜ୍**



ଭାରତୀୟ ଚଳଚ୍ଚିତ୍ର ଓ ସାହିତ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ଓ ଜୀବନବ୍ୟାପୀ ଅବଦାନ ନିମନ୍ତେ ପ୍ରଖ୍ୟାତ କବି, ସଂଳାପ ଲେଖକ, ଗୀତିକାର ଓ ସମାଜ ଚିନ୍ତକ ପଦ୍ମ ଭୂଷଣ ଜାଭେଦ ଅଖତରଙ୍କୁ ସୋଆ ସାହିତ୍ୟ ସମ୍ମାନ ୨୦୨୫ ପ୍ରଦାନ କରାଯିବ। ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ପରିସରରେ ନଭେମ୍ବର ୨୯ ତାରିଖରେ ଆୟୋଜିତ ହେବାକୁଥିବା ୨-ଦିନିଆ ତୃତୀୟ ସୋଆ ସାହିତ୍ୟ ଉତ୍ସବର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଏହି ପ୍ରଖ୍ୟାତ ସାହିତ୍ୟ ସାଧକଙ୍କୁ ସମ୍ବର୍ଦ୍ଧିତ କରାଯିବ। ସୋଆ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରତିଷ୍ଠିତ ସୋଆ ସାହିତ୍ୟ ସମ୍ମାନ ଦେଶରେ ସାହିତ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ରଖିଥିବା ବିଶିଷ୍ଟ ବ୍ୟକ୍ତି ବିଶେଷଙ୍କୁ ପ୍ରଦାନ କରାଯାଇଥାଏ। ବିଶିଷ୍ଟ ଲେଖକ, କବି ଓ ଚିନ୍ତକ ଯେଉଁମାନଙ୍କର ଏହି କ୍ଷେତ୍ରରେ ଉତ୍କର୍ଷତା, ସୃଜନଶୀଳତା ଓ ବୌଦ୍ଧିକ ଗଭୀରତା ରହିଛି ସେମାନଙ୍କୁ ସମ୍ମାନିତ କରିବା ହିଁ ସୋଆ ସାହିତ୍ୟ ସମ୍ମାନର ବିନମ୍ର ଉଦ୍ଦେଶ୍ୟ। ଅଖତର ଏକାଧାରରେ ଜଣେ ସଂଳାପ ଲେଖକ, ଗୀତିକାର, କବି ଏବଂ ଚିନ୍ତକ। ତାଙ୍କର ଲେଖନୀ ଆଧୁନିକ ଭାରତର ଭାବପ୍ରବଣ ଓ ସାଂସ୍କୃତିକ ଦୃଶ୍ୟପଟ୍ଟକୁ ସମୃଦ୍ଧ କରିଆସିଛି। ଜଣେ ଉଚ୍ଚକୋଟୀର ଗୀତିକାର ଭାବେ ତାଙ୍କର କୃତି ଭାରତୀୟ ସିନେମାକୁ ଆହୁରି ସମୃଦ୍ଧ କରିବାରେ ସହାୟକ ହୋଇଛି। ପାଞ୍ଚ ଥର ଜାତୀୟ ଚଳଚ୍ଚିତ୍ର ପୁରସ୍କାର ଏବଂ ୧୫ ଥର ଫିଲ୍ମଫେୟାର ପୁରସ୍କାରରେ ସମ୍ମାନିତ ଅଖତରଙ୍କୁ ୧୯୯୯ ମସିହାରେ ପଦ୍ମଶ୍ରୀ, ୨୦୦୭ରେ ପଦ୍ମ ଭୂଷଣ ଓ ୨୦୧୪ରେ ସାହିତ୍ୟ ଅକାଦେମୀ ସମ୍ମାନରେ ସମ୍ମାନିତ କରାଯାଇଛି। ତାଙ୍କର କବିତା ସଂକଳନ 'ତର୍କଷ' ଓ 'ଲାଭା' ଆଧୁନିକ ହିନ୍ଦୀ ସାହିତ୍ୟରେ ସର୍ବାଦୃତ ପୁସ୍ତକ ଭାବେ ପରିଗଣିତ ହେବା ସହ ବିଭିନ୍ନ ଭାରତୀୟ ଏବଂ ବିଦେଶୀ ଭାଷାରେ ମଧ୍ୟ ଅନୁବାଦ କରାଯାଇଛି। ଉନ୍ନତ ଚିନ୍ତାଧାରା ସମ୍ପନ୍ନ ଅଖତର ହାର୍ଭାର୍ଡ, ଅକ୍ସଫୋର୍ଡ ଏବଂ କେମ୍ବ୍ରିଜ୍ ଭଳି ପୃଥିବୀର ଅଗ୍ରଣୀ ବିଶ୍ୱବିଦ୍ୟାଳୟ ଗୁଡ଼ିକରେ ଛାତ୍ରଛାତ୍ରୀ ଓ ପ୍ରଫେସର ମାନଙ୍କୁ ସମ୍ବୋଧିତ କରିଛନ୍ତି। ଭାରତୀୟ ସିନେମାର ଶବ୍ଦର ଯାଦୁକର ଭାବେ ପରିଚିତ ଜାଭେଦ ଅଖତରଙ୍କ ସାହିତ୍ୟ କୃତି ଯୁବପିଢ଼ିଙ୍କୁ ଉତ୍ସାହ ପ୍ରଦାନ କରି ଆସିଛି। ଜାଭେଦ ଅଖତରଙ୍କୁ ସୋଆ ସାହିତ୍ୟ ସମ୍ମାନ ପ୍ରଦାନ ଅବସରରେ ୭ ଲକ୍ଷ ଟଙ୍କାର ପୁରସ୍କାର ରାଶି ସହିତ ମାନପତ୍ର, ଦେବୀ ସରସ୍ୱତୀଙ୍କ ରୌପ୍ୟ ମୂର୍ତ୍ତୀ ଓ ଉତରୀୟ ପ୍ରଦାନ କରାଯିବ। ଭାରତୀୟ ସମ୍ବିଧାନ ଅନୁମୋଦିତ ଯେକୌଣସି ଭାରତୀୟ ଭାଷାର ସାହିତ୍ୟିକଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଥାଏ। ସୋଆ ପରିଚାଳିତ ସେଂଟର ଫର ପ୍ରିଜରଭେସନ୍, ପ୍ରୋପାଗେସନ୍ ଆଣ୍ଡ ରେଷ୍ଟୋରେସନ୍ ଅଫ୍ ଏନ୍‌ସିଏଂଟ କଲ୍‌ଚର ଆଣ୍ଡ ହେରିଟେଜ ଅଫ୍ ଇଣ୍ଡିଆ (ପ୍ରାଚୀନ) ପକ୍ଷରୁ ଆସନ୍ତା ନଭେମ୍ବର ୨୯ ଓ ୩୦ ଦୁଇ ଦିନ ଧରି ଏହି ସାହିତ୍ୟ ଉତ୍ସବ ଆୟୋଜିତ ହେବାର କାର୍ଯ୍ୟକ୍ରମ ରହିଛି। ଚଳିତ ବର୍ଷର ପ୍ରସଙ୍ଗ ହେଉଛି 'କଲ୍‌ଚର, କ୍ରିଏଟିଭିଟି ଆଣ୍ଡ ଆର୍ଟିଫିସିଆଲ୍ ଇନ୍‌ଟେଲିଜେନ୍ସ' ଅର୍ଥାତ ସଂସ୍କୃତି, ସର୍ଜନଶୀଳତା ଓ କୃତ୍ରିମ ବୁଦ୍ଧିମତା। ଏହି ସୂଚନା ଦେଇଛନ୍ତି ପ୍ରାଚୀନର ମୁଖ୍ୟ ତଥା ଉତ୍ସବର ନିର୍ଦ୍ଦେଶିକା ପ୍ରଫେସର ଗାୟତ୍ରୀବାଳା ପଣ୍ଡା। ଚଳିତ ବର୍ଷର ସାହିତ୍ୟ ଉତ୍ସବରେ ଦେଶର କୋଣ ଅନୁକୋଣରୁ ପ୍ରାୟ ୧୦୦ରୁ ଊର୍ଦ୍ଧ୍ୱ ବିଶିଷ୍ଟ ଲେଖକ, କବି, ଚିତ୍ରକାର, ଔପନ୍ୟାସିକ, ଅନୁବାଦକ, ପ୍ରକାଶକ, ଚିନ୍ତକ, ନାଟକ ଏବଂ ଗଣମାଧ୍ୟମ ଜଗତର ବିଶିଷ୍ଟ ବ୍ୟକ୍ତି ବିଶେଷ ଯୋଗ ଦେବାର କାର୍ଯ୍ୟକ୍ରମ ରହିଥିବା ବେଳେ ଦୁଇ ଦିନିଆ ଏହି ଉତ୍ସବରେ ୩୦ଟି ବିଭିନ୍ନ ଅଧିବେଶନ ରଖାଯାଇଛି ବୋଲି ପ୍ରଫେସର ପଣ୍ଡା ସୂଚନା ଦେଇଛନ୍ତି।

## ବୁଲା ଗାଈଗୋରୁକୁ ଅଟକ ରଖି ମହିଳାଙ୍କ ପ୍ରତିବାଦ

**ବୁଗୁଡା: ଏକ୍ସପ୍ରେସ ନ୍ୟୁଜ୍**

ବୁଗୁଡ଼ା ସହରସ୍ଥ ରାଜରାସ୍ତା ସମେତ ବିଭିନ୍ନ ସାହି ରାସ୍ତାରେ ବୁଲା ଗାଈଗୋରୁଙ୍କ ଅବାଧ ବିଚରଣ ଏକ ସାଧାରଣ ଘଟଣା ପାଲଟିଥିବା ବେଳେ ଏହାର କୌଣସି ସ୍ଥାୟୀ ପ୍ରତିକାର ବ୍ୟବସ୍ଥା ଏନ୍‌ଏସି ପ୍ରଶାସନ ପକ୍ଷରୁ କରାଯାଇପାରୁନଥିବାରୁ ଲୋକେ ଏହି ଦୂରାବସ୍ଥା ପ୍ରତି ଏକପ୍ରକାର ଅଭ୍ୟସ୍ତ ହୋଇଗଲେଣି। ତେବେ ବୁଲା ଗାଈଗୋରୁଙ୍କ ଯୋଗୁଁ ବୁଗୁଡା ସହରର ଟ୍ରାଫିକ ବ୍ୟବସ୍ଥା ଭୁଷୁଡି ପଡିଥିବା ବେଳେ ଏବେ ସେମାନଙ୍କ ପ୍ରାର୍ଦୁଭାବ ଯୋଗୁଁ ଚାଷୀଙ୍କ ଫସଲହାନି ମଧ୍ୟ ଘଟୁଛି। ବୁଲା ଗାଈଗୋରୁ ରାତିରେ ଲୋକଙ୍କ କ୍ଷେତରେ ପଶି ଫସଲ ଖାଇବା ସହ ନଷ୍ଟ କରୁଛନ୍ତି। ଚାଷୀ ରାତିରେ ନିଜର ଫସଲକୁ ଜଗିବାକୁ ଯାଇ ଅନିଦ୍ରା ହେବାକୁ ପଡୁଛି। ଏଥିରୁ ବର୍ତ୍ତିବା ପାଇଁ ଚାଷୀମାନେ ମିଳିତ ହୋଇ ଫସଲ ହାନି କରୁଥିବା ଗାଈଗୋରୁକୁ ଆଣି ସ୍ଥାନୀୟ ବାଗଦେବୀଙ୍କ ମନ୍ଦିର ପରିସରରେ ଅଟକାଇ ରଖି ଏନ୍‌ଏସି କାର୍ଯାଳୟ କର୍ତ୍ତୃପକ୍ଷଙ୍କୁ ଅବଗତ କରାଇ ଏହାର ପ୍ରତିକାର ବ୍ୟବସ୍ଥା ପାଇଁ ଦାବି କରିଥିଲେ। ଅନ୍ୟପକ୍ଷରେ ମନ୍ଦିର ପରିସରରେ ଅଟକ ଥିବା ଗାଈଗୋରୁ ଯୋଗୁଁ ପୁଣ୍ୟ ମାସ କାର୍ତ୍ତିକରେ ମନ୍ଦିରକୁ ଯାଉଥିବା ଭକ୍ତଙ୍କୁ ମଧ୍ୟ ଅନେକ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ତେଣୁ ଏବେ ଅଟକ ସମସ୍ତ ଗାଈଗୋରୁକୁ ମୁକ୍ତ କରାଯିବା ସହ ଡାକବାଜି ଯନ୍ତ୍ର ମାଧ୍ୟମରେ ଲୋକଙ୍କୁ ସଚେତନ କରି ପୁଣି କାର୍ତ୍ତିକ ପୂର୍ଣ୍ଣିମା ପରେ ବୁଲା ଗାଈଗୋରୁଙ୍କୁ ଅଟକ ରଖାଯାଇ ସମ୍ପୃକ୍ତ ଗାଈଗୋରୁଙ୍କ ମାଲିକମାନଙ୍କ ଉପରେ ନିଶ୍ଚିତ ଭାବେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କାର୍ଯ୍ୟନିର୍ବାହୀ ଅଧିକାରୀ ବିଭୁତି ଭୂଷଣ ବେହେରାଙ୍କଠାରୁ ପ୍ରକାଶ ପାଇଥିବା ଜଣାପଡ଼ିଛି।

## ସବରେଜିଷ୍ଟ୍ରି କାର୍ଯ୍ୟାଳୟ ଉଦଘାଟିତ

**ଠାକୁରମୁଣ୍ଡା: ଏକ୍ସପ୍ରେସ ନ୍ୟୁଜ୍**

ଠାକୁରମୁଣ୍ଡା ତହସିଲ କାର୍ଯ୍ୟାଳୟରେ ସବରେଜିଷ୍ଟ୍ରାର କାର୍ଯ୍ୟାଳୟ ସ୍ଥାନୀୟ ବିଧାୟକଙ୍କ ଦ୍ୱାରା ଉଦଘାଟିତ ହୋଇ ଥିବାର ଜଣାଯାଇଛି ସରକାର ମନଇଚ୍ଛା କାର୍ଯ୍ୟାଳୟ ମାନ ଖୋଲି ଚାଲିଥିବାବେଳେ ଏଥିପାଇଁ ଭିତ୍ତିଭୂମି ଏବଂ କର୍ମଚାରୀ ଅଭାବ ଥିବାବେଳେ ଏଭଳି କାର୍ଯ୍ୟାଳୟ ମାନ ଖୋଲି ଚାଲିଛନ୍ତି। ବିଭିନ୍ନ କାର୍ଯ୍ୟାଳୟ ଓ ସମସ୍ତ ବିଦ୍ୟାଳୟ ଗୁଡିକରେ ଏଭଳି କାର୍ଯ୍ୟାଳୟ ଖୋଲିବା ଘଟଣା ହାସ୍ୟାସ୍ପଦ ହୋଇଥିବାବେଳେ, ବିଧାୟକ, ତହସିଲଦାର, ସବ ରେଜିଷ୍ଟ୍ରି (ଉପ ନିବନ୍ଧକ) ଅଫିସର ଏବଂ ଅନ୍ୟ ଅଧିକାରୀମାନେ ବିଭିନ୍ନ ସରକାରୀ କାର୍ଯ୍ୟକ୍ରମରେ ସ୍ଥାନୀୟ ସାମ୍ବାଦିକମାନଙ୍କୁ ଉପେକ୍ଷା କରୁଥିବାର ଅଭିଯୋଗ ହେଉଛି। ସରକାରୀ ଅଧିକାରୀ ତଥା ବିଧାୟକଙ୍କ ବାଟମାରଣା କଥା କାଳେ ପଦାରେ ପଡ଼ିଯିବ ବୋଲି ଭୟ କରି ବିଧାୟକ ଏଭଳି ସମସ୍ତ କାର୍ଯ୍ୟକ୍ରମକୁ ସାମ୍ବାଦିକମାନଙ୍କୁ ଅଣଦେଖା କରୁଥିବାର ସାଧାରଣରେ ଚର୍ଚ୍ଚା ହେଉଛି।

## ସଂରକ୍ଷିତ ଜଙ୍ଗଲରୁ ଦନ୍ତାର ମୃତଦେହ ଠାବ

**ଭଞ୍ଜନଗର: ଏକ୍ସପ୍ରେସ ନ୍ୟୁଜ୍**

ଥମୁନି ହାତୀ ମଣିଷ ଲଢେଇ, ସଂରକ୍ଷିତ ଜଙ୍ଗଲରୁ ଦନ୍ତାର ମୃତଦେହ ଠାବ। ଶନିବାର ସକାଳେ ଗଞ୍ଜାମ ଜିଲ୍ଲା ଭଞ୍ଜନଗର ଉତ୍ତର ଘୁମୁସର ବନଖଣ୍ଡର ମୁଜାଗଡ ରେଞ୍ଜ ଅନ୍ତର୍ଗତ ବାଇବାଲି ସେକ୍ସନ ବାଣିଆପଲ୍ଲୀ ସଂରକ୍ଷିତ ଜଙ୍ଗଲର ଭାଗ -୬ରୁ ବନ ବିଭାଗ ଏକ ଦନ୍ତା ହାତୀର ମୃତଦେହ ଠାବ କରିଛି। ଖବର ପାଇ ଡିଏଫଓ ହିମାଂଶୁ ଶେଖର ମହାନ୍ତି, ରେଞ୍ଜର ବିଦ୍ୟାଧର ସାହୁ ପ୍ରମୁଖ ଘଟଣାସ୍ଥଳକୁ ଯାଉଛନ୍ତି। ସେହିପରି ବ୍ରହ୍ମପୁରରୁ ଆରସିସିଏଫ ମଧ୍ୟ ଘଟଣାସ୍ଥଳକୁ ଆସୁଥିବା ଜଣାପଡିଛି। ଦନ୍ତା ହାତୀଟିର ଦୁଇ ତଳେ ମୃତ୍ୟୁ ହୋଇଥିବା ସନ୍ଦେହ କରାଯାଉଛି। ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ବାଣିଆପଲ୍ଲୀ ସଂରକ୍ଷିତ ଜଙ୍ଗଲରେ ଏବେ ଶିକାରୀମାନେ ଜନ୍ତୁ ଶିକାର ପାଇଁ ବିଦ୍ୟୁତ୍ ଫାଶ ବସାଉଛନ୍ତି। ଏଥିରେ ଲାଗି ହାତୀଟିର ମୃତ୍ୟୁ ହୋଇଥାଇପାରେ ବୋଲି ସନ୍ଦେହ କରାଯାଉଛି। ଅପରାହ୍ନରେ ଜେଟିଏଫ ଟିମ୍ ଭୁବନେଶରରୁ ଆସି ପହଞ୍ଚିବା ପରେ ହାତୀଟିର ବ୍ୟବଚ୍ଛେଦ କରାଯିବ। ସୂଚ୍ନାଯୋଗ୍ୟ ଯେ, ପୂର୍ବରୁ ମୁଜାଗଡ ରେଞ୍ଜର ବାଲାଟୁନ ଠାରେ ଏକ ଦନ୍ତା ଆକ୍ରମଣରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିଲା। ଏବେ ଏକ ଦନ୍ତା ହାତୀର ମୃତ୍ୟୁ ହୋଇଛି।

## ନଦୀରେ ବୁଡି ବୃଦ୍ଧ ମୃତ୍ୟୁ

**ବୁଗୁଡା: ଏକ୍ସପ୍ରେସ ନ୍ୟୁଜ୍**

ବୁଗୁଡ଼ା ଥାନା ଅନ୍ତର୍ଗତ କୁଆଁନଳା ଗ୍ରାମର ଜନୈକ ବୃଦ୍ଧ ବ୍ୟକ୍ତି ବାଘୁଆ ନଦୀରେ ବୁଡି ମୃତ୍ୟୁ ବରଣ କରିଥିବା ଜଣାଯାଇଛି। ମୃତ ବୃଦ୍ଧ ଜଣକ ହେଲେ ବାଞ୍ଛାନିଧି ଗୌଡ(୬୫)। ପ୍ରକାଶ ଯେ, ଶନିବାର ଅପରାହ୍ନରେ ବାଞ୍ଛାନିଧି ଶୌଚ କରିବା ପାଇଁ ଗାଁ ନିକଟସ୍ଥ ବାଘୁଆ ନଦୀକୁ ଯାଇଥିଲେ। ଅସାବଧାନତା ବଶତଃ ସେ ପାଣିରେ ବୁଡି ଯାଇଥିଲେ। ଆଖପାଖରେ ଥିବା ଲୋକେ ତାଙ୍କୁ ସେଠାରୁ ଅଚେତ ଅବସ୍ଥାରେ ଉଦ୍ଧାର କରି ବୁଗୁଡା ମେଡିକାଲକୁ ଆଣିଥିଲେ। ମେଡିକାଲରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ଖବର ପାଇ ପୋଲିସ ମେଡିକାଲରେ ପହଞ୍ଚି ଶବକୁ ଜବତ କରିବା ସହ କେସ୍ ନଂ ୨୧/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିବା ଜଣାଯାଇଛି।

### ବାଣିଜ୍ୟ

## ଓଡିଶା ବଜେଟ୍ ପାଣ୍ଠିକୁ ସିଏଜିଙ୍କ ପ୍ରଶଂସା

**ଭୁବନେଶ୍ୱର: ଏକ୍ସପ୍ରେସ ନ୍ୟୁଜ୍**




ଆହ୍ୱାନପୂର୍ଣ୍ଣ ସମୟର ଆବଶ୍ୟକତା ପୂରଣ କରିବା ଲାଗି ରାଜ୍ୟ ସରକାର ବଜେଟ୍ ସ୍ଥିରତା ପାଣ୍ଠି ଗଠନ କରିଛନ୍ତି। ଓଡିଶା ହେଉଛି ଏକମାତ୍ର ରାଜ୍ୟ ଯାହା ପାଖରେ ଏଭଳି ପାଣ୍ଠି ରହିଛି। ସେହି ବ୍ୟବସ୍ଥାକୁ ଦେଶର ମହାଲେଖା ନିୟନ୍ତ୍ରକ ଓ ମହାସମୀକ୍ଷକ (ସିଏଜି) ପ୍ରଶଂସା କରିଛନ୍ତି। ଓଡିଶା ମଡେଲ୍‌କୁ ଗ୍ରହଣ କରିବା ଲାଗି ଅନ୍ୟ ରାଜ୍ୟମାନଙ୍କୁ ସିଏଜି ପରାମର୍ଶ ଦେଇଛନ୍ତି। ଅନେକ ରାଜ୍ୟ ବଜେଟ୍ ପ୍ରସ୍ତୁତି ବେଳେ ସଠିକ୍ ଅଭ୍ୟାସ ଗ୍ରହଣ କରୁନାହାନ୍ତି। ଏହା ମଧ୍ୟ ଅଭିଯୋଗ ରହୁଛି ଯେ ରାଜସ୍ୱକୁ ନେଇ ସେମାନେ ଉପଯୁକ୍ତ ଯୋଜନା କରିପାରୁନାହାନ୍ତି। ସେଭଳି ରାଜ୍ୟମାନଙ୍କୁ ଓଡିଶା ଆଧାରରେ ବଜେଟ୍ ସ୍ଥିରତା ପାଣ୍ଠି ଗଠନ କରିବାକୁ ସିଏଜି ପରାମର୍ଶ ଦେଇଛନ୍ତି। ୨୦୨୦ରେ କୋଭିଡ୍ ମହାମାରୀ ବ୍ୟାପିବା ପରେ ଓଡିଶାରେ ଏହି ପାଣ୍ଠି ଗଠନ କରାଯାଇଥିଲା। ୨୦୨୩-୨୪ ପରଠାରୁ ଖଣି ରାଜସ୍ୱର କିଛି ଅଂଶକୁ ସେହି ପାଣ୍ଠିରେ ଜମା କରାଯାଉଛି।

ଉକ୍ତ ପାଣ୍ଠିରେ ୨୧,୦୦୦ କୋଟି ଟଙ୍କାରୁ ଅଧିକ ରାଶି ରହିଛି। ଏହାକୁ ୫୦ ହଜାର କୋଟି ଟଙ୍କା ପର୍ଯ୍ୟନ୍ତ ବଢ଼ାଇବା ଉପରେ ରାଜ୍ୟ ସରକାର କାର୍ଯ୍ୟ କରୁଛନ୍ତି। ନିକଟରେ ଦିଲ୍ଲୀରେ ସିଏଜି ପକ୍ଷରୁ ଆୟୋଜିତ ଏକ ସମ୍ମିଳନୀରେ ଉପ ସିଏଜି ଜୟନ୍ତ ସିହ୍ନା କହିଥିଲେ ଯେ ଓଡିଶାର ବଜେଟ୍ ସ୍ଥିରତା ପାଣ୍ଠି ହେଉଛି ଏକ ଉଲ୍ଲେଖନୀୟ ବ୍ୟବସ୍ଥା। ରାଜସ୍ୱ ବଳକା ଥିବା ରାଜ୍ୟଗୁଡିକ ସେହି ମଡେଲ୍ ଅନୁସରଣ କରିପାରିବେ। ଉକ୍ତ ସମ୍ମିଳନୀରେ ଓଡିଶାର ମଡେଲ୍‌କୁ ଶ୍ରେଷ୍ଠ ବୋଲି ସ୍ୱୀକୃତି ଦିଆଯାଇଥିଲା। ପ୍ରତିବର୍ଷ ଓଡିଶା ସରକାର କିଛି ପାଣ୍ଠିକୁ ବଜେଟ୍ ସ୍ଥିରତା ପାଣ୍ଠିରେ ଜମା କରୁଛନ୍ତି। ତାହାକୁ ସରକାରୀ ଖାତା ବାହାରେ ରଖାଯାଇଛି। ଭାରତୀୟ ରିଜର୍ଭ ବ୍ୟାଙ୍କ ତାହାର ପରିଚାଳନା କରୁଛନ୍ତି। ତାହାକୁ ଏକ ସୋଭରେନ୍ ୱେଲ୍‌ଥ ଫଣ୍ଡ୍ ଭାବେ ପରିଚାଳନା କରାଯାଉଛି। ସରକାରୀ ପ୍ରତିଭୂତିରେ ଉକ୍ତ ରାଶିକୁ ନିବେଶ କରି ତାହାର ପରିମାଣ ବୃଦ୍ଧି କରାଯାଉଛି। କୌଣସି ଜରୁରୀକାଳୀନ ପରିସ୍ଥିତି ସୃଷ୍ଟି ହେଲେ ଓଡିଶାକୁ ଋଣ ଆଣିବାକୁ ପଡିବ ନାହିଁ। ଏହା ବଜେଟ୍ ସ୍ଥିରତା ପାଣ୍ଠିରୁ ଟଙ୍କା ଆଣିପାରିବ ବୋଲି ଶ୍ରୀ ସିହ୍ନା କହିଛନ୍ତି।

## ମହାବିଦ୍ୟାଳୟରେ ଛାତ୍ର ମୃତ୍ୟୁ, ହତ୍ୟା ଅଭିଯୋଗ

**ବ୍ୟାସନଗର: ଏକ୍ସପ୍ରେସ ନ୍ୟୁଜ୍**



ଯାଜପୁର ରୋଡ ସହର ଅନ୍ତର୍ଗତ ଦଳା ଶଙ୍ଖଚିଲାରେ ଅବସ୍ଥାପିତ ଥିବା ଏକ୍ସେସେଲସିଓର ଉଚ୍ଚ ମାଧ୍ୟମିକ ବିଜ୍ଞାନ ବିଦ୍ୟାଳୟରେ ଏକ ହୃଦୟ ବିଦାରକ ଘଟଣା ଘଟିଯାଇଛି। ଝୁଲନ୍ତା ଅବସ୍ଥାରେ କଲେଜର ଗାଧୁଆ ଘରୁ ଜଣେ ଛାତ୍ରଙ୍କ ମୃତ ଦେହ ଉଦ୍ଧାର କରାଯାଇଛି। ଛାତ୍ର ଜଣଙ୍କୁ ଉଦ୍ଧାର କରି ତାକୁ ଯାଜପୁର ରୋଡ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ ଛାତ୍ର ଜଣକ ଦାନଗଦି ବ୍ଲକ୍ ଅନ୍ତର୍ଗତ ମାଣତୀରା ପଞ୍ଚାୟତର କେନ୍ଦୁଡ଼ିପ ଗ୍ରାମର ବିଜୟ କୁମାର ପାଳଙ୍କ ପୁତ୍ର ଆଶିଷ କୁମାର ପାଳ(୧୭)। ଘଟଣା ମୁତାବକ ମୃତ ଛାତ୍ର ଜଣକ ଏକ୍ସସେଲସିଓର କଲେଜର ବିଜ୍ଞାନ ଦ୍ୱିତୀୟ ବର୍ଷର ଛାତ୍ର ଥିଲେ ଆଶିଷ କୁମାର ପାଳ। ଆଶିଷ ଜଣେ ମେଧାବୀ ଛାତ୍ର ଥିଲେ। ଶୁକ୍ରବାର ଛାତ୍ର ଜଣଙ୍କ ସବୁ ଦିନ ପରି କ୍ଲାସ ସାରିବା ପରେ ନିଜର ରୁମ୍‌କୁ ଫେରିଥିଲେ। କିନ୍ତୁ ଆଉ ବାହାରକୁ ଆସିନଥିଲେ। ପୂର୍ବାହ୍ନ ହେଉ କି ରାତିରେ ଖାଇବାକୁ ମଧ୍ୟ କଲେଜ କ୍ୟାଣ୍ଟିନକୁ ଆସିନଥିଲେ। ଏହାକୁ କଲେଜ ପକ୍ଷରୁ ହାଲୁକା ଭାବେ ନିଆଯାଇଥିଲା ବୋଲି ଅଭିଯୋଗ ହୋଇଛି। ଛାତ୍ର ଜଣଙ୍କ ଖାଇବାକୁ ତ ଆସି ନଥିଲେ କ୍ଲାସ ସାରିବା ପରେ ମୋଟ ଉପରେ ରୁମ୍‌ରୁ ଆଉ ଆଦୌ ବାହାରି ନଥିଲେ ବୋଲି ମୃତ ଛାତ୍ର ଜଣଙ୍କ ରୁମ୍ ସାଥୀ କହିଛନ୍ତି। କ'ଣ ହେଲା କେଜାଣି ବିଳମ୍ବିତ ରାତିରେ ଛାତ୍ର ଜଣଙ୍କ ଏକ ଗାମୁଛା ସହାୟତାରେ କଲେଜ ଗାଧୁଆ ଘରେ ଝୁଲି ପଡ଼ିଥିଲେ। ଛାତ୍ର ଜଣଙ୍କ ଅନେକ ସମୟ ଧରି ଗାଧୁଆ ଘରୁ ବାହାରି ନଥିଲେ। ଏହାକୁ ନେଇ ଛାତ୍ର ଜଣଙ୍କ ସାଙ୍ଗମାନେ ସନ୍ଦେହ କରି ଗାଧୁଆ ଘର ପାଖକୁ ଯାଇଥିଲେ। ଦେଖିଲା ବେଳକୁ ଛାତ୍ର ଜଣଙ୍କୁ ଝୁଲନ୍ତା ଅବସ୍ଥାରେ ଗାଧୁଆ ଘରେ ଦେଖିବାକୁ ପାଇଥିଲେ। ଏହାକୁ ଦେଖି ମୃତ ଛାତ୍ରର ସାଙ୍ଗ ପିଲାମାନେ ଓ କଲେଜ କର୍ତ୍ତୃପକ୍ଷ ମିଳିମିଶି ଝୁଲନ୍ତା ଛାତ୍ରକୁ ଖୋଲି ଦେଇଥିଲେ। ମୃତ ଛାତ୍ର ଜଣକୁ ଯାଜପୁର ରୋଡ ଡାକ୍ତରଖାନାକୁ ନେଇଯାଇଥିଲେ। କଲେଜ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଛାତ୍ରର ଘରକୁ ମଧ୍ୟ ଖବର ଦିଆଯାଇଥିଲା କି ତୁମ ପିଲା ଦେହ ଭଲ ନାହିଁ ଶୀଘ୍ର ଆସି ଡାକ୍ତରଖାନାରେ ପହଞ୍ଚି ପରିବାର ଲୋକ ଡାକ୍ତରଖାନା ଗଲା ବେଳକୁ ପିଲାର ମୃତ ଦେହ ଦେଖିବାକୁ ପାଇଥିଲେ। ଛାତ୍ର ଜଣକ ମୃତ୍ୟୁକୁ ପରିବାର ଲୋକ ସହଜରେ ଗ୍ରହଣ କରିପାରି ନଥିଲେ। ତାଙ୍କ ପିଲାକୁ ମାରି ଟାଙ୍ଗି ଦିଆଯାଇଛି ବୋଲି ପାଣିକୋଇଲି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଘଟଣାସ୍ଥଳକୁ ପାଣିକୋଇଲି ଥାନା ଆଇଆଇସି ଅନୁସନ୍ଧାନ କରୁଛନ୍ତି। ମାତ୍ର ମୃତକ ଛାତ୍ରର ପରିବାର ଲୋକ, ସମ୍ପର୍କୀୟ ଓ ଗ୍ରାମବାସୀମାନେ ମିଶି ଏକ୍ସେସେଲସିଓର କଲେଜ ସମ୍ମୁଖକୁ ଯାଇ ହଙ୍ଗାମା କରିଥିଲେ। ଉତ୍ତ୍ୟକ୍ତ ଗ୍ରାମବାସୀ କଲେଜରେ ବ୍ୟାପକ ଭଙ୍ଗାରୁଜା କରିଥିଲେ। ଏମିତିକି ପୋଲିସ ସହିତ ଧସ୍ତାଧସ୍ତି ହୋଇଥିଲା। କଲେଜ କର୍ତ୍ତୃପକ୍ଷଙ୍କ ମଧ୍ୟରୁ କେତେଜଣଙ୍କୁ ନିସ୍ତୁକ ମାଡ଼ ମାରା ଯାଇଥିବାର ଦେଖିବାକୁ ମିଳିଥିଲା। ଏମିତିକି କଲେଜରେ ଖଣ୍ଡ ଯୁଦ୍ଧ ଦେଖିବାକୁ ମିଳିଲା। ଉତ୍ତ୍ୟକ୍ତ ଗ୍ରାମବାସୀ କଲେଜ କର୍ତ୍ତୃପକ୍ଷଙ୍କ ସହିତ ଆଲୋଚନା କରିବା ପାଇଁ ଚାହୁଁଥିବା ବେଳେ କଲେଜ କର୍ତ୍ତୃପକ୍ଷଙ୍କ ଦେଖା ମିଳିନଥିଲା। ପୋଲିସ ମାମଲା ରୁଜୁ କରି ତଦନ୍ତ କରିବା ସହିତ ମୃତ ଛାତ୍ରର ଶବକୁ ବ୍ୟବଚ୍ଛଦ ପାଇଁ ଦାନଗଦି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇ ଦିଆଯାଇଛି।

## 'ମାଇସା'ରେ ଆକ୍ସନ ଅବତାରରେ ନଜର ଆସିବେ ରଶ୍ମିକା

### ସିନେମାଫିନେମା ଟିଭିଫିଭି

**ମୁମ୍ବାଇ: ଏକ୍ସପ୍ରେସ ନ୍ୟୁଜ୍**

ଆଜିକାଲି ନିଜ ଫିଲ୍ମକୁ ନେଇ ବେଶ ଚର୍ଚ୍ଚାରେ ରଶ୍ମିକା ମନ୍ଦାନା। ଗୋଟିଏ ପରେ ଗୋଟିଏ ଫିଲ୍ମ ହିଟ୍ ହେବା ପରେ ଏବେ ବେଶ ଲୋକପ୍ରିୟତା ସାଉଁଟୁଛନ୍ତି। ସେଥିମଧ୍ୟରେ 'ମାଇସା' ଅନ୍ୟତମ। ଯାହାକୁ ଫ୍ୟାନ୍ସ ଉତ୍ସାହର ସହ ଅପେକ୍ଷା କରିଛନ୍ତି। ଏହି ଫିଲ୍ମରେ ସେ ଆକ୍ସନ କରୁଥିବା ବି ନଜର ଆସିବେ।

ନିକଟରେ 'ମାଇସା' ନିର୍ମାତାମାନେ ଫିଲ୍ମ ପାଇଁ ଏକ ନୂତନ ମୋସନ୍ ପୋଷ୍ଟର ରିଲିଜ୍ କରିଥିଲେ, ଯେଉଁଥିରେ ରଶ୍ମିକାଙ୍କୁ ଏକ ଶକ୍ତିଶାଳୀ ଲୁକରେ ନଜର ଆସିଛନ୍ତି। ଯାହାକୁ ନେଇ ଏକ ସାକ୍ଷାତକାରରେ ରଶ୍ମିକା ନିଜ ଚରିତ୍ର ନେଇ ଆଲୋଚନା କରିଛନ୍ତି। ସେ କହିଛନ୍ତି ଯେ, 'ମୁଁ ଆକ୍ସନ ସିନେମା କରିବାକୁ ଭଲ ପାଏ ଏବଂ ମୁଁ ବର୍ତ୍ତମାନ ମାଇସା ଉପରେ କାମ କରୁଛି। ଏହା ମୋ ପାଇଁ ଏକ ସ୍ୱପ୍ନ ସତ ହେବା ଭଳି। ଏହି ଚରିତ୍ରରେ ବହୁତ ଗଭୀରତା ଏବଂ ଚ୍ୟାଲେଞ୍ଜ ଅଛି। ଏହି ଚଳଚ୍ଚିତ୍ର ତାଙ୍କୁ ଅଭିନୟର ନୂତନ ଦିଗ ଅନୁସନ୍ଧାନ କରିବାର ସୁଯୋଗ ଦେଇଥିଲା। ନିର୍ମାତାମାନେ ପ୍ରକାଶ କରିଛନ୍ତି ଯେ, ଫିଲ୍ମର ଏକ ସ୍ୱତନ୍ତ୍ର ଝଲକ ଖୁବ୍‌ଶୀଘ୍ର ପ୍ରଶଂସକମାନଙ୍କ ପାଇଁ ମୁକ୍ତିଲାଭ କରିବ। 'ମାଇସା' ବର୍ଷର ସବୁଠାରୁ ରୋମାଞ୍ଚକର ଚଳଚ୍ଚିତ୍ର ମଧ୍ୟରୁ ଗୋଟିଏ ହେବାକୁଯାଉଛି। ଅନଫର୍ମୁଲା ଫିଲ୍ମସ୍ ବ୍ୟାନରରେ ନିର୍ମିତ ଏବଂ ରବିନ୍ଦ୍ର ପୁଲେଙ୍କ ନିର୍ଦ୍ଦେଶିତ, 'ମାଇସା' ହେଉଛି ଜଙ୍ଗଲରେ ରହୁଥିବା ଲୋକଙ୍କ କାହାଣୀ ଉପରେ ଆଧାରିତ ଏକ ଭାବପ୍ରବଣ ଆକ୍ସନ୍ ଫିଲ୍ମ। ଏହି ଫିଲ୍ମରେ ସୁନ୍ଦର ଦୃଶ୍ୟ, ଏକ ହୃଦୟସ୍ପର୍ଶୀ କାହାଣୀ ଏବଂ ରଶ୍ମିକାଙ୍କ ଚମତ୍କାର ଅଭିନୟ ରହିଛି। ଏହି ଫିଲ୍ମଟି ୨୦୨୬ରେ ତାମିଲ, ହିନ୍ଦୀ, ତେଲୁଗୁ, କନ୍ନଡ ଏବଂ ମାଲାୟଲମରେ ରିଲିଜ୍ ହେବ।



# ପୋଲ ନିର୍ମାଣ କାର୍ଯ୍ୟ ନିମ୍ନମାନର : କାର୍ଯ୍ୟ ବନ୍ଦ କରିବାକୁ ଚେତାବନୀ

**୧।୧୧ : ଏକ୍ସପ୍ରେସ୍ ନ୍ୟୁଜ୍**

କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ମହିମା ପଞ୍ଚାୟତ ଭୁର୍ଷାଗୁଡା ମହାଭାରତ ପଡ଼ିଆ ନିକଟରେ ଥିବା ଚିରସ୍ରୋତା ବେହେରା ନାଳ ଉପରେ ପୋଲ ନିର୍ମାଣ ପାଇଁ ଦୀର୍ଘବର୍ଷରୁ ଅଞ୍ଚଳବାସୀ ଦାବି କରି ଆସୁଥିଲେ । ଏହି ପୋଲ ନିର୍ମାଣ ହେଲେ ବିଜୁ ଏକ୍ସପ୍ରେସ ୱେରୁ ମହିମା ପଞ୍ଚାୟତ ସମେତ ବ୍ଲକ ମୁଖ୍ୟାଳୟକୁ ଗମନାଗମନ ଓ ପର୍ଯ୍ୟଟନ ସ୍ଥଳୀ ଗୁଡହାଣ୍ଡି ଡୋକାରିଚଞ୍ଚରାକୁ ମଧ୍ୟ ଯାତାୟାତ ସୁଗମ ହେବ । ଏନେଇ



ପୂର୍ବରୁ ଅଞ୍ଚଳବାସୀ ଦାବି ଜଣାଇଥିଲେ, ଏହାକୁ ଦୃଷ୍ଟିରେ ରଖି ଧର୍ମଗଡ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ପୋଲ ନିର୍ମାଣ ପାଇଁ ବିଭାଗୀୟ ଅନୁଦାନ ସହ କାର୍ଯ୍ୟଦେଶ ମିଳିଥିଲା । ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ମିତ୍ତଲ ଇନ୍ଫ୍ରା ପ୍ରୋଜେକ୍ଟ ଠିକାସଂସ୍ଥାକୁ ପୋଲ ନିର୍ମାଣ କାର୍ଯ୍ୟ ସମ୍ପାଦନ ପାଇଁ ଟେଣ୍ଡର ମିଳିଛି । ତେବେ ଏହି ପୋଲ ନିର୍ମାଣ କାର୍ଯ୍ୟ ଆଜିକୁ ୧ ବର୍ଷ ହେବ ଆରମ୍ଭ ହୋଇଥିବା ବେଳେ ପୋଲ ନିର୍ମାଣ ସ୍ଥଳରେ କୌଣସି ସୂଚନା ଫଳକ ନାହିଁ । ଏଣୁ କେତେ ଟଙ୍କାରେ ଏହି ପୋଲ କାର୍ଯ୍ୟ ସମ୍ପାଦନ ହେଉଛି ତାହା ମଧ୍ୟ ଲୋକେ ଜାଣି ପାରୁନାହାନ୍ତି ।

ଶୁକ୍ରବାର ପୋଲ ନିର୍ମାଣ କାର୍ଯ୍ୟରେ କଂକ୍ରିଟ କାମ ହେଉଥିବା ବେଳେ ନିମ୍ନମାନର ସିମେଣ୍ଟ, ଛଡ଼, ବାଲି ବ୍ୟବହୃତ ହେଉଥିବା ଦେଖି ଗ୍ରାମବାସୀ ଅଭିଯୋଗ କରିଥିଲେ । କାର୍ଯ୍ୟସ୍ଥଳରେ କନିଷ୍ଠ ଯନ୍ତ୍ରୀ ଉପସ୍ଥିତ ଥିଲେ ମଧ୍ୟ କାର୍ଯ୍ୟକୁ ଠିକ ଭାବେ ତଦାରଖ କରୁନଥିବା ମଧ୍ୟ ଅଭିଯୋଗ ଆସିଛି । ଠିକାସଂସ୍ଥାକୁ ବିଭାଗୀୟ ଅଧିକାରୀମାନେ ଅଗ୍ରାଧିକାର ଦେଇ ଠିକାସଂସ୍ଥାକୁ ସୁହାଇଲା ଭଳି କାର୍ଯ୍ୟ କରୁଥିବା ନେଇ ସ୍ଥାନୀୟ ଗ୍ରାମବାସୀ ଏହାକୁ ବିରୋଧ କରିଛନ୍ତି । ଚେତାବନୀ ଦେଇଛନ୍ତି ଯେ, ଠିକାସଂସ୍ଥା ପୋଲ ନିର୍ମାଣ କାର୍ଯ୍ୟ ଠିକ ଭାବେ ନକରେ ତାହେଲେ ଆଗାମୀ ଦିନରେ କାର୍ଯ୍ୟ ବନ୍ଦ କରିବାକୁ ପଦକ୍ଷେପ ନିଆଯିବ । ଏନେଇ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ସୁରେଶ ବରିହାଙ୍କ ପ୍ରତିକ୍ରିୟା ନେବାରୁ କାର୍ଯ୍ୟ ନିର୍ମାଣରେ କୌଣସି ଅନିୟମିତତା ହେଉନାହିଁ, ବିଭାଗୀୟ ଇଷ୍ଟିମେଟ ଅନୁସାରେ କାର୍ଯ୍ୟ ହେଉଛି, ବିଭାଗୀୟ ଉଚ୍ଚ ଅଧିକାରୀ ମଧ୍ୟ ଆସି କାର୍ଯ୍ୟ ତଦାରଖ କରି ଯାଇଛନ୍ତି ବୋଲି କହିଛନ୍ତି ।

## ଆଜିର ରାଶିଫଳ

| ତାରିଖ | ରବିବାର– ଏକାଦଶୀ |
|---|---|
| ୨.୧୧.୨୦୨୫ | ନକ୍ଷତ୍ର– ପୂର୍ବଭାଦ୍ର, କୁମ୍ଭଚନ୍ଦ୍ର |

| | |
|---|---|
| ମେଷ | : ଉଚ୍ଚ ଅଧିକାରୀ ସମ୍ମାନିତ କରିବେ । |
| ବୃଷ | : ଅର୍ଥସୁଖ ପ୍ରାପ୍ତି ହେବ । |
| ମିଥୁନ | : ପୁତ୍ର ପାଇଁ ଚିନ୍ତା କରିବେ । |
| କର୍କଟ | : ଅପମାନ ଓ ଅଶାନ୍ତିରେ ଦିନଟି କଟିବ । |
| ସିଂହ | : ସ୍ତ୍ରୀ ସହଯୋଗ ବୃଦ୍ଧି ପାଇବ । |
| କନ୍ୟା | : କାର୍ଯ୍ୟକ୍ଷେତ୍ରରେ ସଫଳତା ପାଇବେ । |
| ତୁଳା | : ଆଘାତପ୍ରାପ୍ତ ହେବେ । |
| ବିଛା | : ଶାରୀରିକ ପୀଡ଼ା କଷ୍ଟଦେବ । |
| ଧନୁ | : ନୂତନ ବନ୍ଧୁ ମିଳନ ହେବ । |
| ମକର | : ଚକ୍ଷୁପୀଡ଼ା କଷ୍ଟଦାୟକ ହେବ । |
| କୁମ୍ଭ | : ହସଖୁସିରେ ଦିନଟି କଟିବ । |
| ମୀନ | : ଅଯଥାରେ ଖର୍ଚ୍ଚାନ୍ତରେ ପଡ଼ିବେ । |

# ବୃଦ୍ଧ ଦମ୍ପତିଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ବରଗଡ଼, ୧।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ବରଗଡ ଜିଲ୍ଲା ସଦର ଥାନା ସରସରା ପଞ୍ଚାୟତ ଗଞ୍ଜିହାଟିକରାରେ ଅଭାବନୀୟ ଘଟଣା ଘଟିଛି । ଆଜି ସକାଳେ ଏକ ଘରୁ ଝୁଲନ୍ତା ଅବସ୍ଥାରେ ବୃଦ୍ଧ ଦମ୍ପତିଙ୍କ ମୃତଦେହ ଉଦ୍ଧାର ହୋଇଛି । ମୃତକଙ୍କ ପରିଚୟ ବର୍ତ୍ତମାନ ପର୍ଯ୍ୟନ୍ତ ମିଳିପାରିନାହିଁ । ଖବର ପାଇ ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି । ସେପଟେ ବରଗଡ ଅତାବିରା ଥାନା କୁମେଲସିଙ୍ଘା ଗାଁରେ ଏକ ବରଗଛରୁ ଯୁବକ ଯୁବତୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି । ହତ୍ୟା କି ଆତ୍ମହତ୍ୟା, ତାହା ଜଣାପଡି ନଥିବାବେଳେ ପୁଲିସ୍ ତଦନ୍ତ ଜାରି ରଖିଛି ।

# ସ୍ୱାଗତ ଦ୍ୱାର - ଗୌରବ ନା ଜେସିଡିଏଲ୍‌ର ଅବ୍ୟବସ୍ଥାର ପ୍ରତୀକ?

**କଳିଙ୍ଗନଗର, ୧।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

କଳିଙ୍ଗନଗରର ପ୍ରବେଶଦ୍ୱାରରେ ସ୍ଥାପିତ ବିଶିଷ୍ଟ ସ୍ୱାଗତ ଦ୍ୱାର କେବଳ ଏକ ଗେଟ୍ ନୁହେଁ, ଏହା ଶିଳ୍ପାଞ୍ଚଳର ଗୌରବର ପ୍ରତୀକ ଭାବେ ଗଢ଼ି ଉଠିଥିଲା । କିନ୍ତୁ ଯାଜପୁର କ୍ଲଷ୍ଟର ଡେଭେଲପମେଣ୍ଟ ଲିମିଟେଡ୍ (ଜେସିଡିଲ)ର ଅବ୍ୟବସ୍ଥା, ଦାୟିତ୍ୱହୀନତା ଓ ଅବହେଳା ପାଇଁ ଏହା ଏବେ ଲଜ୍ଜାର ପ୍ରତୀକ ହୋଇପଡ଼ିଛି । ସ୍ୱଗତ ଦ୍ୱାର ସ୍ଥାପନା ପରେ ଦୀର୍ଘ ସମୟ ହେଲେ ମଧ୍ୟ ଏହାର ରକ୍ଷଣାବେକ୍ଷଣ କାମ କେବେ ହୋଇନାହିଁ । ପେଣ୍ଟ ଛାଡିଗଲା, ଲେଖା ଅସ୍ପଷ୍ଟ, ଦୁଇପାର୍ଶ୍ୱରେ ଜଙ୍ଗଲୀ ଗଛ ପୂରା ଦୃଶ୍ୟକୁ ଅସୁନ୍ଦର କରିଦେଇଛି । ଯେଉଁଠି ଶିଳ୍ପନଗରକୁ ପ୍ରବେଶ କରୁଥିବା ଅତିଥି ଓ




ନାଗରିକଙ୍କ ପାଇଁ ଗର୍ବର ଅନୁଭବ ହେବା ଉଚିତ୍, ସେଠି ଏବେ ଅସଫାଇ, ଅସୁଚିତା ଓ ଅବହେଳା ଦେଖି ଅସନ୍ତୋଷ ପ୍ରକାଶ ହେଉଛି । ସ୍ଥାନୀୟ ଲୋକମାନେ ଅଭିଯୋଗ କରୁଛନ୍ତି – ଜେସିଡିଏଲ୍ ଅଧିକାରୀମାନେ ନିଜ ଦାୟିତ୍ୱ ପାଳନ କରୁନାହାନ୍ତି । ବାହାରୁ କାମ କରାଇବା ପରିବର୍ତ୍ତେ ନିଜ ପରିଚିତମାନଙ୍କୁ ଠିକା କାମ ଦେଇ ବର୍ଷକାଳ ଧରି ଲାଭ ବାଣ୍ଟିନେଉଛନ୍ତି । ସମାଜର ସଚେତନ ଓ ବୁଦ୍ଧିଜୀବୀ ମହଲ ମତ ଦେଇଛନ୍ତି ଯେ, ଏହି ବିଷୟରେ ଯଦି ଗଭୀର ତଦନ୍ତ ହୁଏ, ତେବେ ଜେସିଡିଏଲ୍ ଭିତରେ ଚାଲୁଥିବା ଅନେକ ଅନୀତି ଓ ଲୁକାନ୍ତି କେଳାଙ୍କାରୀ ପ୍ରକାଶ ପାଇବ । ସେମାନେ ଦାବି କରୁଛନ୍ତି – କଳିଙ୍ଗନଗର ରେ ଯେଉଁ ସ୍ୱାଗତ ଦ୍ୱାର ଗୌରବ ଓ ପରିଚୟ ହେବାକୁ ଥିଲା, ତାହାକୁ ଜେସିଡିଏଲ୍‌ର ଅବ୍ୟବସ୍ଥା ଲଜ୍ଜାର ପ୍ରତୀକ କରିଦେଇଛି । ସାଧାରଣ ମଧ୍ୟରେ ପ୍ରଶ୍ନ ଉଠୁଛି– ସ୍ୱାଗତ ଦ୍ୱାର ଗୌରବ ନା ଜେସିଡିଏଲ୍‌ର ଅବହେଳାର ପ୍ରତୀକ? ସ୍ଥାନୀୟମାନେ ଏହାର ସଫା–ସୁଥରା, ପେଣ୍ଟିଂ ଓ ରକ୍ଷାଣାବେକ୍ଷଣ ଶୀଘ୍ର କରାଯାଉ ଦାବି କରିଛନ୍ତି, ଯାହା ଦ୍ୱାରା କଳିଙ୍ଗନଗର ନିଜ ଗୌରବ ପୁନର୍ଜୀବିତ କରିପାରିବ । ରକ୍ଷଣାବେକ୍ଷଣ ଦାୟିତ୍ୱରେ ଥିବା ଅଧିକାରୀଙ୍କ ବିରୁଦ୍ଧରେ ଆଇନ ସାରେ କାଯ୍ୟନୁଷ୍ଠାନ ସହ ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି ।

# ୧୧ ଫୁଟର ଅଜଗର ଉଦ୍ଧାର

**ବ୍ରହ୍ମପୁର, ୧।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ସ୍ଥାନୀୟ ଗୋସାଇଁନୂଆଗାଁ ଓମ୍ ବିହାର ସାଇ ବାବା ମନ୍ଦିର ନିକଟରୁ ଶୁକ୍ରବାର ବିଳମ୍ବିତ ରାତିରେ ୧୧ ଫୁଟର ଅଜଗର ସାପ ଉଦ୍ଧାର ହୋଇଛି । ସ୍ନେକ୍ ହେଲ୍ପ ଲାଇନ ପକ୍ଷରୁ ସାପକୁ ଉଦ୍ଧାର କରି ବନ ବିଭାଗକୁ ହସ୍ତାନ୍ତର କରାଯାଇଛି ।



ସୂଚନା ମୁତାବକ ଓମ୍ ବିହାରର ପ୍ରମୋଦ ବେହେରାଙ୍କ ଘର ଗ୍ରିଲ ଆଗରେ ଏକ ବିରାଟକାୟ ସାପକୁ ପରିବାର ଲୋକ ଦେଖିଥିଲେ । ସାପକୁ ଉଦ୍ଧାର ପାଇଁ ସ୍ନେକ୍ ହେଲ୍ପ ଲାଇନକୁ ଯୋଗାଯୋଗ କରିଥିଲେ । ସ୍ଥାନୀୟ ସଦସ୍ୟ ତ୍ରିଲୋଚନ ନାୟକ ସେଠାରେ ପହଞ୍ଚିଥିଲେ । ତ୍ରିଲୋଚନ କୌଶଳକ୍ରମେ ସାପକୁ ଉଦ୍ଧାର କରିଥିଲେ । ଉଦ୍ଧାର ସାପଟି ଅଜଗର ପ୍ରଜାତିର ହୋଇଥିବା ବେଳେ ୧୦ ଫୁଟ ଲମ୍ବ ରହିଥିଲା । ସାପଟିକୁ ବନପାଳ ସୋମନାଥ ମଲ୍ଲିକ, ବନରକ୍ଷୀ ଅଶ୍ୱିନୀ ନାୟକଙ୍କ ଉପସ୍ଥିତିରେ ସଂରକ୍ଷିତ ଜଙ୍ଗଲରେ ଛଡ଼ା ଯାଇଥିବା ସ୍ନେକ୍ ହେଲ୍ପ ଲାଇନ ସଂଯୋଜକ ସ୍ୱାଧିନ କୁମାର ସାହୁ ସୂଚନା ଦେଇଛନ୍ତି ।

# ଭଙ୍ଗାବ୍ରିଜ୍‌ରୁ ପଡ଼ି ଛାତ୍ରୀ ଆହତ

**କଣାସ, ୧।୧୧ : ଏକ୍ସପ୍ରେସ୍ ନ୍ୟୁଜ୍**

କଣାସ ବ୍ଲକ ଏବଂ ବ୍ରହ୍ମଗିରି ବ୍ଲକକୁ କରମଳା ଠାରେ ଲୁଣାନଦୀ ଉପରେ ସଂଯୋଗ କରୁଥିବା ସେତୁଟି ଦୀର୍ଘଦିନ ହେଲା ଭାଙ୍ଗିଯାଇଥିବାରୁ ବାରମ୍ବାର ଦୁର୍ଘଟଣାମାନ ଘଟୁଛି । ପ୍ରତ୍ୟେକ ଦିନ ଅଭିରାମ ପରମହଂସଙ୍କ ସହସହ ଭକ୍ତ ଏହି ସେତୁଦେଇ ଶାନ୍ତିଧାମ ଆଶ୍ରମକୁ ଆସନ୍ତି ଏବଂ ଅଭିରାମ ନୋଡାଲ ବିଦ୍ୟାଳୟରେ ପଢୁଥିବା ଛାତ୍ରଛାତ୍ରୀମାନେ ଦୈନନ୍ଦିନ ଏହି ସେତୁ ଉପରଦେଇ ବିଦ୍ୟାଳୟକୁ ଆସିଥାଆନ୍ତି । ନବମ ଶ୍ରେଣୀ ଛାତ୍ରୀ ଶୁଭଶ୍ରୀ ନାୟକ ଏହି ସେତୁ ଦେଇ ଆସୁଥିବାରୁ ସେତୁର ଦୁଇପାର୍ଶ୍ୱ ବାଡ ଭାଙ୍ଗିଯାଇଥିବାରୁ ଅପର ପାର୍ଶ୍ୱରୁ ଆସୁଥିବା ଏକ ଯାନକୁ ଦେଖି ସେତୁରେ ସାଇଡ୍ ହୋଇଯିବାରୁ ନଦୀ ଭିତରକୁ ଖସିପଡିଥିଲେ। ନଦୀ ଭିତରେ ଅଳ୍ପପରିମାଣର ଜଳ ସହିତ ଦଳ ଥିବାରୁ ସାମାନ୍ୟ ଆହାତ ହୋଇଥିଲେ। ଛାତ୍ରୀଜଣ ଖସିପଡିବା ପରେ ସ୍ଥାନୀୟଜନ ସାଧାରଣଙ୍କ ମଧ୍ୟରେ ତିବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ଏହି ସେତୁ ତୁରନ୍ତ ନିର୍ମାଣ କରିବା ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ବାରମ୍ବାର ସତ୍ୟବାଦୀ ବିଧାୟକ, ବ୍ରହ୍ମଗିରି ବିଧାୟକ ଏବଂ କେତେକ ମନ୍ତ୍ରୀଙ୍କ ନିକଟରେ ଦାବି କରିଆସୁଥିଲେ ମଧ୍ୟ ସେତୁ ନିର୍ମାଣ କାର୍ଯ୍ୟ ହୋଇ ପାରୁନଥିବାରୁ ଜନସାଧାରଣଙ୍କ ମଧ୍ୟରେ ତିବ୍ରଅସନ୍ତୋଷ ଦେଖାଦେଇଛି ।

# ସରପଞ୍ଚଙ୍କ ବିରୋଧରେ ଅନାସ୍ଥା କାଟ ଖାଇଲା

**ଶେରଗଡ଼, ୧।୧୧ : ଏକ୍ସପ୍ରେସ୍ ନ୍ୟୁଜ୍**

ଶେରଗଡ ବ୍ଲକ ପିତ୍ତଳ ପଞ୍ଚାୟତର ସରପଞ୍ଚ ରାମରାଘବ ପାତ୍ରଙ୍କ ବିରୋଧରେ ଆଗତ ଅନାସ୍ଥା ପ୍ରସ୍ତାବ କାଟ ଖାଇଛି । ପୂର୍ବ ନିର୍ଦ୍ଧାରିତ ସମୟରେ କୋରମ ଅଭାବରୁ ଅନାସ୍ଥା କାଟ ଖାଇଛି । ଅନାସ୍ଥାରେ ଦସ୍ତଖତ କରିଥିବା ୯ ୱାର୍ଡ ସଭ୍ୟଙ୍କ ମଧ୍ୟରୁ ଜଣେ ୱାର୍ଡ ସଭ୍ୟଙ୍କ ସଭ୍ୟପଦ ରଦ୍ଦ ହୋଇଥିବା ଆଉ ୮ ଜଣ ୱାର୍ଡ ସଭ୍ୟ ଉପସ୍ଥିତ ଥିଲେ । ନିର୍ଦ୍ଧାରିତ ସମୟ ମଧ୍ୟରେ ଏହି ୮ ଜଣ ୱାର୍ଡ ସଭ୍ୟ ଥିବା ହେତୁ କୋରମ ହୋଇନପାରି ଅନାସ୍ଥା କାଟ ଖାଇଛି । ଫଳରେ ସରପଞ୍ଚ ରାମ ରାଘବ ପାତ୍ର ନିଜର ପଦ ବଜାୟ ରଖିଛନ୍ତି ।

ସୂଚନା ଅନୁଯାୟୀ, ଗତବର୍ଷ ନଭେମ୍ବର ୨୯ ତାରିଖରେ ପଞ୍ଚାୟତ ର ନାଏବ ସରପଞ୍ଚ ଶ୍ରୀମତୀ ରେଣୁ ଦାସଙ୍କ ନେତୃତ୍ୱରେ ୮ ଜଣ ୱାର୍ଡ ସଭ୍ୟ ଭଞ୍ଜନଗର ଉପ–ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇ ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଗତ କରିଥିଲେ । ସରପଞ୍ଚଙ୍କ ବିରୋଧରେ ଦୁର୍ନୀତି



ଅଭିଯୋଗ ଆଣିବା ସହ ଉନ୍ନୟନ କାର୍ଯ୍ୟ ସଠିକ ଭାବରେ ହେଉନଥିବା ଅଭିଯୋଗ କରିଥିଲେଛ ଭଞ୍ଜନଗର ଉପ–ଜିଲ୍ଲାପାଳ ଉମା ଶଙ୍କର ବେହେରାଙ୍କ ନିର୍ଦ୍ଦେଶକ୍ରମେ ଆଜି ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଆସ୍ଥା ଯାଞ୍ଚ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ଶେରଗଡ ତହସିଲଦାର ତ୍ରିଦେବ ରଥ, ବିଡିଓ ମିସ ତୃପ୍ତିମୟୀ ଜେନା, ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀ ଜି.ରବି କୁମାର, ପିତ୍ତଳ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ । ନାଏବ ସରପଞ୍ଚଙ୍କ ସମେତ ମୋଟ ୮ ଜଣ ୱାର୍ଡ ସଭ୍ୟ ରହିଥିବା ହେତୁ ବୈଠକରେ କୋରମ ହୋଇପାରିନଥିଲା । ପଞ୍ଚାୟତରାଜ ନିୟମ ଅନୁଯାୟୀ ଦୁଇ–ତୃତୀୟାଂଶ ସଭ୍ୟ ଅଭାବରୁ କୋରମ ନହେବାରୁ ଅନାସ୍ଥା ରଦ୍ଦ କରାଯାଇଥିବା ତହସିଲଦାର ତ୍ରିଦେବ ରଥ ପ୍ରକାଶ କରିଛନ୍ତ । ଅନାସ୍ଥା କାଟ ଖାଇବାରୁ ସରପଞ୍ଚ ରାମ ରାଘବ ପାତ୍ର ତାଙ୍କର ପଦବୀ ବଜାୟ ରଖିଛନ୍ତି । ଆସ୍ଥା ଯାଞ୍ଚ ବୈଠକରେ ଆଇନଶୃଙ୍ଖଳା ପରିସ୍ଥିତି ଉପୁଜିବା ଆଶଙ୍କା ରେ ହିଞ୍ଜିଳି ଥାନା ଅଧିକାରୀ ଏବଂ ପୋଲିସ କର୍ମଚାରୀ ଉପସ୍ଥିତ ଥିଲେ ।

# ବାଲିଯାତ୍ରା ପୂର୍ବରୁ ରାସ୍ତା ମରାମତି ଦାବି

**ଅସ୍ତରଙ୍ଗ, ୧।୧୧ : ଏକ୍ସପ୍ରେସ୍ ନ୍ୟୁଜ୍**

ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ୍ ଅନ୍ତର୍ଗତ ଛୁରିଆନା ପଞ୍ଚାୟତରେ ସର୍ବ ଧର୍ମ ସମ୍ମୋନୟ ପୀଠ ପୀର୍ ଜାହାନିଆଁ ବାଲିଯାତ୍ରା ପୂର୍ବରୁ ରାସ୍ତା ମରାମତି ପାଇଁ ଅସ୍ତରଙ୍ଗ ପ୍ରେସ୍ କ୍ଲବ ସଭାପତି ଶରତ କୁମାର ପରିଡା ଦାବି କରିଛନ୍ତି । ସୂଚନା ଯୋଗ୍ୟ କି ଆସନ୍ତା ନଭେମ୍ବର ୫ ଓ ୬ ତାରିଖରେ ବାଲିଯାତ୍ରା ଅନୁଷ୍ଠିତ ହେଉଅଛି । ଏଠାରେ ଲକ୍ଷାଧିକ ଭକ୍ତ ଏଠାକୁ ଆସି ପୀରବାବାଙ୍କୁ ଦର୍ଶନ କରିବା ସହ ବିସ୍ତିର୍ଣ୍ଣ ବେଳାଭୂମିରେ ଭିଡ଼ ଜମାଇଥାନ୍ତି । ସବୁଠାରୁ ଆଶ୍ଚର୍ଯ୍ୟ କଥା ଅସ୍ତରଙ୍ଗ ମୁଖ୍ୟ ବଜାରରୁ ହୀରାଦେଇପୁର ପର୍ଯ୍ୟନ୍ତ ସଂକୀର୍ଣ୍ଣ ରାସ୍ତା । ଯେଉଁଥିରେ ଗୋଟିଏ ଚାରିଚକିଆ ଯାନ ଆସିଲେ ଅପର ପାର୍ଶ୍ୱରୁ ଆସୁଥିବା ଯାନ ମାଟିରସ୍ତାକୁ ଗଡିବାକୁ ପଡିବ । ସେପଟେ ପାଣି ପାଇପ୍ ବିଛାଇବା ପାଇଁ ସରକାରଙ୍କ ପକ୍ଷରୁ ଠିକାଦାର ନିଯୁକ୍ତ ହୋଇଛନ୍ତି । ଠିକାଦାର ସେ ସବୁକୁ ପେଟିରେ ଦେଇ ନିଜ ଉପରୁ ବୋଝ



ଖସେଇ ଚୁପ୍ ହୋଇ ବସିଛନ୍ତି । ସେମାନେ ରାସ୍ତାକଡ଼ରୁ ମନ ଇଚ୍ଛା ଖୋଳୁଛନ୍ତି କିଛି ଶୁଣୁନଥିବା ଜଣେ ଅଧିକାରୀ ନିଜ ନାମକୁ ଗୋପନରେ ରଖି କହିଛନ୍ତି । ଗ୍ରାମ୍ୟ ଉନ୍ନୟନ ବିଭାଗ କହିବା କଥା ରାସ୍ତା ପାର୍ଶ୍ୱରୁ ୧ ମିଟର ଛାଡି ଖୋଳି ପାଇପ୍ ପକାଇବା ନିୟମ ରହିଛି । ଯାହାଦ୍ୱାରା ରାସ୍ତା ଉପରେ ସେତେଟା ପ୍ରଭାବ ପକାଇବନାହିଁ । କିନ୍ତୁ ତାହା ସେମାନେ ମାନୁନାହାନ୍ତି କେତେକ ସ୍ଥାନରେ ପିଚୁ ଫାଟି ଆଁ କଲାଣି ସେମାନେ ରାସ୍ତାର ପିଚୁ କଡ଼ରୁ ବା ଲେଇ କଡ଼ରୁ ଖୋଳି ଦେଉଛନ୍ତି ଯାହା ଦ୍ୱାରା ସାଧାରଣ ଲୋକ ଯିବା ଆସିବାରେ ଅସୁବିଧା ସୃଷ୍ଟି ହେଉଛି ଆହୁରି କିଛି ସ୍ଥାନରେ ରାସ୍ତାକୁ ଖୋଳି ପାଇପ୍ ପକାଇ ନେବାଦ୍ୱାରା ଘରେ ଥିବା ଚାରିଚକିଆ ଯାନ ବାହାରି ପାରୁନଥିବା ଜଣେ ଅବସର ପ୍ରାପ୍ତ ନଲୋକ କର୍ମଚାରୀ ଓ ସମାଜସେବୀ ମହେଶ୍ୱର ବିଶ୍ୱାଳ ନିଜେ ଏହିଭଳି ଦୁର୍ଦଶା ଭୋଗୁଥିବା ଆମ ପ୍ରତିନିଧିଙ୍କୁ ସରକାରଙ୍କ ବ୍ୟବସ୍ଥା ଉପରେ ପ୍ରଶ୍ନ ଉଠାଇ କ୍ଷଭୋ ପ୍ରକାଶ କରିଛନ୍ତି । ତେଣୁ ରାସ୍ତାର ପାର୍ଶ୍ୱକୁ ଯଦି ଯେ କୌଣସି ଯାନ ଯିବ ସେ କାଦୁଅରେ ଗଳିପଡିବ କେହି ଯିବାକୁ ପ୍ରସ୍ତୁତ ନୁହନ୍ତି । ଯାହାଦ୍ୱାରା ଆଗକୁ ବାଲିଯାତ୍ରା ଆସୁଛି ତା ପରେ ପରେ ପିକ୍‌ନିକ୍ ପାଇଁ ପର୍ଯ୍ୟଟକଙ୍କ ସୁଅ ଛୁଟେ ପୀରଜାହାନିଆଁ ପର୍ଯ୍ୟଟନସ୍ଥଳକୁ ତେଣୁ ହଜାର ହଜାର ଯାନ ଯିବା ଆସିବା କରିବେ ରାସ୍ତା ପାର୍ଶ୍ୱ ବଡ଼ ବଡ଼ ଖାଲ ତେଣୁ ରସ୍ତା ମରାମତି କରା ନ ଯାଏ ତେବେ ସମସ୍ୟା ସୃଷ୍ଟି ହେବ ବୋଲି ଅଭିଯୋଗ କରିଛନ୍ତି ଶ୍ରୀ ପରିଡା । ଶ୍ରୀ ପରିଡା କହିବା କଥା ଅସ୍ତରଙ୍ଗ ଠାରୁ ହୀରାଦେଇପୁର ରାସ୍ତା କିଭଳି କମ୍ ଚଉଡା କରାଗଲା ହୀରାଦେଇପୁର ଠାରୁ ଜାହାନିଆଁ ଓସାରିଆ ରାସ୍ତା କରାଗଲା ଏହା କିଭଳି ଚିନ୍ତାଧାରା ବୋଲି ଅଭିଯୋଗ କରିଛନ୍ତି । ଏବଂ ଅସ୍ତରଙ୍ଗ ଠାରୁ ହୀରାଦେଇପୁର ରାସ୍ତାକୁ ଚଉଡା କରାଯିବାକୁ ଦାବି କରିବା ସହ ତୁରନ୍ତ ରାସ୍ତା ମରାମତି କାମ କରିବା ପାଇଁ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି କରିଛନ୍ତି ।

# କାଳିଅଂଟି -ଲଳିତଗିରି ଗ୍ରାମ୍ୟ ରାସ୍ତାରେ ଗର୍ତ୍ତ

**ମାହାଙ୍ଗା, ୧।୧୧ : ଏକ୍ସପ୍ରେସ୍ ନ୍ୟୁଜ୍**

ମାହାଙ୍ଗା ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିନ କାଳିଅଂଟି –ଲଳିତଗିରି ଗ୍ରାମ୍ୟ ରାସ୍ତାର କାଳିଅଂଟି ନୂଆ ପୋଲ ନିକଟ ରାସ୍ତାରେ ଦୁଇ ଫୁଟ ଉର୍ଦ୍ଧ୍ୱରୁ ଗର୍ତ୍ତ ହୋଇଥିବା ଦେଖିବାକୁ ମିଳିଛି । ଯାହା ଫଳରେ ଏହି ରାସ୍ତା ଦେଇ ଯାଉଥିବା ଜନସାଧାରଣମାନେ ଯାତାୟତରେ ନାନା ସମସ୍ୟା ଭୋଗ କରୁଛନ୍ତି । ଏହି ରାସ୍ତା ଦେଇ ପ୍ରତ୍ୟହ ଛାତ୍ରଛାତ୍ରୀଙ୍କ ଠାରୁ ଆରମ୍ଭ କରି ଜନସାଧାରଣମାନେ ସ୍କୁଲ, କଲେଜ, ବ୍ୟାଙ୍କ, ଡାକଘର, ଡାକ୍ତରଖାନା, ବ୍ଲକ, ତହସିଲ, ଥାନା, ବାଲିଚନ୍ଦ୍ରପୁର ବଜାର, ସାଲେପୁର, କଟକ ଆଦି ସ୍ଥାନକୁ ଯାତାୟାତ କରିଥାନ୍ତି । ଏଥିସହ ଏହି ରାସ୍ତା ଦେଇ ବାଇକ ଠାରୁ ଆରମ୍ଭ କରି ଚାରି ଚକିଆ ଓ ଭାରିଯାନ ଯାତାୟତ କରିଥାଏ । ଏହି ରାସ୍ତାରେ ଗର୍ତ୍ତ ସୃଷ୍ଟି ହୋଇଥିବାରୁ ଯାତାୟତରେ ଘୋର



ସମସ୍ୟା ଦେଖାଦେଇଛି । ଏହି ରାସ୍ତାର ଅନେକ ସ୍ଥାନରେ ଖାଲଖମା ରହିଥିବାରୁ ବର୍ଷାହେଲେ ପାଣି ଜମି ରହୁଥିବାରୁ ଯାତାୟାତ ସମୟରେ ଛୋଟ ବଡ ଦୁର୍ଘଟଣା ମାନ ଘଟୁଥିବା ଅଭିଯୋଗ ହୋଇଛି । ତେଣୁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେଇ ଏହି ରାସ୍ତାର ମରାମତି ପାଇଁ ସ୍ଥାନୀୟ ଗ୍ରାମବାସୀମାନେ ଦାବି କରିଛନ୍ତ ।

# ବ୍ୟକ୍ତିଗତ ଚକଭୁକ୍ତ ଜମିରେ ସରକାରୀ ରାସ୍ତା

**ଜଗତସିଂହପୁର, ୧।୧୧ : ଏକ୍ସପ୍ରେସ୍ ନ୍ୟୁଜ୍**

ଜଗତ୍‌ସିଂହପୁର ଜିଲା ବିରିଡ଼ି ତହସିଲ ଅନ୍ତର୍ଗତ ଉତ୍ତରଶାସନ ମୌଜାର ବ୍ୟକ୍ତିଗତ ଚକଭୁକ୍ତ ଜମିରେ ସରକାରୀ ଅର୍ଥ ବିନିମୟରେ ରାସ୍ତା ନିର୍ମାଣ ହୋଇଥିବା ଅଭିଯୋଗ ହୋଇଛି । କେବଳ ଏତିକି ନୁହେଁ, ଏ ସମ୍ପର୍କରେ ସୂଚନା ଅଧିକାର ଆଇନ ବଳରେ ତଥ୍ୟ ମଗାଗଲେ ମିଳୁ ନ ଥିବା କୁହାଯାଇଛି । ଏହାକୁ ନେଇ କ୍ଷତିଗ୍ରସ୍ତ ଜମି ମାଲିକ ତଥା ବିରିଡି ଥାନା ମଧଶାସନ ତରଡ଼ାପାରୀ ଗ୍ରାମର ନୀଳମଣି ସାହୁ ଓ ସନାତନ ସାହୁ ଦୁଃଖ ପ୍ରକାଶ କରିବା ସହ ନ୍ୟାୟ ପାଇଁ ମୁଖ୍ୟମନ୍ତ୍ରୀ, ଜିଲାପାଳ, ଏସ୍‌ପି, ବିରିଡି ଆଇଆଇସି, ଜଗସିଂହପୁର ଏମ୍ପି ଓ ବିରିଡି ବିଡିଓଙ୍କୁ ଅବଗତ କରି ନ୍ୟାୟ ଭିକ୍ଷା କରିଥିବା କହିଛନ୍ତି ।

ନୀଳମଣି ଓ ସନାତନ କରିଥିବା ଅଭିଯୋଗ ଅନୁଯାୟୀ, ସେମାନଙ୍କ ଉତ୍ତରଶାସନ ମହାଜନ ସାହିରେ ଖାତା ସଂଖ୍ୟା ୧୦୨୩ ଅନ୍ତର୍ଗତ ଚକ ସଂଖ୍ୟା ୩୩୩ ତଥା ପ୍ଲଟ୍ ସଂଖ୍ୟା ୧୬୭୬ରେ ୬୫ ଡିସିମିଲ ଜମି ରହିଛିଛ ସେହିପରି ଖାତା ସଂଖ୍ୟା ୧୦୨୪ ଅନ୍ତର୍ଗତ ଚକ ସଂଖ୍ୟା ୩୩୪ ଓ ପ୍ଲଟ୍ ସଂଖ୍ୟା ୧୬୭୭ରେ ୨୨ ଡିସିମିଲ ଜମି ରହିଛି । ଖାତା ସଂଖ୍ୟା ୪୮୯ ଅନ୍ତର୍ଗତ ଚକ ସଂଖ୍ୟା ୩୩୨ ଓ ପ୍ଲଟ୍ ସଂଖ୍ୟା ୧୬୭୫ରେ ୬୪ ଡିସିମିଲ ଜମି ଅଛି । ଦୁଃଖର କଥା ହେଲା ସେମାନଙ୍କ ଏହି ଜମିରେ ବିରଡ଼ି ବ୍ଲକ ପ୍ରଶାସନ ପକ୍ଷରୁ ଏକ ଢଳେଇ ରାସ୍ତା ନିର୍ମାଣ କରାଯାଇଛି । ଏହା ଉକ୍ତ ଚକ ଜମିକୁ ଦୁଇଫାଳ କରି ଦେଇଛି । ରାସ୍ତା ନିର୍ମାଣ ପୂର୍ବରୁ ସେମାନଙ୍କୁ ସୂଚନା ଦିଆଯିବା ସହ ଅନୁମତି ନିଆଯିବାର ଥିଲା । ଯାହା କରାଯାଇ ନ ଥିଲା । ଏହାଦ୍ୱାରା ଚାଷ କରିବାରେ ସେମାନେ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଏ ପରିସ୍ଥିତିରେ ସେମାନେ କ'ଣ କରିବେ କିଛି ଭାବିପାରୁନାହାନ୍ତି । ତେଣୁ ରାସ୍ତାଟିକୁ ତୁରନ୍ତ ଉଠାଇ ଦିଆଗଲେ ସେମାନେ ଉପକୃତ ହେବେ ବୋଲି ଅଭିଯୋଗପତ୍ରରେ ଉଲ୍ଲେଖ ଅଛି । ଏଥିରେ ଏକଥା ସ୍ପଷ୍ଟ ଅଛି ଚକଭୁକ୍ତ ଧାନ ଜମିରେ ବିନା ଅନୁମତିରେ ଚଞ୍ଚକତା ପୂର୍ବକ ସଲାସୁତ୍ରରାରେ ସରକାରୀ ରାସ୍ତା କରାଯାଇଛି । ଏହା ସରକାରୀ ଅର୍ଥର ତୋଷରପାତ ଉଦ୍ଦେଶ୍ୟରେ ହୋଇଥିବା ସେମାନେ ସନ୍ଦେହ କରୁଛନ୍ତି । ଏ ସମ୍ପର୍କରେ ବିରିଡି ବ୍ଲକ କନିଷ୍ଠଯନ୍ତ୍ରୀ ଶାଶ୍ୱତି ଦାଶଙ୍କୁ ପଚାରିବାରେ ସେ ଏ ବିଷୟରେ କିଛି ଜାଣିନାହାନ୍ତି ବୋଲି କହି ପ୍ରସଙ୍ଗକୁ ଏଡାଇଯାଇଥିଲେ । ବିରିଡି ବିଡିଓ ଆୟୁଷୀ ପତି ଓ ସହକାରୀ ଯନ୍ତ୍ରୀ ପ୍ରିୟଙ୍କା ରାୟଙ୍କ ସହ ସେମାନଙ୍କ ଯୋଗାଯୋଗ ପାଇଁ ଚେଷ୍ଟା କରାଯାଇଥିଲେ ସୁଦ୍ଧା ସେମାନେ ଫୋନ୍ ଉଠାଇ ନ ଥିଲେ ।

# ନାଳ ପୋତି ହୋଇଯିବାରୁ ବର୍ଷାଜଳ ନିଷ୍କାସନରେ ବାଧା

**କଣାସ, ୧।୧୧ : ଏକ୍ସପ୍ରେସ୍ ନ୍ୟୁଜ୍**

କଣାସ ବ୍ଲକ ଗୋପିନାଥପୁର ପଞ୍ଚାୟତର ପାଇକମରା ଗ୍ରାମ ନିକଟରେ ଥିବା ପାଇକମରା ନାଳ ପୋତି ହୋଇପଡିବାରୁ ବର୍ଷାଜଳ ନିଷ୍କାସନ ହୋଇପାରୁ ନ ଥିବା ହେତୁ ଗ୍ରାମରେ ପାଣି ଜମି ରହୁଛି । ନାଳ ଉପରେ ରାସ୍ତା ଅତିକ୍ରମ କରିଥିବା ସମୟରେ ଜଳ ନିଷ୍କାସନ ପାଇଁ ହୋମ୍‌ପାଇ ପଡିନଥିବାରୁ ଜଳ ନିଷ୍କାସନରେ ବାଧକ ସାଜିଛି । ପାଣି ଜମି ରହୁଥିବା ଗ୍ରାମବାସୀମାନେ ବାରମ୍ବାର କଣାସ ତହସିଲଦାର ଗଡିଶାଗୋଦା ଆଇଆଇ.ସିଙ୍କୁ ଜଣାଇଛନ୍ତି । ଗଡିଶାଗୋଦା ଆଇଆଇସି ସୁଧର କୁମାର ଦାସ ଏବଂ କଳାପଦର ରାଜସ୍ୱ ନିରୀକ୍ଷକ ଘଟଣାସ୍ଥଳକୁ ଯାଇ ବୁଲିଦେଖି ଫେରିଆସିଛନ୍ତି । ପାଣି ଜମି ରହିଥିବାରୁ ଦମକଳ ବାହିନୀର କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି କିପରି ବର୍ଷାଜଳ ନିଷ୍କାସନ ହେବ ସେଥିପାଇଁ ଉଦ୍ୟମ କରିବା ସହିତ ଗ୍ରାମବାସୀମାନେ ବସି ସ୍ଥାୟୀ ସମାଧାନ କରିବାପାଇଁ ପରାମର୍ଶ ଦେଇଥିଲେ ।

# ଓଡ଼ାପଡ଼ା ତହସିଲ ଅଞ୍ଚଳ ଏବେ ଖଣି ମାଫିଆଙ୍କ ଭୂସ୍ୱର୍ଗ

**ଓଡ଼ାପଡ଼ା, ୧।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ବେଆଇନ ଭାବେ ଆଇନ୍‌କୁ ଆଖି ଠାର ମାରି ଦିନ ଦ୍ୱିପ୍ରହରରେ ହଜାର ହଜାର ଟ୍ରିପ୍ କଳା ମୁଗୁନି (ସ୍ୱଲ) କରାଯାଉଛି ଲୁଟ । ଏସବୁ ତସ୍କରି ରେ ମାଷ୍ଟର ମାଇଣ୍ଡ ଓ ଦଲାଲ ସାଜିଛନ୍ତି ଖୋଦ୍ ଓଡ଼ାପଡ଼ା ତହସିଲଦାର । ଖଣି ବିଭାଗ ର ଆଳ ଦେଖାଇ ତହସିଲଦାର କରୁଛନ୍ତି ଲକ୍ଷ୍ୟ ଲକ୍ଷ୍ୟ ଟଙ୍କା ଆୟ । ଓଡ଼ାପଡ଼ା ଅଞ୍ଚଳରେ ମାତ୍ର କିଛି ଖଣି ଅନୁମତି ପାଇଥିବା ବେଳେ ତହସିଲଦାରଙ୍କୁ ମୋଟା ଅଙ୍କର ମାସିକିଆ ଚାନ୍ଦଦେଇ ତା' ଠାରୁ ଅଧିକ ଖଣିରୁ ଦିନ ରାତି ଏକ କରି ହଜାର ହଜାର ଟ୍ରିପର ଖଣିଜ ସଂପଦ କରାଯାଇଅଛି ଆତ୍ମସାତ । ସରକାର ହରାଉଛନ୍ତି କୋଟି କୋଟି ଟଙ୍କାର ରାଜସ୍ୱ । ମାଫିଆ ଓ ତହସିଲଦାର ହେଉଛନ୍ତି ମାଲେମାଲ । ଦୈନିକ ହଜାର ହଜାର ଟ୍ରିପର ଲଘୁ ଖଣିଜ ଅନ୍ତଃଜିଲ୍ଲା ଚୋରା ଚାଲାଣ ହେଉଛି । ଧରିତ୍ରୀ ଅନ୍ତଫାଡ଼ି ଅହରହ ମାଫିଆମାନେ କୋଟି କୋଟି ଟଙ୍କାର ରାଜସ୍ୱ ହରିଲୁଟ କରୁଥିବା ବେଳେ ଖୋଦ ତହସିଲ ଅଫିସର ମୁଖିଆ ତହସିଲଦାର ବାବୁ ସାଜିଛନ୍ତି କିଙ୍ଗପିନ । ଏମିତି କି ଜିଲ୍ଲା ଖଣିଜ ବିଭାଗ କୁ ହାତ ବାରିସୀ କରି କରିତକର୍ମା ତହସିଲଦାର ମନୋଜ ମାଝି ଖଣି ମାଲିକ ମାନଙ୍କଠାରୁ ଜୋର ଜବରଦସ୍ତ ବେସରକାରୀ ଚାନ୍ଦା ଆଦାୟ କରୁଥିବାର ଅଭିଯୋଗ ମଧ୍ୟ ହେଉଛି, ଯିଏ ମୋଟା ଅଙ୍କର ଚାନ୍ଦା ନଦେଲା ଜାଣି ଶୁଣି ଉକ୍ତ ଖଣିକୁ ଆକ୍ରୋଶମୂଳକ ଭାବରେ ବନ୍ଦ କରିଦେଉଥିବାର କଥା ସାଧାରଣରେ ଚର୍ଚ୍ଚା ହେଉଛ । ନିଜର ଦୋଷ ଦୁର୍ବଳତା ଓ ଦୁର୍ନୀତିକୁ ଘଣ୍ଟ ଘୋଡାଇବା ପାଇଁ ସୂଚନା ଅଧିକାର ଆଇନ ବଳରେ ବାରମ୍ବାର ତଥ୍ୟ ମାଗିଲେ ମଧ୍ୟ ଜାଣିଶୁଣି ତଥ୍ୟ ଲୁଚାଉଛି ତହସିଲ ପ୍ରଶାସନ । ଓଡ଼ାପଡ଼ା ତହସିଲ ଅଞ୍ଚଳରେ କେତେ ଖଣି ଚାଲିଛି, କାହାକୁ କେତେ ପରିମାଣ ର ଖଣିଜ ଦ୍ରବ୍ୟ ଉତ୍ତୋଳନ କରିବାର




ସରକାରୀ ଅନୁମତି ଦିଆଯାଇଛି, ତାହାର ସନ୍ତୋଷ ଜନକ ତଥ୍ୟ ନଦେଇ ତହସିଲଦାର ଦୁର୍ନୀତିକୁ ଲୁଚାଉଥିବାର କଥା ସାମ୍ନାକୁ ଆସିଛି । ସୂଚନା ଅଧିକାର ଆଇନ ଚିଠି ନମ୍ବର ୩୨୬୩ ବଳରେ ମଗାଯାଇଥିବା ତଥ୍ୟ ଅନୁସାରେ ସମ୍ପୂର୍ଣ୍ଣ ଓଡାପଡା ତହସିଲ ଅଞ୍ଚଳରେ ମାତ୍ର ୩୭ ଗୋଟି ଖଣି ରହିଥିବା ବେଳେ ବାସ୍ତବରେ କିନ୍ତୁ ସରକାରୀ ନିୟମ କୁ ଫୁ କରି ଶହ ଶହ ବେଆଇନ କଳାମୁଗୁନି ପଥର ଖଣି, ମାଙ୍କଡା ପଥର ଖଣି, ବାଲି ଘାଟ ଏବଂ ମାଟି ଇଟାଭାଟି ଗଢି ଉଠିଛି । ଏଠି ପ୍ରଶ୍ନ ଉଠୁଛି ମାତ୍ର ୩୭ ଗୋଟି ଖଣି ଅନୁମତି ପାଇଥିବା ବେଳେ କିଭଳି ଦୈନିକ ଶହ ଶହ ଟ୍ରିପର ଲଘୁ ଖଣିଜ ପଦାର୍ଥ ତହସିଲ କାର୍ଯ୍ୟାଳୟ ସାମ୍ନାରେ ଯାତାୟାତ କରୁଛି ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି ।

ସୂଚନା ଅନୁସାରେ ବେଆଇନ ମୂଲ୍ୟବାନ କଳାମୁଗୁନି ପଥର ଖଣି ଗୁଡ଼ିକରେ ଡିନାମାଇଟ ଦ୍ୱାରା ବିସ୍ପୋରଣ ଯୋଗୁଁ କମ୍ପନ ସୃଷ୍ଟି ହୋଇ ସ୍ଥାନୀୟ ଲୋକଙ୍କ ଘର, ଛାତ ଓ କାନ୍ଥ ଫାଟି ଯାଉଛି । ଅତ୍ୟନ୍ତ ଗଭୀର ଆଉ ଏତେ ପରିମାଣର ପଥର ଉତ୍ତୋଳନ କରାଯାଉଛି ଯେ,ଜଙ୍ଗଲ ଭରା ପାହାଡ଼ର ପ୍ରାକୃତିକି ସୌନ୍ଦର୍ଯ୍ୟ ନଷ୍ଟ ହୋଇ ବିକଳାଙ୍ଗ ଦିଶୁଚି, ଧୂଳି ଧୂଆଁ ଓ ବିସ୍ପୋରଣର ଶବ୍ଦ ପ୍ରଦୂଷଣ ସ୍ଥାନୀୟ ଅଞ୍ଚଳରେ ପରିବେଶ ଜନିତ ସମସ୍ୟା ସୃଷ୍ଟି କରୁଛି, ଯେଉଁଥିରେ ସାଧାରଣ ଲୋକଙ୍କ ଠାରୁ ଆରମ୍ଭ କରି ବନ୍ୟ ପ୍ରାଣୀ ପ୍ରଭାବିତ ହେଉଛନ୍ତି, ପୂର୍ବରୁ ଯେଉଁ ସ୍ଥାନ ଗୁଡିକ ଜଙ୍ଗଲୀ ହାତୀଙ୍କର ଆଶ୍ରୟସ୍ଥଳୀ ଥିଲା ତାହା ଏବେ ବିରାଟ କାୟ ହ୍ରଦର ଭ୍ରମ ସୃଷ୍ଟି କରୁଛି। ଯାହାଫଳରେ ହାତୀ ଗତିପଥ ବଦଳି ଜନବସତି ମୁହାଁ ହେଉଛି । ସର୍ବସାଧାରଣ ରାସ୍ତାରେ ବଡ଼ ବଡ଼ ଭାରି ଯାନ ଅହରହ ଯାତାୟାତ କରୁଥିବାରୁ ଛୋଟ ଛୋଟ କୋମଳମତି ସ୍କୁଲ ଛାତ୍ରଛାତ୍ରୀଙ୍କ ଠାରୁ ଆରମ୍ଭ କରି କଲେଜ ଛାତ୍ରଛାତ୍ରୀ ଗୁରୁତର ପ୍ରଭାବିତ ହେଉଥିବାବେଳେ ଯାନ ଗୁଡିକର ଅତ୍ୟଧିକ ବେଗ ଯୋଗୁ ସଡ଼କ ଦୁର୍ଘଟଣା ହେବାର ଯଥେଷ୍ଟ ସମ୍ଭାବନା ରହୁଛି । ଏ ସମ୍ପର୍କରେ ଅଧିକ ସୂଚନା ପାଇଁ ଉପଜିଲ୍ଲାପାଳଙ୍କ ସହିତ ଯୋଗାଯୋଗ କରିବାରୁ ପ୍ରତିକ୍ରିୟା ଦେଇକହିଛନ୍ତି ଯେ, ଓଡ଼ାପଡ଼ା ତହସିଲଦାରଙ୍କୁ ନିର୍ଦ୍ଦେଶ ଦିଆ ଯାଇଛି, ଓଡ଼ାପଡ଼ା ତହସିଲ ଅଞ୍ଚଳରେ ଥିବା ବେଆଇନ ଖଣି ଗୁଡିକକର ତଦନ୍ତ କରାଯାଇ ସଂପୃକ୍ତ ବ୍ୟକ୍ତିମାନଙ୍କ ବିରୋଧରେ ଅପରାଧିକ ମାମଲା ରୁଜୁ କରିବାପାଇଁ ।

ଏବେ ଆମ ରାଜ୍ୟରେ ଶିଳ୍ପ ବିକାଶକୁ ଗୁରୁତ୍ୱ ଦିଆଯାଉଛି । ବିଭିନ୍ନ ଶିଳ୍ପୋଦ୍ୟୋଗୀମାନଙ୍କୁ ଆମ ରାଜ୍ୟରେ ଶିଳ୍ପ ବସାଇବା ପାଇଁ ଆମନ୍ତ୍ରଣ କରାଯାଉଛି । ତେଣୁ ଯେତେ କଳ କାରଖାନା ବଢ଼ିବ ପ୍ରଦୂଷଣ ସେତେ ବଢ଼ିବ, ଏକଥାକୁ କେହି ଅସ୍ୱୀକାର କରିପାରିବେ ନାହିଁ । ପରିବହନ ଗାଡ଼ି ସଂଖ୍ୟା ମଧ୍ୟ ବଢ଼ିବ । ଏସବୁରୁ ଯେଉଁ ପ୍ରଦୂଷଣ ଏବଂ ନିର୍ଗମନ ହେବ ତାହା ନିଶ୍ଚିତ ଭାବେ ବାୟୁ ପ୍ରଦୂଷଣକୁ ବଢ଼ାଇବ । କଳକାରଖାନାର ବର୍ଜ୍ୟ ଜଳ ନଦୀର ମିଶିଲେ ନଦୀ ଜଳ ମଧ୍ୟ ପ୍ରଦୂଷିତ ହେବ । ତେଣୁ ଏଭଳି ଶିଳ୍ପକୁ ଆମନ୍ତ୍ରଣ କରାଯାଉ, ଯେଉଁଗୁଡ଼ିକ ପ୍ରଦୂଷଣ ବଢ଼ାଇବ ନାହିଁ । ଏଥିସହିତ ଶିଳ୍ପ ସଂସ୍ଥାଗୁଡ଼ିକ ପ୍ରଦୂଷଣ ଗାଇଡ୍ ଲାଇନ୍‌କୁ କିଭଳି କଡ଼ାକଡ଼ି ପାଳନ କରିବେ ସେ ଦିଗକୁ ମଧ୍ୟ ଗୁରୁତ୍ୱ ଦିଆଯିବା ଦରକାର ।

ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ | ଭୁବନେଶ୍ୱର | ୨ ନଭେମ୍ବର ୨୦୨୫ | ରବିବାର

ଓଡ଼ିଶା ଏକ୍ସପ୍ରେସ୍

## ପ୍ରଦୂଷଣ ଆଶ୍ରୟସ୍ଥଳୀର ଅବଶ୍ୟକତା ନପଡୁ !

ଆମ ରାଜ୍ୟ ଏକ ବାତ୍ୟାପ୍ରବଣ ରାଜ୍ୟ ହୋଇଥିବାରୁ ବିଭିନ୍ନ ଜିଲ୍ଲାରେ ବାତ୍ୟା ଆଶ୍ରୟସ୍ଥଳୀ କରାଯାଇଛି । ବିପର୍ଯ୍ୟୟ ପରିଚାଳନାର ଏହା ଏକ ଉତ୍ତମ ପରିକଳ୍ପନା ନିଶ୍ଚିତ ଭାବରେ । ବାତ୍ୟା/ବନ୍ୟା ପୂର୍ବରୁ ତଳିଆ ଅଞ୍ଚଳର ଲୋକଙ୍କୁ ବାତ୍ୟା ଆଶ୍ରୟସ୍ଥଳକୁ ଅଣାଯାଏ, ସେମାନଙ୍କ ସୁରକ୍ଷା ପାଇଁ । ପରିସ୍ଥିତି ସ୍ୱାଭାବିକ ହେଲେ ପୁଣି ଲୋକେ ଫେରିଯାଆନ୍ତି ନିଜ ନିଜ ଘରକୁ । ଏବେ ତ ପକ୍କାଘର ମଧ୍ୟ ଯୋଗାଇ ଦିଆଯାଉଛି ବନ୍ୟା/ବାତ୍ୟାକୁ ଆଖିଆଗରେ ରଖି ।

ଆଗକୁ ବାତ୍ୟା ଆଶ୍ରୟସ୍ଥଳୀ ଭଳି 'ପ୍ରଦୂଷଣ ଆଶ୍ରୟସ୍ଥଳୀ'ର ଆବଶ୍ୟକତା ମଧ୍ୟ ପଡ଼ିପାରେ, ଯଦି ଆମେ ଏବେଠୁ ସତର୍କ ନହେବା । ପ୍ରଦୂଷଣ ଅତ୍ୟାଚାରୀ ହେଲେ ଆମକୁ ହୁଏତ ପ୍ରଦୂଷଣମୁକ୍ତ ସ୍ଥାନକୁ ଯିବାକୁ ପଡ଼ିପାରେ ଦିନେ । ସେଇ କାରଣରୁ ପ୍ରଦୂଷଣ ଆଶ୍ରୟସ୍ଥଳୀ ଯେ ଦିନେ କରିବାକୁ ନ ପଡ଼ିବ ଏ ଆଶଙ୍କାକୁ ଏଡାଇ ଦେଇହେଉନି ।

ଏତେ କଥା କହିବାର ଅସଲ ଉଦ୍ଦେଶ୍ୟ ହେଲା– ଦିଲ୍ଲୀର ଆକାଶକୁ ଏବେ ଧୂଳି ଓ ଧୂଆଁର ମୋଟା ପଦା ଢାଙ୍କି ରଖିଛି । ବାୟୁ ଗୁଣବତ୍ତା ସୂଚାଙ୍କ ଅନେକ ସ୍ଥାନରେ ୪୫୦ ଅତିକ୍ରମ କରିସାରିଛି, ଯାହା ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଦ୍ୱାରା ନିର୍ଦ୍ଧାରିତ ନିରାପଦ ସୀମାଠାରୁ ପ୍ରାୟ ୧୦ଗୁଣ ଅଧିକ । ଏଇ ପରିସ୍ଥିତିରେ ଦେଶର ଜଣେ ଅଗ୍ରଣୀ ଫୁସ୍‌ଫୁସ୍ ବିଶେଷଜ୍ଞ ଏକ ବିସ୍ଫୋରକ ଚେତାବନୀ ଦେଇଛନ୍ତି । ସେ କହିଛନ୍ତି– ଯଦି ସାମର୍ଥ୍ୟ ଥାଏ, ତା'ହେଲେ ଦିଲ୍ଲୀ ଛାଡ଼ି ୬ରୁ ୮ ସପ୍ତାହ ଅନ୍ୟ କୌଣସି ସ୍ଥାନକୁ ଚାଲିଯାଆନ୍ତୁ । ଏହା ଆପଣଙ୍କୁ ସୁରକ୍ଷିତ ରଖିପାରେ । ଦିଲ୍ଲୀବାସୀ ବିଷାକ୍ତ ଧୂଆଁରେ ଏବେ ଆକ୍ରାମାକ୍ରା । ଯିଏ ପଦାକୁ ବାହାରୁଛନ୍ତି ତାଙ୍କ ପାଇଁ ମାସ୍କ ଜରୁରୀ ହୋଇପଡ଼ିଛି । ଦିଲ୍ଲୀବାସୀଙ୍କ ସ୍ୱାସ୍ଥ୍ୟବସ୍ଥା ଜାଣିବା ପାଇଁ କମ୍ୟୁନିଟି ପ୍ଲାଟଫର୍ମ ଲୋକାଲସର୍କଲ୍ସର ଯେଉଁ ସର୍ଭେ କରାଯାଇଥିଲା ତାହା ଅନେକଙ୍କୁ ଭୟଭୀତ କରିଛି । ସର୍ଭେରୁ ଜଣାଯାଇଛି– ପ୍ରତି ୪ ପରିବାରରେ ୩ଜଣଙ୍କ ମଧ୍ୟରୁ ଅତି କମ୍‌ରେ ଜଣେ ଅସୁସ୍ଥ ଅଛନ୍ତି ବିଷାକ୍ତ ବାୟୁର ପ୍ରଭାବରେ । ଏହା ଏକ ସ୍ୱାସ୍ଥ୍ୟ ସଂକଟ ସୃଷ୍ଟି କରିଛି ।

ଦୀପାବଳୀଠାରୁ ରାଜଧାନୀ ଦିଲ୍ଲୀର ବାୟୁ ବିଷାକ୍ତ ହୋଇଯାଇଛି । ବାଣର ଧୂଆଁ, ପଡ଼ୋଶୀ ରାଜ୍ୟଗୁଡ଼ିକରେ ଫସଲ ପୋଡ଼ି ଏବଂ ସ୍ଥାନୀୟ କଳକାରଖାନାର ଅଙ୍ଗାରକାମ୍ଳ ନିର୍ଗମନ ଯୋଗୁଁ ଦିଲ୍ଲୀର ବାୟୁର ମାନ (ଏକ୍ୟୁଆଇ)ସ୍ତର ୪୦୦ରୁ ୫୦୦ ମଧ୍ୟରେ ରହୁଛି । ସୂକ୍ଷ୍ମ କଣିକା ପଦାର୍ଥ ସ୍ତର ପ୍ରତି ମିଟରରେ ୩୫୦ ଗ୍ରାମ୍‌ରେ ପହଞ୍ଚିଛି ।

ଗବେଷଣାରେ କୁହାଯାଇଛି ଯଦି ତୁରନ୍ତ ପଦକ୍ଷେପ ନିଆନଯାଏ ତେବେ ସ୍ୱାସ୍ଥ୍ୟ ସମସ୍ୟା ଆହୁରି ଖରାପ ହୋଇପାରେ । ଯାନବାହନ ନିର୍ଗମନରୁ ମଧ୍ୟ ପରିବେଶ ପ୍ରଦୂଷଣ ବଢୁଛି ।

ଏବେ ଆମ ରାଜ୍ୟରେ ଶିଳ୍ପ ବିକାଶକୁ ଗୁରୁତ୍ୱ ଦିଆଯାଉଛି । ବିଭିନ୍ନ ଶିଳ୍ପୋଦ୍ୟୋଗୀମାନଙ୍କୁ ଆମ ରାଜ୍ୟରେ ଶିଳ୍ପ ବସାଇବା ପାଇଁ ଆମନ୍ତ୍ରଣ କରାଯାଉଛି । ତେଣୁ ଯେତେ କଳ କାରଖାନା ବଢ଼ିବ ପ୍ରଦୂଷଣ ସେତେ ବଢ଼ିବ, ଏକଥାକୁ କେହି ଅସ୍ୱୀକାର କରିପାରିବେ ନାହିଁ । ପରିବହନ ଗାଡ଼ି ସଂଖ୍ୟା ମଧ୍ୟ ବଢ଼ିବ । ଏସବୁରୁ ଯେଉଁ ପ୍ରଦୂଷଣ ଏବଂ ନିର୍ଗମନ ହେବ ତାହା ନିଶ୍ଚିତ ଭାବେ ବାୟୁ ପ୍ରଦୂଷଣକୁ ବଢ଼ାଇବ । କଳକାରଖାନାର ବର୍ଜ୍ୟ ଜଳ ନଦୀର ମିଶିଲେ ନଦୀ ଜଳ ମଧ୍ୟ ପ୍ରଦୂଷିତ ହେବ । ତେଣୁ ଏଭଳି ଶିଳ୍ପକୁ ଆମନ୍ତ୍ରଣ କରାଯାଉ, ଯେଉଁଗୁଡ଼ିକ ପ୍ରଦୂଷଣ ବଢ଼ାଇବ ନାହିଁ । ଏଥିସହିତ ଶିଳ୍ପ ସଂସ୍ଥାଗୁଡ଼ିକ ପ୍ରଦୂଷଣ ଗାଇଡ୍ ଲାଇନ୍‌କୁ କିଭଳି କଡ଼ାକଡ଼ି ପାଳନ କରିବେ ସେ ଦିଗକୁ ମଧ୍ୟ ଗୁରୁତ୍ୱ ଦିଆଯିବା ଦରକାର । ନହେଲେ ବାତ୍ୟା ଆଶ୍ରୟସ୍ଥଳୀ ଭଳି ଦିନେ ପ୍ରଦୂଷଣ ଆଶ୍ରୟସ୍ଥଳୀର ଯେ ଆବଶ୍ୟକତା ନପଡ଼ିବ ଏ ସମ୍ଭାବନାକୁ ଏଡାଇ ଦେଇ ହେଉନି । ଏଭଳି ଆଶ୍ରୟସ୍ଥଳୀର ଆବଶ୍ୟତା ନ ପଡୁ ଆମ ରାଜ୍ୟ ପାଇଁ ।

# ତୋଷଣ ଠାରୁ କଷଣ ଭାରି



## ମୂଲ୍ୟବୋଧ

**ଅରବିନ୍ଦ ରାଉତରାୟ**

ଦେଶର ୧୪୫ କୋଟି ଅଧିବାସୀଙ୍କ ଆର୍ଥିକ ଭଲମନ୍ଦ ଆଜି ନିର୍ଭରଶୀଳ ସର୍ବୋଚ୍ଚ ଶାସନଗାଦିରେ ଅଧିଷ୍ଠିତ ରାଜନେତାଙ୍କ ଉପରେ । ଅଶୀ କୋଟି ଜନତାଙ୍କ ଖାଦ୍ୟ ସୁରକ୍ଷା ଅଧିକାର ହେଉ ବା ଦେଶ ଦଶର ବିକାଶ ହେଉ ସବୁରି ନିର୍ଣ୍ଣାୟକ ସେହି ଶାସନ ମୁଖ୍ୟ । ଏକ ଦେଶ ଏକ ଟିକସ ବ୍ୟବସ୍ଥାରେ ସେବା ଓ ଦ୍ରବ୍ୟ ଟିକସ– ଜିଏସ୍‌ଟିର ଆବିର୍ଭାବ ହେଲା ଦେଶରେ । 'ଗେମ୍ ଚେଞ୍ଜ୍' ଟିକସ ବ୍ୟବସ୍ଥା ଦେଶର ରାଜକୋଷକୁ ସମୃଦ୍ଧ କରିବା ଲକ୍ଷ୍ୟରେ ସମଗ୍ର ଶାସନ ବ୍ୟବସ୍ଥା ୨୦୧୭ରେ ଚଳଚଞ୍ଚଳ ହୋଇଉଠିଲା । କାରଣ ବିକାଶ ମାର୍ଗର ସଠିକ ନିର୍ମାଣ ଓ ପରିଚାଳନା ପାଇଁ ଆବଶ୍ୟକ ରାଜସ୍ୱ ସଂଗ୍ରହର ବିକଳ୍ପ ନାହିଁ । ହଁ ଦ୍ୱିତୀୟ ଉପାୟ ଋଣ ବୃଦ୍ଧି ହୋଇପାରେ ସତ, କିନ୍ତୁ ଋଣ ପରିଶୋଧ ପାଇଁ ରାଜସ୍ୱ ଅର୍ଜ୍ଜନକୁ ଅଲଗା କରିହେବ ନାହିଁ । ଠିକଣା ସମୟରେ ଜାତୀୟ ଓ ଅନ୍ତର୍ଜାତୀୟ ଋଣର ପରିଶୋଧ ହୋଇ ନ ପାରିଲେ, ସମୟ ଆସିବ ସେ ବାଟ ମଧ୍ୟ ବନ୍ଦ ହେବା କିଛି ନୂଆ କଥା ନୁହେଁ । ଏବର ଋଣ ସ୍ଥିତି ମଧ୍ୟ ସରଳ ଭାଷାରେ ଭଲ ନାହିଁ କହିଲେ ଭୁଲ୍ ହେବ ନାହିଁ । ନହେଲେ ଜିଡିପି ଅନୁପାତରେ ଅଧିକ ବାହ୍ୟ ଋଣରେ ବୁଡି ରହିଥିବା ବିଶ୍ୱର ଶ୍ରେଷ୍ଠ ଗଣତାନ୍ତ୍ରିକ ରାଷ୍ଟ୍ର ଭାରତକୁ ସାନି ଋଣ ମଞ୍ଜୁର କରିବାକୁ ବିଶ୍ୱବ୍ୟାଙ୍କ ପଛଘୁଞ୍ଚା ଦେଇ ନଥାନ୍ତା । ଅବଶ୍ୟ ବିଶ୍ୱବ୍ୟାଙ୍କରେ ଋଣ ମଞ୍ଜୁରୀ ମାପଦଣ୍ଡ ଯେ ସଂପୂର୍ଣ୍ଣ ନିରପେକ୍ଷ ତାହା କହିବା ଠିକ୍ ହେବ ନାହିଁ । କାରଣ ପଡ଼ୋଶୀ ଦେଶ ପାକିସ୍ତାନର ଅର୍ଥନୀତି ସର୍ବୋଚ୍ଚ ଦୁର୍ବଳ ସ୍ଥିତିରେ ପହଞ୍ଚିଥିଲେ ସୁଦ୍ଧା ସେଥିପାଇଁ ବିଶ୍ୱବ୍ୟାଙ୍କର ଋଣ ମଞ୍ଜୁରୀ ଓ ଆର୍ଥିକ ସହାୟତା ହାର ସଂପୂର୍ଣ୍ଣ ଉନ୍ମୁକ୍ତ । ଭାରତ ଉପରେ ଟିକସ ପରେ ଟିକସ କଷି ଚାଲିଥିବା ସର୍ବ ଶକ୍ତିମାନ ରାଷ୍ଟ୍ର ଆମେରିକାର ପାକ୍ ପ୍ରୀତି ବିଶ୍ୱରେ ଆଉ ଅଛପା ନାହିଁ । ପାକିସ୍ତାନ ସିନା ଋଷିଆ ସହିତ ପ୍ରତ୍ୟକ୍ଷ ସଂପର୍କ ରଖିବାରେ ଅସଫଳ, ହେଲେ ଚୀନ ସହିତ ପ୍ରତ୍ୟକ୍ଷ ଓ ପରୋକ୍ଷ ସଂପର୍କ ରଖି ସୁଦ୍ଧା ହ୍ୱାଇଟ୍ ହାଉସ୍‌ର ବନ୍ଧୁତ୍ୱ ଉପହାର ପାଇବାରେ ଲାଗିଛି । ଚୀନର ନୈତିକ ସମର୍ଥନ ଯେ ଋଷିଆ ପ୍ରତି ରହିଛି ଓ ରହିବ ତାହା ଆମେରିକାକୁ ଭଲଭାବେ ଜଣା । ଆମେରିକୀୟ ଶୁଳ୍କ ବୃଦ୍ଧିରେ ପ୍ରଭାବିତ ହୋଇ ମଧ୍ୟ ଭାରତ ଇତିମଧ୍ୟରେ ପ୍ରତ୍ୟକ୍ଷ କର ସଂଗ୍ରହ ବ୍ୟବସ୍ଥାରେ ଦୀର୍ଘ ଆଠବର୍ଷର ଆର୍ଥିକ କଷଣ ପରେ ଏକ ପ୍ରକାର ସଂସ୍କାର ଆଣିଛି ।

ବିଗତ ଆଠବର୍ଷ ମଧ୍ୟରେ ସରକାର ଜିଏସ୍‌ଟି ବାବଦରେ ୧୨୭ ଲକ୍ଷ କୋଟି ଟଙ୍କାର ରାଜସ୍ୱ ସଂଗ୍ରହ କରିଛନ୍ତି । ସେଥିର ୬୪ ପ୍ରତିଶତ ଅର୍ଥାତ୍ ଅଶୀ ଲକ୍ଷ କୋଟି ଟଙ୍କା କେବଳ ସମାଜର ଗରିବ ଓ ତଳୁଆବର୍ଗଙ୍କ ଠାରୁ ନିଆଯାଇଛି । ଧନିକ ଶ୍ରେଣୀର ଏ କ୍ଷେତ୍ରରେ ଅବଦାନ ମାତ୍ର ୩ ପ୍ରତିଶତ, ଯାହାକି ମାତ୍ର ଚାରିଲକ୍ଷ କୋଟି ଟଙ୍କା । ଏହି ସଂସ୍କାର ପ୍ରକ୍ରିୟାରେ ସରକାରଙ୍କର ନିଟ୍ ରାଜସ୍ୱ ଆୟ ହ୍ରାସ ମୋଟାମୋଟି ୪୮ ହଜାର କୋଟି ଟଙ୍କାରେ ସୀମିତ ରହିବାର ଆକଳନ କରାଯାଇଛି । ସାମଗ୍ରିକ ରାଜସ୍ୱହାନି ଯେ ୯୩ ହଜାର କୋଟି ଟଙ୍କାରେ ପହଞ୍ଚିବ, ସେଥିପ୍ରତି ସରକାର ଗୁରୁତ୍ୱ ନ ଦେବା ମଧ୍ୟ ସ୍ୱାଭାବିକ । କାରଣ ସଂସ୍କାର ପ୍ରକ୍ରିୟାରେ ଜିଏସ୍‌ଟି ସଂଗ୍ରହକୁ ଦୁଇ ଥାକିଆ କରାଯାଇ ବିଳାସପୂର୍ଣ୍ଣ ଓ ସାମାଜିକ କ୍ଷତି ସହ ସଂଯୁକ୍ତ ସାମଗ୍ରୀ ଉପରେ ସର୍ବୋଚ୍ଚ ହାର ଚାଳିଶ ପ୍ରତିଶତ ରଖାଯାଇଛି । ଏହି ନୂତନ ବର୍ଦ୍ଧିତ ହାର ମାଧ୍ୟମରେ ସରକାରୀ ରାଜସ୍ୱ ୪୫ ହଜାର କୋଟି ଟଙ୍କା ଯାଏ ଛୁଇଁବ ବୋଲି ଅନୁମାନ କରାଯାଉଛି । ହେଲେ ଏ କ୍ଷେତ୍ରର ବାସ୍ତବ ସ୍ଥିତି ସାକାର ହେବ ବଜାରର ଚାହିଦା ମାଧ୍ୟମରେ । ଅତ୍ୟଧିକ ଶୁଳ୍କ ବୃଦ୍ଧି ଚାହିଦାକୁ ପ୍ରଭାବିତ କଲେ ସରକାରଙ୍କ ରାଜସ୍ୱ ହାନି ଘଟିବାରେ ବାଧାବନ୍ଧନ ରହିବ ନାହିଁ । ଏଠାରେ ମାଦକ ଦ୍ରବ୍ୟର ନମୁନା ନିଆଯାଇପାରେ । ଚାଳିଶ ପ୍ରତିଶତ ଟିକସ ଲାଗୁ ମାଧ୍ୟମରେ ଦରବୃଦ୍ଧି ଘଟିଲେ, ମାଦକ ଦ୍ରବ୍ୟର ଚାହିଦା ଯେ ହୁ ହୁ ବଢିଯିବ, ତାହା ସଂପୂର୍ଣ୍ଣ ଅସ୍ପଷ୍ଟ । ସେହିପରି ବିଳାସପୂର୍ଣ୍ଣ ସାମଗ୍ରୀ ଉତ୍ପାଦନ ବୃଦ୍ଧି ସଂପୂର୍ଣ୍ଣ ନିର୍ଭରଶୀଳ ବଜାରର ଚାହିଦା ଉପରେ । ଅଧିକ ଚାହିଦା ହିଁ ଅତିରିକ୍ତ ରାଜସ୍ୱ ସଂଗ୍ରହକୁ ସୁଯୋଗ ଦେବ, ଏଥିରେ ଦ୍ୱିମତ ନାହିଁ ।

ତେବେ ପ୍ରଚଳିତ ସଂସ୍କାର ପ୍ରକ୍ରିୟାରେ କେତେକ ଅର୍ଥନୀତି ବିଶାରଦ ଦୁଇଲକ୍ଷ କୋଟି ଟଙ୍କାର ରାଜସ୍ୱ କ୍ଷତି ହେବା ନେଇ ଆଶଂକା ପ୍ରକାଶ କରିଛନ୍ତି । ମାତ୍ର ଜିଏସ୍‌ଟି ସଂଗ୍ରହ ବ୍ୟବସ୍ଥାରେ ସରକାର କେତେ ଲକ୍ଷ କୋଟି ଟଙ୍କା ବିନିଯୋଗ କରିଛନ୍ତି ଯେ, କ୍ଷତିର ସମ୍ମୁଖୀନ ହେବାର ପ୍ରଶ୍ନ ଉଠୁଛି । ନୂତନ ଟିକସ ବ୍ୟବସ୍ଥା ଲାଗୁ କରିବା ବେଳେ ସରକାର କରଦାତାଙ୍କ ଆର୍ଥିକ ସାମର୍ଥ୍ୟର ସମୀକ୍ଷା ନକରି ଆବାଳବୃଦ୍ଧ ବନିତାଙ୍କ ଠାରୁ ଆରମ୍ଭ କରି ଜୀବନ ବୀମା ଓ ସ୍ୱାସ୍ଥ୍ୟ ବୀମା ଭଳି ଅନିଶ୍ଚିତ ସେବା ଉପରେ ଟିକସ ଭିଡିବାକୁ ପଛାଇଲେ ନାହିଁ । ଏପରିକି ଜିଏସ୍‌ଟି ପରେ ମଧ୍ୟ ସେସ୍ ଲଗାଇ 'ବୋଝ ଉପରେ ନଳିତାବିଡା' ନୀତିକୁ ଆପଣେଇ ନେବାରେ ପଶ୍ଚାଦପଦ ହେଲେ ନାହିଁ । ବୀମା ଶିଳ୍ପ ଜୀବନ ଧାରଣର ଅନିଶ୍ଚିତ କ୍ଷେତ୍ର ସହ ସଂଶ୍ଲିଷ୍ଟ ଥିବା ନେଇ ଖୋଦ କେନ୍ଦ୍ରମନ୍ତ୍ରୀ ନୀତିନ୍ ଗଡ୍‌କରି ସ୍ୱର ଉଠାଇଲେ ମଧ୍ୟ ତାହା ବୁଝିବାକୁ ଅର୍ଥମନ୍ତ୍ରୀଙ୍କ ବରଷେ ଲାଗିଗଲା । ସେହିପରି ଅଗଣିତ କରଦାତାଙ୍କ ଶାରୀରିକ, ଆର୍ଥିକ ପ୍ରଭାବ ପରଖିବାକୁ କେନ୍ଦ୍ର ସରକାରୀ ମୁଖ୍ୟ ଦୀର୍ଘ ଆଠବର୍ଷ ଟାଣି ନେଲେ । ପବିତ୍ର ଦୀପାବଳି ଉପଲକ୍ଷେ ସରକାର ଜିଏସ୍‌ଟି ସଂସ୍କାର ଭେଟି ଦେଇଛନ୍ତି ବୋଲି ପ୍ରଚାରରେ ମସଗୁଲ ରାଜନେତା ଜାଣିବା ଆବଶ୍ୟକ ଯେ, ପ୍ରତିବର୍ଷ ଦୀପାବଳି ପାଳିତ ହେଉଛି ଭାରତରେ । ରାଜନେତାଙ୍କ ଘୋଷଣା ସତେ ଯେପରି ସୂଚାଇ ଦେଉଛି ଯେ, ବିଗତ ଏଗାର ବର୍ଷର କେନ୍ଦ୍ରୀୟ ଶାସନରେ ସାତବର୍ଷ ହେଲା ଦୀପାବଳି ପାଳିତ ହୋଇ ନଥିଲା ।

ବୀମା ଶିଳ୍ପରେ ପ୍ରିମିୟମ ସଂଗ୍ରହ ପ୍ରକ୍ରିୟାକୁ ଟିକସ ମୁକ୍ତ କରି ସରକାରୀ ରାଜସ୍ୱ କ୍ଷତି ଘଟାଯାଇଛି ବୋଲି ଯୁକ୍ତି ବାଢୁଥିବା ବେସରକାରୀ ସଂସ୍ଥା ହେଉ ବା ଅର୍ଥନୀତି ବିଶାରଦ ହୁଅନ୍ତୁ, କେତେଦୂର ଯୁକ୍ତି ସଂଗତ ତାହା ଜଣାପଡୁନାହିଁ । ଦେଶର ବୀମା ଶିଳ୍ପ ସଂପୂର୍ଣ୍ଣ ନିର୍ଭରଶୀଳ ବୀମାକାରୀଙ୍କ ପ୍ରିମିୟମ ବାବଦ ଅର୍ଥ ସଂଗ୍ରହ ଉପରେ । ପ୍ରିମିଅମ ଯେ ଏ କ୍ଷେତ୍ରର ଆର୍ଥିକ ମେରୁଦଣ୍ଡର ମୂଳଦୁଆ ତାହାକୁ ଅସ୍ୱୀକାର କରାଯାଇ ନପାରେ । ବୀମା କ୍ରୟକାରୀ ସମ୍ଭାବ୍ୟ ମୃତ୍ୟୁ ଆଶଙ୍କା, ରୋଗ ଦାଉରୁ ଉପଶମ ହେଉ ବା ଜୀବନ ବଞ୍ଚାଇବାର ସଂଗ୍ରାମ ହେଉ ଓ ମଟରଯାନ ସହ ଜୀବନର ସୁରକ୍ଷା ଆଶାରେ ପ୍ରିମିଅମ ପ୍ରଦାନ କରୁଛି । ଅଧିକାଂଶ କ୍ଷେତ୍ରରେ ସୁବିଧାସୁଯୋଗ ନ ପାଇ ବା ଆବଶ୍ୟକତା ନଥାଇ ବୀମାଧାରୀ ଜିଏସ୍‌ଟି ପୈଠ କରୁଛି । ଯଦି ସେହି ଅନିଶ୍ଚିତ କ୍ଷେତ୍ରକୁ ଟିକସ ମୁକ୍ତ କରିଦିଆଗଲା, ଦୀର୍ଘ ଆଠବର୍ଷର ପୈଠ ପରେ ସେ କ୍ଷେତ୍ରରେ କ୍ଷତି କେଉଁଠି ହୋଇଗଲା! ଆଜି ବୀମା ପ୍ରିମିଅମ୍ ନଥିଲେ, ଅର୍ଥନୈତିକ ସମୃଦ୍ଧି ପାଇଁ ସଞ୍ଚୟ ସୁଯୋଗ ସହ ଜୀବନହାନୀକୁ ରୋକିବାର ସୁଯୋଗ ମଧ୍ୟ ନଥିଲା । ବୀମା ଶିଳ୍ପ ସୃଷ୍ଟି କରିଥିବା ଲକ୍ଷାଧିକ ପରୋକ୍ଷ ଓ ପ୍ରତ୍ୟକ୍ଷ ନିଯୁକ୍ତି ସୁଯୋଗ ନିଶ୍ଚୟ ସରକାରଙ୍କ ଉପରେ କର୍ମ ନିଯୁକ୍ତି ବୋଝ ସୃଷ୍ଟି କରିଥାନ୍ତା, ଏ କ୍ଷେତ୍ରରେ ନିଯୁକ୍ତ କର୍ମଚାରୀ ଓ ଏଜେଣ୍ଟଙ୍କ ଆୟ ଓ ଚାହିଦା ମଧ୍ୟ ଶୂନ ବା ସୀମିତ ହୋଇଥାନ୍ତା । ଅନ୍ୟପକ୍ଷରେ ବୀମା ଶିଳ୍ପରୁ ସଂଗୃହୀତ ପ୍ରତ୍ୟକ୍ଷ କର ବାବଦ ରାଜସ୍ୱର ଅବଦାନ ମଧ୍ୟ ଅଦୃଶ୍ୟ ଅବସ୍ଥା ନେବା ଅସମ୍ଭବ ହୋଇନଥାନ୍ତା । ଏସବୁ କ୍ଷେତ୍ରକୁ ବିଚାରକୁ ନେଲେ ସଂସ୍କାର ପ୍ରକ୍ରିୟା ସକରାତ୍ମକ ପ୍ରଭାବ ସୃଷ୍ଟି କରିବାରେ ସଫଳ ହେବା ସୁନିଶ୍ଚିତ ହୋଇଯାଇଛି ।

ଏଣିକି ଜିଏସ୍‌ଟି ମୁକ୍ତ ପ୍ରିମିୟମ ପ୍ରଦାନ ବୀମା ଶିଳ୍ପରେ ଚାହିଦା ବୃଦ୍ଧି ଘଟାଇବା ସହିତ ରାଜସ୍ୱ ବୃଦ୍ଧି ଦିଗରେ ସଫଳ ହେବାର ସମୟ ଆସିଛି । ନୂତନ ବୀମାଧାରୀ ସୃଷ୍ଟି ହେବା ସହିତ ସେ କ୍ଷେତ୍ରରୁ ସଂଗୃହୀତ ବିପୁଳ ଜମାରାଶି ସରକାରୀ କ୍ଷେତ୍ରରେ ବିନିଯୋଗ ହେବାର ପଥ ଉନ୍ମୁକ୍ତ ହୋଇଛି । ପରବର୍ତ୍ତୀ ପର୍ଯ୍ୟାୟରେ ଦାରିଦ୍ର୍ୟ ଦୂରୀକରଣ ଓ ଖାଦ୍ୟ ସୁରକ୍ଷା ବାବଦରେ ବିନିଯୁକ୍ତ ରାଶି ପାଇଁ ଦେଶକୁ ବାହ୍ୟ ଋଣ ଉପରେ ନିର୍ଭର କରିବାକୁ ପଡି ନ ପାରେ ମଧ୍ୟ । ସାମଗ୍ରୀକ ଆଭ୍ୟନ୍ତରୀଣ ଉତ୍ପାଦନ ବା ଜିଡିପି ବୃଦ୍ଧି ଏଥିପାଇଁ ବିଶ୍ୱସ୍ତରରେ ଦେଶର ଅର୍ଥନୈତିକ ଶକ୍ତିକୁ ସୁଦୃଢ଼ କରିବାରେ ବଳ ଯୋଗାଇବାରେ ପ୍ରତିବନ୍ଧକ ରହିବ ନାହିଁ । ଅନ୍ୟପକ୍ଷରେ ଅତ୍ୟାବଶ୍ୟକ ସାମଗ୍ରୀ ଉପରୁ ଟିକସ ହ୍ରାସ ଓ ଟିକସ ମୁକ୍ତ ସାମଗ୍ରୀ ଉପଲବ୍ଧି ମାଧ୍ୟମରେ ମାଗଣା ରାସନ ପାଉଥିବା ଅଶୀ କୋଟି ଦେଶବାସୀଙ୍କ ଜୀବନ ଧାରଣ ମାନରେ ସକରାତ୍ମକ ପରିବର୍ତ୍ତନ ସମ୍ଭବ ହେବାର ବାଟ ଖୋଲିଛି ବୋଲି କୁହାଯାଉଛି ।

ସଂସ୍କାର ପ୍ରକ୍ରିୟା ଲକ୍ଷ୍ୟର ସଫଳତା ସରକାରଙ୍କ ମନୋଭାବ ପରିବର୍ତ୍ତନ ଉପରେ ମଧ୍ୟ ନିର୍ଭରଶୀଳ । ଜିଏସ୍‌ଟି ମାଧ୍ୟମରେ ସଂଗୃହୀତ କଷ୍ଟ ଲବ୍ଧ ରାଜସ୍ୱର ଉତ୍ପାଦନ ଭିତ୍ତିକ ବିନିଯୋଗର ଆବଶ୍ୟକତା ରହିଛି । ସେ ବାବଦ ରାଜସ୍ୱ ଯଦି ପୂର୍ବଭଳି ବ୍ୟାଙ୍କ ଶିଳ୍ପରେ ସୃଷ୍ଟ ସ୍ୱେଚ୍ଛାକୃତ ଅନାଦେୟ ରାଶି ଭରଣା ଓ ବୃହତ ଶିଳ୍ପ ଋଣ ଛାଡ଼ ଯୋଜନାରେ ବିନିଯୁକ୍ତ ହୁଏ, ତେବେ ସଂସ୍କାର ପ୍ରକ୍ରିୟା ଲକ୍ଷ୍ୟଚ୍ୟୁତ ହେବା ସହିତ ଏହି ବ୍ୟବସ୍ଥାରେ ରାଜସ୍ୱ କ୍ଷତି ଘଟିବା ଏକପ୍ରକାର ସୁନିଶ୍ଚିତ । ପରିବର୍ତ୍ତିତ ବ୍ୟବସ୍ଥାରେ ଅର୍ଥନୈତିକ ଦିଗ ରାଜନୈତିକ ଲକ୍ଷ୍ୟ ହାସଲର ରୂପ ନେଲେ, ଫଳ ଅସଫଳ ହେବାରେ ଅସୁବିଧା ରହିବ ନାହିଁ ।

ଏ କ୍ଷେତ୍ରରେ ଆଉ ଏକ ଆଶଙ୍କାକୁ ମଧ୍ୟ ଏଡାଇ ଦିଆଯାଇ ନପାରେ । ଟିକସ ବୋଝ ଅଟୋ ମୋବାଇଲ ଶିଳ୍ପରେ ମାନ୍ଦାବସ୍ଥା ସୃଷ୍ଟି କରିବାର ଆଶଙ୍କା ଥିବାରୁ ସଂସ୍କାର ପ୍ରକ୍ରିୟା ଆଭ୍ୟନ୍ତରୀଣ ଚାହିଦା ବୃଦ୍ଧି ଘଟାଇବା ସହିତ ଉତ୍ପାଦନ ବୃଦ୍ଧି ଓ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାର ସମ୍ଭାବନା ରହିଛି । ମାତ୍ର ସଂସ୍କାର ପ୍ରକ୍ରିୟାର ସୁବିଧାରୁ ଉପଭୋକ୍ତାଙ୍କୁ କୌଣସି ପ୍ରକାରେ ବଞ୍ଚିତ କରାଯିବା ଅନାବଶ୍ୟକ । ପରିବର୍ତ୍ତିତ ବ୍ୟବସ୍ଥାରେ ଅଟୋମୋବାଇଲ କ୍ଷେତ୍ରରେ ଉପଲବ୍ଧ ଆଖିଦୃଶିଆ ଆର୍ଥିକ ଫାଇଦା ଚାହିଦା ବୃଦ୍ଧି କ୍ଷେତ୍ରରେ ସଂପୂର୍ଣ୍ଣ ସମର୍ଥ ହେବ ସିନା, ଯେପର୍ଯ୍ୟନ୍ତ ସେଥିରେ ପୂର୍ଣ୍ଣଚ୍ଛେଦ ଟଣାଯିବାର ଅପପ୍ରୟାସ କରା ନ ଯାଇଛି । ସେହି ଆର୍ଥିକ ଫାଇଦା ଯେପର୍ଯ୍ୟନ୍ତ ନିର୍ମାଣକାରୀ ସଂସ୍ଥା ହାତକୁ ନଯାଇଛି, ସେ ପର୍ଯ୍ୟନ୍ତ ସଂସ୍କାର ପ୍ରକ୍ରିୟା ଲୋକହିତକାରୀ ହୋଇ ରହିବ । ତେବେ ଏହି ସଂସ୍କାର ଆଣିବା ପାଇଁ ଦୀର୍ଘ ଆଠବର୍ଷ ଲାଗିବାର କାରଣ କ'ଣ ? ରାଜସ୍ୱ ହାନିକୁ ରୋକିବା ଓ ତହବିଲର ଶକ୍ତି ବୃଦ୍ଧି ଲକ୍ଷ୍ୟରେ ଜିଏସ୍‌ଟି ଲାଗୁ କରିଥିବା ସରକାର ପ୍ରାଥମିକ ସ୍ତରରେ କରଦାତାଙ୍କ ପାରିବା ଓ ନ ପାରିବା ପଣିଆକୁ ନ ପରଖିବା ଅର୍ଥନୈତିକ ବିଫଳତା ନୁହେଁ କି ? ବିକାଶ ଲକ୍ଷ୍ୟକୁ ଚରିତାର୍ଥ କରିବା ପାଇଁ ଦେଶବାସୀଙ୍କ ମୁଣ୍ଡରେ ବୋଝ ଲଦି ଦୀର୍ଘ ଆଠବର୍ଷର ଅଣଦେଖା ପରେ ନିଜେ ଲାଘବ କରିବା କେତେ ନ୍ୟାୟସଂଗତ ତାହା ଚର୍ଚ୍ଚାର କାରଣ ହୋଇଛି । କାରଣ ଜିଏସ୍‌ଟିର ଆର୍ଥିକ କଷଣକୁ ହୃଦୟଙ୍ଗମ କରିବା ପାଇଁ ସରକାରଙ୍କୁ ଆଠବର୍ଷ ଲାଗିଗଲା ଓ ମନେ ପକାଇଦେଲା ସଂସ୍କାର ପ୍ରକ୍ରିୟାର ଆବଶ୍ୟକତା । ଦୀର୍ଘ ଅବଧିର ଟିକସ ଅସୁଲି ପରେ ୨୦୨୫ର ଦୀପାବଳୀରେ 'ଭେଟି' ଦେଇ ମନ ତୋଷିବାକୁ ସରକାର ତତ୍ପର ହୋଇଉଠିବା ଯେ, ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ନୁହେଁ– ତାହା ସମୟ ହିଁ କହିବ ।

*ସିଡିଏ, ସେକ୍ଟର–୬, କଟକ, ମୋ– ୯୪୩୭୧୩୪୪୦୦*

# ଶବ୍ଦର ନବ ରୂପାୟନ କବି ରାଜେନ୍ଦ୍ର କିଶୋର ପଣ୍ଡା

**■ କବି ବାଦଲ ଭୂୟାଁ**

'ମନେହୁଏ ମୋକ୍ଷ ବା ନିର୍ବାଣ କଳ୍ପନା ମାତ୍ର, ପୁନର୍ଜନ୍ମ ଥାଏ କି ନଥାଏ ମୁଁ ଜାଣେ ନା, ଯଦି ଥାଏ ମୁଁ ନିଶ୍ଚୟ ଫେରିବାକୁ ଚାହେଁ ଏହି ପୃଥିବୀକୁ, ବାର ବାର, ଏବେ ବି...'।

ପ୍ରଥିତଯଶା, ଶୈଳୀ, ଶବ୍ଦ ଚୟନ, ଅନନ୍ୟ, ଦକ୍ଷତାର ସ୍ଥପତି, ଶବ୍ଦର ନବରୂପାୟନ ଏପରି ଅନେକ ବିଭୂଷଣରେ ବିମଣ୍ଡିତ ପ୍ରେମ ଓ ବିଦ୍ରୋହର କବି ରାଜେନ୍ଦ୍ର କିଶୋର ପଣ୍ଡା ଆଉ ନାହାନ୍ତି। ଏକଦା ନିଜ କବିତାରେ ଏହାକୁ ସେ ତାଙ୍କ ଭାଷାରେ ହିଁ ଲେଖିଥିଲେ 'ମୃତ୍ୟୁ ଥାଉ କି ଅମରତ୍ୱ ଥାଉ ସେଇଠି, ଶିଖର ମାତ୍ରେ ଇ ଆରୋହ୍ୟ।' ସତେ ଯେପରି ଜୀବନଟା ତାଙ୍କ ଦୃଷ୍ଟିରେ ଥିଲା ଏକ ଅସରନ୍ତି ଯାତ୍ରା। ସାରା ଜୀବନ ଅନେକ ନୂଆ ଉଦୀୟମାନ ତରୁଣ କବିଙ୍କୁ ପ୍ରେରଣା ଉତ୍ସାହ ଯୋଗାଇ ସେମାନଙ୍କ ପୃଷ୍ଠପୋଷକ ସାଜିଥିବା ରାଜେନ୍ଦ୍ର କିଶୋର ପଣ୍ଡାଙ୍କ ମହାପ୍ରୟାଣ କହିବାକୁଗଲେ ଓଡ଼ିଆ କବିତା ନିଜର ଜଣେ ଅତିପ୍ରିୟ ମରମୀ ମଣିଷଙ୍କୁ ହରାଇଛି। ତାଙ୍କ ପାଠକୀୟ ଦୃଷ୍ଟିଭଙ୍ଗୀ ଓ ପ୍ରିୟତା ଏପରି ଏକ ବିବିଧ କ୍ଷେତ୍ରରେ ତିଆରି ଥିଲା ଯେ ସେ ଯେତିକି ଶବ୍ଦ ଓ ଉଚ୍ଚାରଣର କବି ସମାନ ଭାବରେ ନୀରବତା ଓ ଗାମ୍ଭୀର୍ଯ୍ୟ ଥିଲା ତାଙ୍କ ଅତୁଳନୀୟ ଲେଖନୀର ଚମତ୍କାର ପରିପ୍ରକାଶ ।

୧୯୪୪ ଜୁନ ୨୪ ତାରିଖରେ ଅବିଭକ୍ତ ସମ୍ବଲପୁର ଜିଲ୍ଲାର ବଡଲଗାରେ କବି ରାଜେନ୍ଦ୍ର ପଣ୍ଡା ଜନ୍ମ ଗ୍ରହଣ କରିଥିଲେ। ଆହ୍ଲାବାଦ ବିଶ୍ୱବିଦ୍ୟାଳୟରୁ ରାଜନୀତି ବିଜ୍ଞାନରେ ସ୍ନାତକୋତ୍ତର ପରେ ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ଭାବରେ କର୍ମମୟ ଜୀବନ ଆରମ୍ଭ କରିଥିଲେ। ୧୯୬୭ ଜୁଲାଇ ୧୪ରୁ ୨୦୦୪ ଜୁନ ୩୦ ପର୍ଯ୍ୟନ୍ତ କାର୍ଯ୍ୟ କରିଥିଲେ। ମୁଖ୍ୟ ଶାସନ ସଚିବ ପାହ୍ୟାରେ ଓଡ଼ିଶା ରାଜସ୍ୱ ପର୍ଷଦ ସଦସ୍ୟ ଭାବରେ ସେ ଅବସର ନେଇଥିଲେ। କିନ୍ତୁ ଜଣେ ପ୍ରଥିତଯଶା କବି ଭାବରେ ସେ ସ୍ୱତନ୍ତ୍ର ପରିଚୟ ହାସଲ କରିଥିଲେ। ତାଙ୍କର କବିତା ଗ୍ରନ୍ଥ 'ଶୈଳକଳ୍ପ' ପାଇଁ ୧୯୮୫ରେ କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପୁରସ୍କାର ଲାଭ କରିଥିଲେ । ୧୬ଟି କବିତା ଗ୍ରନ୍ଥ ସହିତ ୨ଟି ଉପନ୍ୟାସର ସେ ରଚୟିତା। ଓଡିଆ ସାହିତ୍ୟ ବାଣୀ ଭଣ୍ଡାରକୁ ଅତୁଳନୀୟ ଅବଦାନ ପାଇଁ ମର୍ଯ୍ୟାଦାଜନକ କେନ୍ଦ୍ର ସାହିତ୍ୟ ପୁରସ୍କାରଠୁ ନେଇ କୁଭେମ୍ପୁ ରାଷ୍ଟ୍ରୀୟ ପୁରସ୍କାର ପର୍ଯ୍ୟନ୍ତ ଅନେକ ସମ୍ମାନ, ପୁରସ୍କାରରେ ପୁରସ୍କୃତ, ସମ୍ମାନିତ ଓ ପ୍ରଶଂସିତ ହୋଇଥିଲେ ଆଇଏଏସ ରାଜେନ୍ଦ୍ର ପଣ୍ଡା। ତାଙ୍କ ଅବଦାନକୁ ସମ୍ମାନ ଜଣାଇ ସମ୍ବଲପୁର ବିଶ୍ୱବିଦ୍ୟାଳୟ ପକ୍ଷରୁ ରାଜ୍ୟପାଳ ତାଙ୍କୁ ଡିଲିଟ ଉପାଧିରେ ବିଭୂଷିତ କରିଥିଲେ।



ରାଜେନ୍ଦ୍ରଙ୍କ ପ୍ରକାଶିତ ପୁସ୍ତକ ମଧ୍ୟରେ ରହିଛି, 'ଗୌଣ ଦେବତା', 'ଶତଦ୍ରୁ ଅନେକ', 'ଅନବତାର ଓ ଅନ୍ୟ ଅନ୍ୟ', 'ଘୃଣାକ୍ଷର', 'ନିଜ ପାଇଁ ନାନାବାୟା', 'ଚୌକାଠରେ ଚିରକାଳ', 'ଶୈଳକଳ୍ପ' (୧୯୮୨ରେ ପ୍ରକାଶିତ ଓ ୧୯୮୫ରେ କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପୁରସ୍କାର ପ୍ରାପ୍ତ), 'ବହ୍ୱାରମ୍ଭ', 'ଦ୍ରୋହବାକ୍ୟ', 'ବୈରାଗୀ ଭ୍ରମର', 'ଅନ୍ୟା' (୧୯୮୮, ଶାରଳା ପୁରସ୍କାର ଓ ଭାରତୀୟ ଭାଷା ପରିଷଦର ସମ୍ମାନପ୍ରାପ୍ତ), 'ଈଶଖେଳ', 'ସତ୍ୟୋର', 'ବୋଧିନଭ', 'ବହୁବ୍ରୀହି' (କାବ୍ୟ କବିତା) ଏବଂ 'ବିଦାଭାସ' (ଉପନ୍ୟାସ)।

ସମ୍ବଲପୁର ଜିଲ୍ଲା ସ୍କୁଲରେ ଅଷ୍ଟମ ନବମ ଶ୍ରେଣୀରେ ପଢ଼ିବାବେଳ ଠାରୁ ବିଧିବଦ୍ଧ ଭାବେ ତାଙ୍କର କବିତା ଲେଖା ଆରମ୍ଭ ହୋଇ ସାରିଥିଲା। କବିତା ଲେଖି ସେ ବିଭିନ୍ନ ପତ୍ରପତ୍ରିକାକୁ ପଠାଉଥିଲେ। ନବମ ଶ୍ରେଣୀରେ ପଢ଼ିବା ସମୟରେ ତାଙ୍କର ଏକ କବିତା 'ଲାଜମୟୀ' ପ୍ରକାଶିତ ହୋଇଥିଲା କୋଲକାତାର 'ସିନେମା' ପତ୍ରିକାରେ ଯାହାକୁ ପ୍ରକୃତରେ ସେ 'ଆସନ୍ତାକାଲି' ପତ୍ରିକାକୁ ପଠାଇଥିଲେ। ଉଭୟ ପତ୍ରିକାର ସମ୍ପାଦକ ଥିଲେ ସମାନ ବ୍ୟକ୍ତି, ସେ କବିତାଟିକୁ 'ଆସନ୍ତାକାଲି' ବଦଳରେ 'ସିନେମା'ରେ ପ୍ରକାଶ କରି ଦେଇଥିଲେ। ତେବେ ସେଇ ପ୍ରଥମ କବିତାର ମୁଦ୍ରିତ ରୂପକୁ ଦେଖିବାର ସୁଯୋଗ ସ୍ୱୟଂ କବି ପାଇ ନଥିଲେ। ତେଣୁ ୧୯୫୯ରେ 'ବୈଜୟନ୍ତୀ'ରେ ପ୍ରକାଶିତ 'ଶେଷ ରାତ୍ରି'କୁ ସେ ନିଜର ପ୍ରଥମ ମୁଦ୍ରିତ କବିତାର ମାନ୍ୟତା ଦେଉଥିଲେ। ୧୯୬୩ ମସିହାରେ ଗଙ୍ଗାଧର ମେହେର କଲେଜରେ ବିଏର ଛାତ୍ର ଥିବାବେଳେ ଛାତ୍ରବୃତ୍ତି ଅର୍ଥ ବିନିଯୋଗରେ ନିଜର ପ୍ରଥମ କବିତା ସଂକଳନ 'ସସେମିରା' ପ୍ରକାଶ କରିବା ଲାଗି ସେ ଉଦ୍ୟମ କରିଥିଲେ। କିନ୍ତୁ ଅର୍ଥ ଶ୍ରାଦ୍ଧ ହେଲା ସିନା ପ୍ରେସ୍ ମ୍ୟାନେଜର କୁଆଡ଼େ ଉଭାନ ହୋଇଗଲେ। ତେଣୁ କବିଙ୍କର ପ୍ରଥମ କବିତା ସଂକଳନ ଭାବେ ପ୍ରକାଶିତ ହୋଇଥିଲା 'ଗୌଣ ଦେବତା' ୧୯୭୪–୭୫ ମସିହାରେ ।

ସରଳ, ହସହସ ଭାବର ଅନ୍ତରାଳରେ ଲୁଚି ରହିଥିଲା ବୋଧେ ଗଭୀର ଅସନ୍ତୋଷ। ନୂତନ ପିଢ଼ିକୁ ଗଢ଼ିବା, ସାହିତ୍ୟ ଓ ସଂସ୍କୃତିକୁ ନୂତନ ସ୍ତରକୁ ବଢ଼ାଇବା ଦିଗରେ, ପ୍ରାଶାସନିକ ଜୀବନ ଓ ପରବର୍ତ୍ତୀ କାଳରେ ଅବ୍ୟାହତ ଥିଲା ତାଙ୍କ ଉଦ୍ୟମ। ସୁନିର୍ଦ୍ଦିଷ୍ଟ ଭାବରେ ବର୍ଣ୍ଣମାଳା ମାଧ୍ୟମରେ ଓଡ଼ିଆ କବି ଓ କବିତାକୁ ସମସ୍ତଙ୍କ ପାଖରେ ପ୍ରତିଷ୍ଠିତ କରାଇବା ଦିଗରେ ତାଙ୍କ ଅବଦାନ ଚିର ସ୍ମରଣୀୟ।

ଓଡ଼ିଆ କବିତାର ସେ ଗୋଟେ ଶୈଳୀର ସ୍ରଷ୍ଟା। ରାଜେନ୍ଦ୍ରଙ୍କ କବିତାକୁ ପଢ଼ିଦେଲେ ସେ କବିତାର ଶିରୋନାମ ନଥିଲେ ମଧ୍ୟ ଜାଣି ହୋଇଯିବ ତାହା ରାଜେନ୍ଦଙ୍କ କବିତା। ଏହା ହେଉଛି ରାଜେନ୍ଦ୍ରଙ୍କ ଶୈଳୀ, ବୈଚିତ୍ର୍ୟ ଓ ଅନୁଭବ। ଶବ୍ଦର ପୌରୁଷ ପାଇଁ ତଥା ଆଧୁନିକ କବିତାରେ ନୂଆ ଶବ୍ଦ ଗଢୁଥିବା ଏହି ପ୍ରଥିତଯଶା କବିଙ୍କ ସ୍ଥାନ ନିଶ୍ଚିନ୍ତ ଅପୂରଣୀୟ ରହିବ। ସ୍ୱୟଂ ନିଜ ଭାବନାରେ ସେ ଏକଦା ଲେଖିଥିଲେ – 'ମନେହୁଏ ମୋକ୍ଷ ବା ନିର୍ବାଣ କଳ୍ପନା ମାତ୍ର, ପୁନର୍ଜନ୍ମ ଥାଏ କି ନଥାଏ ମୁଁ ଜାଣେ ନା, ଯଦି ଥାଏ ମୁଁ ନିଶ୍ଚୟ ଫେରିବାକୁ ଚାହେଁ ଏହି ପୃଥିବୀକୁ, ବାର ବାର, ଏବେ ବି...'।

*ପୁରୁଣା ସୋନାରି, ଜାମସେଦପୁର, ମୋ. ୭୪୮୮୯୯୮୫୩୨*

# କାର୍ତ୍ତିକ ମାସରେ ପଡୁଥିବା ପର୍ବପର୍ବାଣି

**■ ଗଙ୍ଗାଧର ସାମଲ ■**

ସନାତନ ଧର୍ମରେ କାର୍ତ୍ତିକକୁ ପର୍ବପର୍ବାଣିରେ ସମୃଦ୍ଧ ମାସ ଭାବେ ବର୍ଣ୍ଣନା କରାଯାଇଛି । କାରଣ ଏହି ମାସରେ ଧର୍ମ କାର୍ଯ୍ୟ କରିବା ନିମନ୍ତେ ବହୁ ପୂଣ୍ୟମୟ ତିଥି ପଡ଼ିଥାଏ । କାର୍ତ୍ତିକ ବ୍ରତ ସମୟରେ ବ୍ରାହ୍ମ ମୁହୂର୍ତ୍ତରୁ ସ୍ନାନାଦି ସାରି ସୂର୍ଯ୍ୟଦେବଙ୍କୁ ଉପାସନା ଓ ତୁଳସୀ ଚଉଁରା ମୂଳେ ପାଣି ଚଢ଼ାଇଲେ ଅଶେଷ ପୁଣ୍ୟ ହୋଇଥାଏ । ଏକ ହଜାର ତୁଳସୀ ପତ୍ରରେ ଭଗବାନ ବିଷ୍ଣୁଙ୍କ ପୂଜା କଲେ ସେ ସନ୍ତୁଷ୍ଟ ହୋଇ ଅଶେଷ ବରଦାନ କରନ୍ତି ବୋଲି ବିଶ୍ୱାସ ଅଛି । ତୁଳସୀ ପତ୍ରକୁ ସେବନ କଲେ ଶରୀର ନିରୋଗ ରହେ। କାର୍ତ୍ତିକରେ ଦାନ : ଏହି ମାସରେ ଗରୀବଙ୍କୁ ଓ ବ୍ରାହ୍ମଣମାନଙ୍କୁ ଦାନ କଲେ ବିଶେଷ ପୁଣ୍ୟ ହୁଏ ବୋଲି ଲୋକ ବିଶ୍ୱାସ କରନ୍ତି। ବ୍ୟକ୍ତି କାର୍ତ୍ତିକ ମାସର ଦିନମାନଙ୍କରେ ତୁଳସୀ ଦାସ, ଅନ୍ନଦାନ, ଗୋଦାନ ଇତ୍ୟାଦି ଦାନ କଲେ ସର୍ବାଧିକ ପୂଣ୍ୟ ପ୍ରାପ୍ତ ହୁଏ । କାର୍ତ୍ତିକରେ ବାଣିଜ୍ୟ ଶୁଭାରମ୍ଭ : କାର୍ତ୍ତିକ ମାସରେ ବ୍ୟବସାୟର ଶୁଭାରମ୍ଭ କଲେ ବ୍ୟବସାୟ ପ୍ରତିଷ୍ଠିତ ହୁଏ ବୋଲି ବିଶ୍ୱାସ କରାଯାଏ। ଅତୀତରେ ଓଡ଼ିଆ ସାଧବ ପୁଅ କାର୍ତ୍ତିକ ପୂର୍ଣ୍ଣମୀରେ ବୋଇତ ବନ୍ଦାଣ କରି ବିଦେଶକୁ ବ୍ୟବସାୟ ପାଇଁ ଯାଉଥିଲେ ଓ ଫେରିଲା ବେଳକୁ ସାଥିରେ ଅପର୍ଯ୍ୟାପ୍ତ ଧନଦୌଲତ ଘେନି ଫେରୁଥିଲେ । ତେଣୁ ଏହି ପୂର୍ଣ୍ଣମୀ ଦିନ ସାଧବ ବୋହୂମାନେ ତାଙ୍କ ସ୍ୱାମୀମାନଙ୍କର ଶୁଭ ମନାସୀ ବୋଇତ ବନ୍ଦାଣ କରି ସ୍ୱାମୀମାନଙ୍କୁ ବ୍ୟବସାୟ ପାଇଁ ମେଲାଣି ଦେଉଥିଲେ । ଯାହାକୁ ସ୍ମରଣୀୟ କରିବାକୁ ଆଜି ଆମ ଓଡ଼ିଶାର କଟକରେ ଗଡ଼ଗଡ଼ିଆ ଘାଟ ଓ ପାରାଦ୍ୱୀପରେ ବୋଇତ ବନ୍ଦାଣ ଉତ୍ସବରେ ପରିଣତ ହୋଇଛି। କାର୍ତ୍ତିକ ସୋମବାରରେ ହବିଷ୍ୟ ପାଳନ ପୂର୍ବକ ଆଶୁତୋଷଙ୍କୁ ପୂଜା କରାଯାଏ ।

କରବାଚୌଥ : ସଧବା ନାରୀମାନେ ପତିଙ୍କ ଦୀର୍ଘାୟୁ କାମନା କରି ଏହି ବ୍ରତ କରିଥାନ୍ତି। ବିବାହିତା ମହିଳା ଦିନ ସାରା ନିରାହାର ରହି ବ୍ରତ ରଖିବା ପରେ ସନ୍ଧ୍ୟାରେ ଚନ୍ଦ୍ରଙ୍କୁ ସାକ୍ଷୀ ରଖି ପତିଙ୍କ ଦର୍ଶନ କରିଥାନ୍ତି ଏବଂ ତାଙ୍କ ହାତରୁ ଜଳପାନ କରି ବ୍ରତ ଭାଙ୍ଗିଥାନ୍ତି।

ଦ୍ୱାଦଶୀ : ଏହି ଦିନ ଗୋବତ୍ସ ଦ୍ୱାଦଶୀ ବ୍ରତ ପାଳନ କରାଯାଏ। ଗାଈବାଛୁରୀଙ୍କ ପୂଜା କରାଯିବାର ବିଧାନ ରହିଛି ଏହି ତିଥିରେ ।

ତ୍ରୟୋଦଶୀ : ସୁଖ–ସମୃଦ୍ଧି କାମନା କରି ଏହି ଦିନ ଧନତେରାସ୍ ପର୍ବ ପାଳନ କରାଯାଇଥାଏ । ଏଥିରେ ବ୍ୟବସାୟିକ ପ୍ରତିଷ୍ଠାନ ଏବଂ ଘରେ ଘରେ ମାତା ଲକ୍ଷ୍ମୀଙ୍କ ସହିତ ଗଣେଶଙ୍କ ପୂଜା କରାଯାଇଥାଏ। ଏହି ଦିନ ଆୟୁର୍ବେଦର ଜନକ ଧନ୍ୱନ୍ତରୀଙ୍କ ଜୟନ୍ତୀ ମଧ୍ୟ ପାଳନ କରାଯାଇଥାଏ।

ଚତୁର୍ଦ୍ଦଶୀ : କୃଷ୍ଣ ଚତୁର୍ଦ୍ଦଶୀକୁ ନରକ ଚତୁର୍ଦ୍ଦଶୀ ପର୍ବ ଭାବେ ପାଳନ କରାଯାଉଥିବା ବେଳେ ଏହି ଦିନ ହନୁମାନ ଜୟନ୍ତୀ ମଧ୍ୟ ପାଳନ କରାଯାଇଥାଏ।

ଅମାବାସ୍ୟା : ଏହି ଦିନ ଶ୍ୟାମାକାଳୀଙ୍କୁ ପୂଜା କରାଯାଏ। ଦୀପାବଳୀ ପାଳିତ ହୁଏ। ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ପିଣ୍ଡଦାନ ଏବଂ ପୟା ଅମାବାସ୍ୟା ବିଧି ମୁତାବକ ପାଳନ କରାଯାଏ ।

ପ୍ରତିପଦା : କାର୍ତ୍ତିକ ମାସର ଏହି ତିଥିରେ ଗୋବର୍ଦ୍ଧନ ପୂଜା କରାଯାଏ। ଭଉଣୀମାନେ ଭାଇଙ୍କ ନିଷ୍କକ ତଥା ଦୀର୍ଘ ଆୟୁ କାମନା କରି ଗୋବର୍ଦ୍ଧନଙ୍କୁ ପୂଜା କରିଥାନ୍ତି। କାଶୀର ଦେବାଳୟରେ ଏହି ତିଥି ଠାରୁ ଅନ୍ନକୁଟ ପରମ୍ପରା ଆରମ୍ଭ ହୋଇଥାଏ।

ଦ୍ୱିତୀୟା : କାର୍ତ୍ତିକ ଶୁକ୍ଳ ପକ୍ଷ ଦ୍ୱିତୀୟା ତିଥିରେ ଭାଇଦୁଜ୍ ପର୍ବ ପାଳନ କରାଯାଇଥାଏ। ଭଉଣୀମାନେ ଭାଇଙ୍କ ପୂଜା କରିଥାନ୍ତି। ଏହିତିଥିରେ ଭଗବାନ ଚିତ୍ରଗୁପ୍ତଙ୍କ ମଧ୍ୟ ପୂଜା କରାଯାଏ।

ଷଷ୍ଠୀ : ଏହି ତିଥିରେ ଭାରତର କେତେକ ସ୍ଥାନରେ ଡାଲା ଛଟ୍ ନାମକ ପର୍ବ ପାଳନ କରାଯାଇଥାଏ। ମହିଳା ଏବଂ ପୁରୁଷମାନେ ଆଏ ପାଣିରେ ଛିଡ଼ା ହୋଇ ଅସ୍ତ ଯାଉଥିବା ସୂର୍ଯ୍ୟଙ୍କୁ ଅର୍ଘ୍ୟ ଦେଇଥାନ୍ତି। ପଞ୍ଚମୀ ଠାରୁ ଆରମ୍ଭ ହେଉଥିବା ଏହି ପର୍ବର ବିଧିବିଧାନ ସପ୍ତମୀ ତିଥିରେ ଉଦିତ ହେଉଥିବା ସୂର୍ଯ୍ୟଙ୍କୁ ଅର୍ଘ୍ୟଦାନ ସହ ସମାପ୍ତ ହୋଇଥାଏ।

ଅଷ୍ଟମୀ : କାର୍ତ୍ତିକ ଶୁକ୍ଳପକ୍ଷ ଅଷ୍ଟମୀ ତିଥିରେ ଗୋପାଷ୍ଟମୀ ବା ଗୋଷ୍ଠାଷ୍ଟମୀ ପର୍ବ ପାଳନ କରାଯାଏ। ଏହି ଦିନ ଗୋମାତାଙ୍କ ପୂଜା କରାଯାଇଥାଏ।

ନବମୀ : କାର୍ତ୍ତିକ ମାସ ଶୁକ୍ଳପକ୍ଷ ନବମୀ ତିଥି, ଅଁଳା ନବମୀ ନାମରେ ଖ୍ୟାତ। ଏହି ତିଥିରେ ଅଁଳା ବୃକ୍ଷର ପୂଜା କରିବା ସହ ଏହି ବୃକ୍ଷ ଛାଇରେ ବସି ଭୋଜନ କରିବାର ବିଧି ରହିଛି। ଭଗବାନ ଜଗନ୍ନାଥ ମନ୍ଦିରରେ ଏହି ଦିନ ବିଧିମୁତାବକ ଅଁଳା ନବମୀ ପୂଜା ଅନୁଷ୍ଠିତ ହୋଇଥାଏ।

ଏକାଦଶୀ : କାର୍ତ୍ତିକ ଶୁକ୍ଳ ଏକାଦଶୀ ବଡ଼ ଏକାଦଶୀ ନାମରେ ଖ୍ୟାତ। ଏହାକୁ ଦେବପ୍ରବୋଧିନୀ ବା ହରିପ୍ରବୋଧିନୀ ଏକାଦଶୀ ମଧ୍ୟ କୁହାଯାଇଥାଏ। ଚର୍ତୁମାସ୍ୟା ଅବସରରେ ନିଦ୍ରା ଯାଇଥିବା ଭଗବାନ ଶ୍ରୀହରି ବିଷ୍ଣୁ ଏହି ଦିନ ତୁଳସୀ ବିବାହୋତ୍ସବ ମଧ୍ୟ ପାଳିତ ହୋଇଥାଏ। ହବିଷ୍ୟାଳୀମାନେ ଏକାଦଶୀ ତିଥିରେ ରାଧାଦାମୋଦରଙ୍କୁ ପୂଜା କରିଥାନ୍ତି।

ଚତୁର୍ଦ୍ଦଶୀ : କାର୍ତ୍ତିକ ଚତୁର୍ଦ୍ଦଶୀକୁ ବୈକୁଣ୍ଠ ଚତୁର୍ଦ୍ଦଶୀ ନାମରେ ପାଳନ କରାଯାଇଥାଏ।

ପୂର୍ଣ୍ଣିମା : କାର୍ତ୍ତିକ ସ୍ନାନ ଏହି ଦିନ ସମାପନ ହୋଇଥାଏ। ଏହି ଦିନ ଜଳୋତ୍ସବ ଏବଂ ଦେବ ଦୀପାବଳୀ ମଧ୍ୟ ପାଳନ କରାଯାଇଥାଏ। ନବରାତ୍ରରୁ ଆରମ୍ଭ ହୋଇଥିବା ଉତ୍ସବର ପର୍ବ ସମାପ୍ତ ହୋଇଥାଏ। ବୋଇତ ବନ୍ଦାଣ ଉତ୍ସବ ମଧ୍ୟ ଏହି ତିଥିରେ ପାଳିତ ହୋଇଥାଏ। ଶିଖ୍ ଧର୍ମର ପ୍ରତିଷ୍ଠାତା ଗୁରୁ ନାନକ ଦେବଙ୍କ ଜୟନ୍ତୀ ଏହି ଦିନ ପାଳନ କରାଯାଇଥାଏ।

କାର୍ତ୍ତିକ ପୂର୍ଣ୍ଣିମା : କାର୍ତ୍ତିକ ମାସ ପରି କାର୍ତ୍ତିକ ପୂର୍ଣ୍ଣିମା ବା ରାସ ବା ରାହାସ ପୂର୍ଣ୍ଣିମା ମଧ୍ୟ ଭଗବାନ ବିଷ୍ଣୁଙ୍କ ସମର୍ପିତ । ଏହି ପୂର୍ଣ୍ଣିମାରେ ଭୋଜରାଜ ଓ ଭୀଷ୍ମ ଗଙ୍ଗାସ୍ନାନ କରିଥିଲେ । କିମ୍ବଦନ୍ତୀ ଅନୁଯାୟୀ, ଅନୁଜ ଲକ୍ଷ୍ମଣ ଓ ସୀତା ମାତାଙ୍କ ସହ ପ୍ରଭୁ ରାମଚନ୍ଦ୍ର ଦଣ୍ଡକାରଣ୍ୟରେ ବୁଲୁଥିବା ବେଳେ ମୁନିଋଷିମାନେ ତାଙ୍କ ପ୍ରତି ଆକର୍ଷିତ ହୋଇଥିଲେ । ସେମାନେ ନାରୀ ରୂପେ ରାମଙ୍କ ସାହଚର୍ଯ୍ୟ ଲାଭ କରିବା ପାଇଁ ମନେ ମନେ ଅଭିଳାଷ କରିଥିଲେ । ନରରୂପୀ ଗୋଲକବିହାରୀ ସେମାନଙ୍କ ମାନସିକ ଅବସ୍ଥା ବୁଝିପାରି, ଦ୍ୱାପର ଯୁଗରେ ଗୋପବାଳା ରୂପେ ଜନ୍ମ ହେବା ପାଇଁ ସେମାନଙ୍କୁ ବର ଦେଇଥିଲେ । ଗୋପୀମାନେ କୃଷ୍ଣଙ୍କ ସାନ୍ନିଧ ଲାଭ ଆଶାରେ କାର୍ତ୍ତିକ ମାସରେ ପ୍ରତି ଦିନ ସକାଳେ ନଦୀରେ ସ୍ନାନ ସାରି, ବାଲିରେ କୃଷ୍ଣ ପ୍ରତିମା ତିଆରି କରି ଫୁଲ ଚନ୍ଦନ ଲଗାଇ ପୂଜାପାଠ କରୁଥିଲେ । ପୂର୍ଣ୍ଣମୀରେ ପୂଜାପାଠ ଶେଷ ହେଉଥିଲା । ଏହି ପୂର୍ଣ୍ଣମୀର ଐତିହାସିକ ଗୁରୁତ୍ୱ ମଧ୍ୟ ରହିଛି । ଓଡ଼ିଆ ସାଧବପୁଅମାନେ ଏହି ପୂର୍ଣ୍ଣିମାରେ ରେଶମୀ ବସ୍ତ୍ର, ଅଳଙ୍କାର, ସୁଗନ୍ଧ ଦ୍ରବ୍ୟ ଓ ହାତୀ ଦାନ୍ତ ପ୍ରସ୍ତୁତି ସାମଗ୍ରୀ ଆଦି ନେଇ ଜାଭା, ସୁମାତ୍ରା ଏବଂ ବୋର୍ଣ୍ଣିଓ ଦ୍ୱୀପକୁ ଯାତ୍ରା କରୁଥିଲେ । ସେହି ପ୍ରାଚୀନ ନୌବାଣିଜ୍ୟର ସ୍ମୃତିରେ କଦଳୀ ପଟୁଆ ନିର୍ମିତ ଡଙ୍ଗା ଭସାଣ ଏକ ଓଡ଼ିଆ ପରମ୍ପରା ।

ବାଲିଯାତ୍ରା : ଏହି ପୂର୍ଣ୍ଣମୀରେ ବାଲିଯାତ୍ରା ଆରମ୍ଭ ହୁଏ । କେଉଁ କାଳୁ ଏହା ଗଡ଼ି ଆସିଲାଣି । ଏହାର ଉତ୍ପତ୍ତିକୁ ନେଇ ଗବେଷକଙ୍କ ମଧ୍ୟରେ ମତପାର୍ଥକ୍ୟ ରହିଛି । ଏକ ମତ ଅନୁଯାୟୀ ଏହା ବାଲିକୁ ଯାତ୍ରା ନୁହେଁ ବାଲି ଉପରେ ବସୁଥିବା ଯାତ୍ରା । କାରଣ ସାଧବପୁଅମାନେ ବାଲି ନାମକ କୌଣସି ଦ୍ୱୀପକୁ ଯାତ୍ରା କରୁଥିବାର ଐତିହାସିକ ପ୍ରମାଣ ନାହିଁ । ସେମାନେ ଯବଦ୍ୱୀପ (ଜାଭା), ବରୁଣଦ୍ୱୀପ (ବୋର୍ଣ୍ଣିଓ) ଓ ସ୍ୱର୍ଣ୍ଣଦ୍ୱୀପ (ସୁମାତ୍ରା)କୁ ଯାତ୍ରା କରୁଥିବାର ପ୍ରମାଣ ମିଳେ । ବଳିଦ୍ୱୀପର ଅପଭ୍ରଂଶ ହେଉଛି ବାଲିଦ୍ୱୀପ । କଳିଙ୍ଗବାସୀଙ୍କର ଏହି ଦ୍ୱୀପ ସହ କୌଣସି ସିଧାସଳଖ ବାଣିଜ୍ୟ ସଂପର୍କ ନଥିଲା । ତେଣୁ, ବାଲି ଉପରେ ବସୁଥିବା ଯାତ୍ରା ହେଉଛି ବାଲିଯାତ୍ରା । କାର୍ତ୍ତିକ ତ୍ରୟୋଦଶୀରେ ଯାତ୍ରୀମାନେ ଧବଳେଶ୍ୱରରେ ବଡ଼ ଓଷା ପାଳନ ସାରି, ଚତୁର୍ଦ୍ଦଶୀ ଦିନ ପିଠା ଭୋଗ ଖାଇ ବାରବାଟୀ ଗ୍ରାମ ନିକଟସ୍ଥ ବାଲିବନ୍ଧକୁ ଫେରୁଥିଲେ । ସେଠାରେ ମେଳା ବା ଯାତ୍ରା ଅନୁଷ୍ଠିତ ହେଉଥିଲା । ମେଳାରୁ ଘରକରଣା ଜିନିଷ ଆଦି କିଣି, ସେମାନେ ଫେରୁଥିଲେ । ବାଲିବନ୍ଧ ଉପରେ ଅନୁଷ୍ଠିତ ହେଉଥିବା ଯାତ୍ରା କ୍ରମେ ବାଲିଯାତ୍ରା ପାଲଟିଥିଲା ।

*ଓଡ଼ିଶା ହାଇକୋର୍ଟ, କଟକ, ମୋ. ୮୩୨୮୯୪୮୬୪୩*

# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ

ଭୁବନେଶ୍ୱର   ୨ ନଭେମ୍ବର ୨୦୨୫ ରବିବାର   ପୃଷ୍ଠା ୫



ଶହେ ବର୍ଷରୁ ଅଧିକ ବର୍ଷ ହେବ ଛତିଶଗଡ଼ର ରାମନାମୀ ସମାଜରେ ଏକ ଅନନ୍ୟ ପରମ୍ପରା ଚାଲିଆସୁଛି । ଏହି ସମାଜର ଲୋକମାନେ ସାରା ଶରୀରରେ ରାମ ନାମ ଚିତା କୁଟାନ୍ତି ହେଲେ ମନ୍ଦିର ଯାଆନ୍ତି ନାହିଁ କିମ୍ବା ମୂର୍ତ୍ତିପୂଜା କରନ୍ତି ନାହିଁ । ଏହା ଈଶ୍ୱର ଭକ୍ତି ସହ ସାମାଜିକ ବିପ୍ଳବର ପ୍ରତୀକ ଭାବରେ ପରିଗଣିତ ହୁଏ । ଏମାନେ ମନ୍ଦିର ଯାଆନ୍ତି ନାହିଁ କିନ୍ତୁ ଭଗବାନ ରାମଙ୍କ ପ୍ରତି ସେମାନଙ୍କର ଅଖଣ୍ଡ ବିଶ୍ୱାସ ଦେଖି ଅନ୍ୟ ଲୋକମାନେ ରାମନାମୀଙ୍କୁ ଦେଖିଲେ ଭକ୍ତିରେ ହାତ ଯୋଡ଼ି ଦିଅନ୍ତି ।

# ଶରୀରରେ ରାମନାମ



**ଲୋ**କମୁଖରୁ ଜଣାପଡ଼ିଛି ପ୍ରାୟ ଶହେ ବର୍ଷ ପୂର୍ବେ ହିନ୍ଦୁଧର୍ମର ଉଚ୍ଚଜାତିର ଲୋକମାନେ ଏହି ତଳିଆ ଜାତିର ଲୋକଙ୍କୁ ରାମମନ୍ଦିରକୁ ଯିବାକୁ ବାରଣ କରିଥିଲେ । ଏଥିରେ ମର୍ମାହତ ଏହି ଗୋଷ୍ଠୀର ଲୋକମାନେ ରାମଙ୍କ ପ୍ରତି ଭକ୍ତିର ପ୍ରତୀକ ସ୍ୱରୂପ ସାରା ଶରୀରରେ ରାମନାମ ଚିତା କୁଟାଇଲେ । ଏମାନଙ୍କୁ 'ରାମରମିହା' ବୋଲି ମଧ୍ୟ କୁହାଯାଏ ।

ଛତିଶଗଡ଼ର ସବୁଠାରୁ ଦରିଦ୍ର ଓ ପଛୁଆ ଅଞ୍ଚଳ ଭାବରେ ପରିଗଣିତ ହୁଏ ବସ୍ତର ଓ ଏହାର ଆଖପାଖ ଜିଲ୍ଲା । ଏହି ଅଞ୍ଚଳର ପ୍ରାୟ ୪ଟି ଜିଲ୍ଲାରେ 'ରାମନାମୀ ସମାଜ'ର ଲୋକମାନେ ବସବାସ କରନ୍ତି । ସେମାନଙ୍କ ଜନସଂଖ୍ୟା ପ୍ରାୟ ଏକ ଲକ୍ଷ । ପର୍ଶୁରାମ ଭରଦ୍ୱାଜ ନାମକ ଜଣେ ଦଳିତ ହରିଜନ ବ୍ୟକ୍ତିଙ୍କ ଦ୍ୱାରା ଏହି ଅଭିଯାନ ଆରମ୍ଭ ହୋଇଥିଲା । ମନ୍ଦିର ବିଗ୍ରହ ଓ ଧର୍ମ ପୁସ୍ତକରୁ ବଞ୍ଚିତ ଥିବା ଏହି ହରିଜନ ଗୋଷ୍ଠୀ ସମାଜର ବଡ଼ପଣ୍ଡାମାନଙ୍କୁ ଏକ ଶକ୍ତ ଧକ୍କା ଦେବା ପାଇଁ ଏହି ଅଭିଯାନ ଆରମ୍ଭ କଲେ । ଧୀରେ ଧୀରେ ରାମନାମ ତାଙ୍କ ସଂସ୍କୃତି ଓ ପରମ୍ପରା ପାଲଟିଗଲା । ସେମାନେ ସମାଜର ଉଚ୍ଚଜାତିକୁ ଜଣାଇଦେବାକୁ ଚାହିଁଲେ- ମନ୍ଦିରରେ ରାମଙ୍କୁ ଦର୍ଶନ କରିବୁନି ବରଂ ରାମକୁ ଦେହ ମନରେ ଧାରଣ କରିବୁ । ସେମାନଙ୍କ ଘରର କବାଟ-କାନ୍ଥ ଆଦିରେ ରାମନାମ ଲେଖା ହୋଇଥାଏ । ରାମନାମୀ ଚାଦର ମଧ୍ୟ ବ୍ୟବହାର କରନ୍ତି ସେମାନେ । ପରସ୍ପରକୁ ରାମ୍ ରାମ୍ କହି ଅଭିବାଦନ ଜଣାନ୍ତି ।

ପ୍ରାୟ ଶହେ ବର୍ଷ ତଳେ ଗାଁ କୂଅରୁ ପାଣି ନେବା ପାଇଁ ବାରଣ କରାଯାଇଥିଲା ସେମାନଙ୍କୁ କାରଣ ହରିଜନ ଥିଲେ ସେମାନେ । ମନ୍ଦିରର କବାଟ ବି ବନ୍ଦ କରି ଦିଆଗଲା । ରାମ ଭକ୍ତ ଏହି ସରଳ ଲୋକଙ୍କ ମନରେ ଦୁଃଖ ଓ କ୍ରୋଧ କୁହୁଳିଲା । ବିଦ୍ରୋହର କ୍ଷୀଣ




ଶିଖା ଧୀରେ ଧୀରେ ଭିନ୍ନ ଏକ ବିପ୍ଳବକୁ ଡାକି ଆଣିଲା । ସେମାନେ ଉଚ୍ଚଜାତିକୁ ଚେତାଇ ଦେଲେ- ଆମ ରାମ ସବୁଠି ଅଛନ୍ତି । ହେଇ ଦେଖ ଆମ ଶରୀରରେ ବି ସେ । ଜାତିଗତ ବୈଷମ୍ୟ ପ୍ରତି ଶକ୍ତ ଚାପୁଡ଼ା ଏହି ପରମ୍ପରା । ଏଥିସହ ଏହା ଏକ



ଇତିହାସ । ସେମାନେ ନିଜ ଶରୀରରେ ରାମ ଲେଖିବାକୁ ଓ ରାମାବଳୀ ଚାଦର ବ୍ୟବହାରକୁ ମଧ୍ୟ ଉଚ୍ଚଜାତିର ଲୋକମାନେ ବିରୋଧ କରିବାରୁ ୧୯୧୦ ମସିହାରେ ସେମାନେ ଅଦାଲତଙ୍କ ଦ୍ୱାରସ୍ଥ ହୋଇଥିଲେ ଓ ମୋକଦ୍ଦମା ମଧ୍ୟ ଜିତିଥିଲେ । ରାମଙ୍କ ପ୍ରତି ଶ୍ରଦ୍ଧା, ଭକ୍ତି, ଜାତିଗତ ବୈଷମ୍ୟ ବିରୋଧରେ ବିଦ୍ରୋହ ସହ ଅଦାଲତରେ ବିଜୟର ପ୍ରତୀକ ସେମାନଙ୍କ ଶରୀରରେ ଲିଖିତ ଏହି ରାମ ନାମ ।

ଏବେ ସମୟ ବଦଳିଛି, ଜାତିଗତ ବିଭେଦତା କମ୍ ହୋଇଛି । ୧୯୫୫ରେ ନୂତନ ଆଇନ୍ ଦ୍ୱାରା ଆଇନ୍‌ଗତ ଭାବରେ ଜାତିଭେଦ ନାହିଁ । ରାମନାମୀ ସମାଜର ପିଲାମାନେ ପାଠ ପଢ଼ୁଛନ୍ତି, ଚାକିରି କରୁଛନ୍ତି । ବାହ୍ୟ ଦୁନିଆ ସହ ପରିଚିତ ହେବା ପରେ ସେମାନେ ଆଉ ସାରା ଦେହରେ ରାମ ନାମର ଚିତା କୁଟାଉନାହାନ୍ତି । ନିଜର ତଳିଆ ଜାତିର ପରିଚୟ ସେମାନେ ଦେବାକୁ ଚାହୁଁନାହାନ୍ତି । ତଥାପି ସମ୍ପ୍ରଦାୟର ସମସ୍ତେ ଯେ କୌଣସି ଅଙ୍ଗରେ ରାମ ନାମ ଲେଖିବାର ପ୍ରଥା ଆଜି ବି ରହିଛି । ବାପା-ମା'ମାନେ ଦୁଇବର୍ଷ ବେଳକୁ ଶରୀରର ଯେକୌଣସି ଅଙ୍ଗ ବିଶେଷ କରି ଛାତିରେ ରାମନାମ ଚିତା କୁଟାଇ ଦିଅନ୍ତି । ପ୍ରତି ଘରର ବାହାର ଓ ଭିତର କାନ୍ଥରେ ରାମନାମ ଲେଖା ହୋଇରହୁଛି । ପ୍ରତି ଘରେ ରାମାୟଣ ପୁସ୍ତକଟିଏ ନିଶ୍ଚୟ ରହୁଛି ।

୭୭ ବର୍ଷର ମାହେତର ରାମ ଟଣ୍ଡନ ସାରା ଦେହରେ ରାମନାମ କୁଟାଇଛନ୍ତି । ସେ କୁହନ୍ତି - ରାମନାମ ଚିତା ସହ ମୋର ନୂଆ ଜନ୍ମ ହୋଇଛି । ଏ ବୟସରେ ଟଣ୍ଡନଙ୍କ ଚର୍ମ ଶିଥିଳ ହୋଇଛି, କେତେକ ସ୍ଥାନରେ ରାମ ଶବ୍ଦ ଠିକ୍ ଭାବରେ ପଢ଼ି ହେଉନି । ତଥାପି ତାଙ୍କ ମନରେ ରାମଙ୍କ ପ୍ରତି ବିଶ୍ୱାସ ଓ ଜାତିପ୍ରଥା ବିରୋଧରେ ସ୍ୱାଭିମାନ ସେମିତି ଅତୁଟ ରହିଛି । ସେ ଜମ୍‌ଗାହନ ଗ୍ରାମରେ ରୁହନ୍ତି । ୭୬ ବର୍ଷିୟା ପୁନାଇ ବାଇ ରୁହନ୍ତି ନିକଟସ୍ଥ ଗୋର୍‌ବା ଗାଁରେ । ମାତ୍ର ୧୩ ବର୍ଷ ବୟସରେ ସେ ବିବାହ କରିଥିଲେ । ଦୁଇ ସପ୍ତାହ ଲାଗିଯାଇଥିଲା । ସାରା



ଶରୀରରେ ରାମ ନାମ କୁଟାଇବାକୁ । ସେ କୁହନ୍ତି- ଈଶ୍ୱର ସମସ୍ତଙ୍କର, କୌଣସି ନିର୍ଦ୍ଦିଷ୍ଟ ଜାତିର ନୁହେଁ । ଟଣ୍ଡନ କୁହନ୍ତି - ୧୯୫୫ରେ ଜାତିଗତ ବିଭେଦତାକୁ ଆଇନ୍ ବାରଣ କଲା । ତଳ ଜାତିର ଲୋକଙ୍କ ଜୀବନ ସୁଧୁରିଲା । ଏବେ ସେମାନେ ପାଠ ପଢ଼ୁଛନ୍ତି, ଅନ୍ୟ ଅଞ୍ଚଳକୁ ଯାଉଛନ୍ତି । ତେଣୁ ଦେହସାରା ରାମ ନାମ ଲେଖିବାର ଆଗ୍ରହ ନାହିଁ । ତା'ର ଅର୍ଥ ନୁହେଁ ଯେ ସେମାନେ ଗୋଷ୍ଠୀର ଧାର୍ମିକ ବିଶ୍ୱାସକୁ ମାନନ୍ତି ନାହିଁ । ଏବେବି ରାମନାମୀ ସମାଜର ଦୁଇବର୍ଷରୁ ଅଧିକ ବୟସର ସମସ୍ତ ସଦସ୍ୟଙ୍କ ଦେହରେ ରାମ ନାମ ଚିତାଟିଏ ଅଛି । ଏହି ରାମ ଉପାସକମାନେ କୌଣସି ନିଶାଦ୍ରବ୍ୟ ତମାଖୁ ସେବନ କରନ୍ତି ନାହିଁ । ପ୍ରତିଦିନ ରାମନାମ ଜପ କରନ୍ତି ଓ ସମସ୍ତଙ୍କ ସହ ବିନମ୍ର ବ୍ୟବହାର କରନ୍ତି । ହଁ ଧର୍ମୀୟ ଗ୍ରନ୍ଥ ପଠନକୁ ସେମାନଙ୍କ ପାଇଁ ବାରଣ କରାଯାଇଥିବାରୁ ତା'ର ପ୍ରତିବାଦ ସ୍ୱରୂପ ପ୍ରତି ରାମନାମୀ ପିଲାଦିନରୁ ହିଁ 'ରାମଚରିତ ମାନସ' ପାଠ କରିବାରେ ଅଭ୍ୟସ୍ତ । ଯୁବ ଅବସ୍ଥାରେ ପହଞ୍ଚିବା ବେଳକୁ ସ୍ତ୍ରୀ-ପୁରୁଷ ଉଭୟେ 'ରାମଚରିତ ମାନସ' ଗ୍ରନ୍ଥ ନଦେଖି ଗାନ କରିପାରନ୍ତି । ତେଣୁ ଏବେ ଅନେକ ରାମଚରିତ ମାନସ କାର୍ଯ୍ୟକ୍ରମରେ ସେମାନଙ୍କୁ ଏହି ଗ୍ରନ୍ଥ ଗାୟନ ପାଇଁ ଡକାଯାଉଛି ଏବଂ ଏହା ସେମାନଙ୍କ ଜୀବିକାର ଅନ୍ୟତମ ମୁଖ୍ୟ ଅଂଶ ପାଲଟିଛି । ରାମନାମୀ ସମାଜ ନିଜର ସଦସ୍ୟମାନଙ୍କୁ ଏକତ୍ରିତ କରିବା ପାଇଁ ଏକ ବାର୍ଷିକ ମେଳର ଆୟୋଜନ କରେ । ଏହା ଏକ ଧାର୍ମିକ ସମାରୋହ । ଦେଶର ବିଭିନ୍ନ ସ୍ଥାନରେ ଥିବା ରାମନାମୀମାନେ ମଧ୍ୟ ଆସି ଏହି ମେଳାରେ ଯୋଗ ଦିଅନ୍ତି ।

ସେମାନେ ଉଚ୍ଚଜାତିକୁ ଚେତାଇ ଦେଲେ- ଆମ ରାମ ସବୁଠି ଅଛନ୍ତି । ହେଇ ଦେଖ ଆମ ଶରୀରରେ ବି ସେ । ଜାତିଗତ ବୈଷମ୍ୟ ପ୍ରତି ଶକ୍ତ ଚାପୁଡ଼ା ଏହି ପରମ୍ପରା । ଏଥିସହ ଏହା ଏକ ଇତିହାସ । ସେମାନେ ନିଜ ଶରୀରରେ ରାମ ଲେଖିବାକୁ ଓ ରାମାବଳୀ ଚାଦର ବ୍ୟବହାରକୁ ମଧ୍ୟ ଉଚ୍ଚଜାତିର ଲୋକମାନେ ବିରୋଧ କରିବାରୁ ୧୯୧୦ ମସିହାରେ ସେମାନେ ଅଦାଲତଙ୍କ ଦ୍ୱାରସ୍ଥ ହୋଇଥିଲେ ଓ ମୋକଦ୍ଦମା ମଧ୍ୟ ଜିତିଥିଲେ ।



# ଚାଲନ୍ତୁ ବୁଲିଯିବା ନେପାଳ



ଉଚ୍ଚ ପାହାଡ଼ ଏବଂ ଘନ ବଣଜଙ୍ଗଲ ପାଇଁ ବିଖ୍ୟାତ ନେପାଳ ଯେତିକି ସୁନ୍ଦର, ଧାର୍ମିକ ଆସ୍ଥା ଦୃଷ୍ଟିରୁ ସେତିକି ମହତ୍ତ୍ୱପୂର୍ଣ୍ଣ । ଏହାର ଦୁର୍ଗମ ପାହାଡ଼ର ଗୁମ୍ଫାମାନଙ୍କରେ ଯୁଗ ଯୁଗ ଧରି ଋଷିମୁନିମାନେ ତପସ୍ୟା କରୁଛନ୍ତି । ହିନ୍ଦୁ ଦେବଦେବୀଙ୍କ ଗାଥାରେ ନେପାଳର ବର୍ଣ୍ଣନା ରହିଛି । ନେପାଳ ସହ ଭାରତର ସାଂସ୍କୃତିକ ସମ୍ପର୍କ ଯେତିକି ମଜଭୁତ ସେତିକି ମଜଭୁତ ଏହାର ଧାର୍ମିକ ସମ୍ପର୍କ । ଆମର ସମସ୍ତ ପୌରାଣିକ ଗାଥା ସିଧାସଳଖ ହିମାଳୟ, ଏଭରେଷ୍ଟ ଏବଂ ନେପାଳ ସହ ଜଡ଼ିତ । ଅନେକ ପୁରାଣରେ ନେପାଳ ସମ୍ପର୍କରେ ବର୍ଣ୍ଣନା ରହିଛି । ରାମାୟଣ, ମହାଭାରତ, ପଦ୍ମପୁରାଣ ପରି ଲୋକପ୍ରିୟ ପୁରାଣରେ ନେପାଳ ବିଷୟରେ ଆଲୋଚନା କରାଯାଇଛି । ହିନ୍ଦୁ ଧର୍ମର ମହତ୍ତ୍ୱପୂର୍ଣ୍ଣ ତୀର୍ଥସ୍ଥଳ ମଧ୍ୟରୁ ଅନ୍ୟତମ ପଶୁପତିନାଥ ନେପାଳରେ ଅଛନ୍ତି, ଗୌତମ ବୁଦ୍ଧଙ୍କ ଜନ୍ମସ୍ଥଳୀ ଲୁମ୍ବିନୀକାନନ ମଧ୍ୟ ନେପାଳରେ ଅଛି । ତା'ହେଲେ ଆସନ୍ତୁ ବୁଲିଯିବା ନେପାଳ ।





### ଯେଉଁଠିକୁ ବୁଲିବାକୁ ଆସିଥିଲେ ଶିବ

ନେପାଳ ରାଜଧାନୀ କାଠମାଣ୍ଡୁରେ ବାଗମତୀ ନଦୀତଟରେ ଥିବା ପଶୁପତିନାଥ ମନ୍ଦିର ଶିବଙ୍କ ପାଇଁ ସମର୍ପିତ । ଅଳ୍ପ କିଛି ମାସ ପୂର୍ବେ ଧର୍ମ ନିରପେକ୍ଷ ରାଷ୍ଟ୍ର ଘୋଷିତ ହେବା ପୂର୍ବରୁ ପଶୁପତିନାଥ ହିନ୍ଦୁ ରାଷ୍ଟ୍ର ନେପାଳର ରାଷ୍ଟ୍ରଦେବତା ଥିଲେ । ପାଗୋଡା ଶୈଳୀରେ ନିର୍ମିତ ତାଙ୍କର ଏହି ମନ୍ଦିର ୟୁନେସ୍କୋର ବିଶ୍ୱ ଐତିହ୍ୟ ସ୍ଥଳୀ ମଧ୍ୟରେ ସାମିଲ । ଏହି ମନ୍ଦିରର ସ୍ଥାପନା କେବେ ହୋଇଥିଲା ଏ ସମ୍ପର୍କରେ କୌଣସି ଔପଚାରିକ ତଥ୍ୟ ନାହିଁ । କିମ୍ବଦନ୍ତୀ କୁହେ- ଭଗବାନ ଶିବଙ୍କ ପାଇଁ ସ୍ୱୟଂ ଭଗବାନ ବିଷ୍ଣୁ ଏହି ମନ୍ଦିର ସ୍ଥାପନା କରିଥିଲେ । ମୂଳ ମନ୍ଦିର ସମୟକ୍ରମେ ନଷ୍ଟ ହୋଇଗଲା । ଏବେ ଯେଉଁ ମନ୍ଦିର ଅଛି ତାହାର ନିର୍ମାଣ ସପ୍ତଦଶ ଶତାବ୍ଦୀରେ କରାଯାଇଥିଲା । ନେପାଳ ମାହାତ୍ମ୍ୟ ଏବଂ ହିମବତ୍‌ଖଣ୍ଡ ପୁରାଣ ଅନୁଯାୟୀ- ହିମାଳୟର ଗୋଟିଏ ସ୍ଥାନରେ ରହି ରହି ଶିବ ବିରକ୍ତ ହୋଇଗଲେ । ସେଥିପାଇଁ ସେ କିଛିଦିନ ଅନ୍ୟ କୌଣସି ସ୍ଥାନକୁ ଯିବାକୁ ଚାହିଁଲେ । ନୂଆ ସ୍ଥାନ ଖୋଜି ଖୋଜି ଶିବ ଏଠାରେ ପହଞ୍ଚିଲେ । ଏହି ସ୍ଥାନ ତାଙ୍କୁ ଖୁବ୍ ପସନ୍ଦ ହେଲା । ସେ ଏହିଠାରେ ଅଟକିଗଲେ ।

### ସୀତାଙ୍କ ଜନ୍ମ ସ୍ଥାନ

ମର୍ଯ୍ୟାଦାପୁରୁଷ ଭଗବାନ ରାମଙ୍କ ଧର୍ମପତ୍ନୀ ସୀତାଙ୍କ ଜନ୍ମସ୍ଥଳ ଜନକପୁର ମଧ୍ୟ ନେପାଳରେ ରହିଛି । ସୀତାଙ୍କ ପିତା ରାଜା ଜନକଙ୍କ ରାଜଧାନୀ ଥିଲା ଏହା । ଏହି କାରଣରୁ ସୀତାଙ୍କୁ ଜାନକୀ କୁହାଯାଏ । ଏଠାରେ ଜାନକୀଙ୍କର ଏକ ସୁନ୍ଦର ମନ୍ଦିର ରହିଛି । ଟିକମ୍‌ଗଡ ବଂଶର ମହାରାଣୀ ବୃଷଭାନୁ ବିଂଶ ଶତାବ୍ଦୀର ଆରମ୍ଭରେ ଏହି ମନ୍ଦିର ନିର୍ମାଣ କରିଥିଲେ । ସେ ସମୟରେ ଏହି ମନ୍ଦିର ନିର୍ମାଣରେ ୯ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିଲା । ତେଣୁ ଏହାକୁ ନୌଲଖା ମନ୍ଦିର ମଧ୍ୟ



କୁହାଯାଏ । ଏହା ପାଖରେ ଭଗବାନ ରାମଙ୍କର ଏକ ପୁରୁଣା ମନ୍ଦିର ରହିଛି । ପ୍ରତିଦିନ ହଜାର ହଜାର ଲୋକ ଏହି ମନ୍ଦିର ଦର୍ଶନରେ ଆସନ୍ତି । ସୀତା ନବମୀ ଏବଂ ସୀତା ବିବାହ ତିଥିରେ ଏଠାରେ ବଡ ଉତ୍ସବ ହୁଏ ।

### ଯେଉଁଠି ପଡ଼ିଥିଲା ଶିବ ଧନୁ

ମହାରାଜା ଜନକ ନିଜ ଝିଅ ସୀତାଙ୍କ ବିବାହ ପାଇଁ ସ୍ୱୟମ୍ବର ଆୟୋଜନ କରିଥିଲେ । ଏହାର ସର୍ତ୍ତ ଥିଲା ଯେ ଯିଏ ଶିବଧନୁ ଭାଙ୍ଗିପାରିବ ସେହି ବ୍ୟକ୍ତି ସହ ରାଜକୁମାରୀଙ୍କର ବିବାହ ହେବ । ଏହି ସ୍ୱୟମ୍ବରରେ ବିଭିନ୍ନ ରାଜବଂଶର ରାଜକୁମାରମାନେ ଯୋଗ ଦେଇଥିଲେ । ରାମ ଏବଂ ଲକ୍ଷ୍ମଣ ମଧ୍ୟ ଏଥିରେ ଯୋଗ ଦେଇଥିଲେ । ରାମ ଶିବଧନୁ ଉଠାଇ ଏଥିରେ ଗୁଣ ଦେବାବେଳେ ଏହାର ଗୋଟିଏ ଅଂଶ ଭାଙ୍ଗି ଦୂରରେ ପଡିଗଲା । ଯେଉଁଠାରେ ଧନୁର ଏହି ଭଙ୍ଗା ଅଂଶଟି ପଡିଥିଲା ସେହି ସ୍ଥାନକୁ କୁହାଯାଏ ଧନୁଷଧାମ । ଏହା ଜନକପୁର ଠାରୁ ପ୍ରାୟ ୨୦ କିଲୋମିଟର ଦୂରରେ ରହିଛି ।

### ଜଳେଶ୍ୱର ମହାଦେବ

ପଦ୍ମପୁରାଣରେ ବର୍ଣ୍ଣନା ଥିବା ଜଳେଶ୍ୱର ମହାଦେବଙ୍କ ମନ୍ଦିର ରହିଛି ଜନକପୁର ଠାରୁ ୧୮ କିଲୋମିଟର ଦୂର ଜଳେଶ୍ୱର ସହରରେ । କିମ୍ବଦନ୍ତୀ କୁହେ ଜଗଦୀଶ ନାମକ ଜଣେ ସନ୍ନ୍ୟାସୀ ଧ୍ୟାନ-ତପସ୍ୟା




ପାଇଁ ଏକ ନିରବ ସ୍ଥାନର ସନ୍ଧାନରେ ଏଠାରେ ପହଞ୍ଚିଥିଲେ । ସେ ଧ୍ୟାନରେ ବସିବା ସମୟରେ ଭଗବାନ ଶିବ ତାଙ୍କୁ କହିଲେ, ଏହି ସ୍ଥାନକୁ ଖୋଳ । ସନ୍ନ୍ୟାସୀ ଧ୍ୟାନରୁ ଉଠି ସେହି ସ୍ଥାନ ଖୋଳିବା ପରେ ସେଠାରୁ ବୃହତ ଆକାରର ଶିବଲିଙ୍ଗ ପାଇଥିଲେ । ସେଠାରେ ମନ୍ଦିର ନିର୍ମାଣ ହୋଇଥିଲା । ପ୍ରତିବର୍ଷ ରାମନବମୀ ଏବଂ ଭୀମପଞ୍ଚମୀରେ ଏଠାରେ ବଡ଼ ଧରଣର ଯଜ୍ଞ ଏବଂ ଉତ୍ସବର ଆୟୋଜନ କରାଯାଏ ।


### ଭଗବାନ ବୁଦ୍ଧଙ୍କ ଜନ୍ମଭୂମି

ନେପାଳର ତରାଇ ଅଞ୍ଚଳରେ ଥିବା ଭୈରହବା ଉଭୟ ହିନ୍ଦୁ ଏବଂ ବୌଦ୍ଧ ଧର୍ମାବଲମ୍ବୀଙ୍କ ପାଇଁ ମହତ୍ତ୍ୱପୂର୍ଣ୍ଣ ଧାର୍ମିକ ସ୍ଥଳ । ଭୈରହବାର ସାକ୍ୟ କ୍ଷେତ୍ର ଭଗବାନ ବୁଦ୍ଧଙ୍କ ସହ ଜଡ଼ିତ । ଏଠାରେ ଥିବା ଲୁମ୍ବିନୀ ଉଦ୍ୟାନରେ ଗୌତମ ବୁଦ୍ଧ ଜନ୍ମଗ୍ରହଣ କରିଥିଲେ । ମହାରାଣୀ ମାୟାଦେବୀ ନିଜ ପିତ୍ରାଳୟକୁ ଯିବା ସମୟରେ ଏହି ସ୍ଥାନରେ ରାଜକୁମାର ସିଦ୍ଧାର୍ଥଙ୍କୁ ଜନ୍ମ ଦେଇଥିଲେ । ଖ୍ରୀଷ୍ଟପୂର୍ବ ୨୫୦ ମସିହାରେ ସମ୍ରାଟ ଅଶୋକ ନେପାଳ ଭ୍ରମଣରେ ଆସିବା ସମୟରେ ଏହି ସ୍ଥାନକୁ ଚିହ୍ନଟ କରି ଏଠାରେ ପୂଜା ନିମନ୍ତେ ମନ୍ଦିର ଏବଂ ସ୍ତମ୍ଭ ନିର୍ମାଣ କରାଇଥିଲେ । ଏହାପରେ ଭଗବାନ ବୁଦ୍ଧଙ୍କ ମା' ମାୟାଦେବୀଙ୍କ ଉଦ୍ଦେଶ୍ୟରେ ମଧ୍ୟ ଏଠାରେ ଏକ ମନ୍ଦିର ନିର୍ମାଣ କରାଯାଇଥିଲା । ଏସବୁ କ୍ଷେତ୍ର ବ୍ୟତୀତ ନେପାଳରେ ଶକ୍ତିକ୍ଷେତ୍ର ମଧ୍ୟ ରହିଛି । ଏଠାରେ ପାର୍ବତୀଙ୍କ ହାତ ପଡିଥିଲା । ଏହା ବ୍ୟତୀତ ବିଖ୍ୟାତ କୁମାରୀ ମନ୍ଦିର, ସ୍ୱୟମ୍ଭୁନାଥ ମନ୍ଦିର ଇତ୍ୟାଦି ରହିଛି ନେପାଳରେ ।





# କଷ୍ଟ ନଦେଉ ଆପଣଙ୍କ ଶବ୍ଦ



ଯଦି ତୁମର ଗୋଟିଏ ବି ଶବ୍ଦ ଅନ୍ୟକୁ କଷ୍ଟ ଦେଇଛି ତା'ହେଲେ ତୁମର ସବୁ ତପସ୍ୟା, ମହାନତା ନଷ୍ଟ ହୋଇଗଲା ବୋଲି ଜାଣ ।

**- ତାମିଲ ସନ୍ଥ ତିରୁବଲ୍ଲୁବର**

**ଅ**ନେକ ସମୟରେ ଅଜାଣତରେ ଆମ ମୁହଁରୁ ଭୁଲ ଶବ୍ଦ ବାହାରିଥାଏ । କହିବା ପୂର୍ବରୁ ଚିନ୍ତା ନକରି କହି ଦେଉଥିବା କିଛି କଥା ଆମ ଜୀବନକୁ ବଦଳାଇ ଦେଇପାରେ । କ୍ରୋଧ କିମ୍ବା ଥଟ୍ଟା ମଜାରେ କହି ଦେଇଥିବା କଥା ବି ବେଳେ ବେଳେ ଜୀବନ ପାଇଁ ବୋଝ ପାଲଟି ଯାଇପାରେ । ତେଣୁ ବିଦ୍ୱାନମାନେ କହିଛନ୍ତି, ସବୁବେଳେ ଭାବିଚିନ୍ତି କଥା କୁହନ୍ତୁ । ବେଳେବେଳେ ଛୋଟ କଥା ଏତେ ବଡ଼ ହୋଇଯାଏ ଯେ ଏହାର ପରିଣାମ ଜୀବନର ମୋଡ ବଦଳାଇ ଦିଏ ।

ଶ୍ରୀମଦ୍ ଭଗବଦ୍‌ଗୀତାରେ ଏମିତି ଏକ ଘଟଣାର ଉଲ୍ଲେଖ କରାଯାଇଛି । ବୃଷପର୍ବା ଅସୁରମାନଙ୍କ ରାଜା ଥିଲେ । ତାଙ୍କ ଗୁରୁ ଥିଲେ ଶୁକ୍ରାଚାର୍ଯ୍ୟ । ବୃଷପର୍ବାଙ୍କ ଝିଅ ଶର୍ମିଷ୍ଠା ଓ ଶୁକ୍ରାଚାର୍ଯ୍ୟଙ୍କ ଝିଅ ଦେବଯାନୀଙ୍କ ମଧ୍ୟରେ ଖୁବ୍ ବନ୍ଧୁତ୍ୱ ଥିଲା । ସେମାନେ ସବୁବେଳେ ଏକାଠି ଖେଳୁଥିଲେ, ବୁଲୁଥିଲେ । କିନ୍ତୁ ରାଜାଙ୍କ ଝିଅ ଭାବରେ ଶର୍ମିଷ୍ଠାଙ୍କ ମନରେ ଖୁବ୍ ଗର୍ବ ଥିଲା । ଥରେ ନଦୀରେ ଗାଧୋଇବା ପରେ ଦେବଯାନୀ ଭୁଲବଶତଃ ଶର୍ମିଷ୍ଠାଙ୍କ ପୋଷାକ ପିନ୍ଧି ଦେଇଥିଲେ । ଏଥିରେ ଉତ୍‌କ୍ଷିପ୍ତ ହୋଇ ଶର୍ମିଷ୍ଠା କହିଲେ- ତମ ବାପା ମୋ ବାପାଙ୍କ ଦାସ । ତମେ ମୋ ପୋଷାକ କେମିତି ପିନ୍ଧିଲ । ଏହାକୁ ନେଇ ଉଭୟଙ୍କ ମଧ୍ୟରେ ଖୁବ୍ କଳହ ହେଲା । ପିତାଙ୍କୁ ଦାସ କହିବା କାରଣରୁ ଦେବଯାନୀ ଖୁବ୍ ଦୁଃଖିତ ହୋଇଥିଲେ । ସେ ସବୁ କଥା ପିତା ଶୁକ୍ରାଚାର୍ଯ୍ୟଙ୍କୁ କହି ଏହି ରାଜ୍ୟରୁ ଚାଲିଯିବା ପାଇଁ ଅନୁରୋଧ କରିଥିଲେ । ଶୁକ୍ରାଚାର୍ଯ୍ୟ ଦୈତ୍ୟରାଜ ବୃଷପର୍ବାଙ୍କୁ ଏହା କହି ରାଜ୍ୟରୁ ଚାଲିଯାଉଛନ୍ତି ବୋଲି ଜଣାଇଲେ । ମାତ୍ର ଶୁକ୍ରାଚାର୍ଯ୍ୟ ଚାଲିଯିବା ସମୁଦାୟ ଦୈତ୍ୟକୁଳ ପାଇଁ ବଡ଼ କ୍ଷତି ଥିଲା । କାରଣ ଏକମାତ୍ର ଶୁକ୍ରାଚାର୍ଯ୍ୟ ହିଁ ମୃତ୍ୟୁ ସଞ୍ଜୀବନୀ ମନ୍ତ୍ର ଜାଣିଥିଲେ । ଦେବ-ଦାନବ ଯୁଦ୍ଧରେ ମୃତ୍ୟୁବରଣ କରୁଥିବା ଦୈତ୍ୟମାନଙ୍କୁ ଶୁକ୍ରାଚାର୍ଯ୍ୟ ଜୀବନଦାନ ଦେଉଥିଲେ । ସମଗ୍ର ଦୈତ୍ୟକୁଳକୁ କ୍ଷତିରୁ ବଞ୍ଚାଇବା ରାଜା ବୃଷପର୍ବାଙ୍କ ପ୍ରଥମ କର୍ତ୍ତବ୍ୟ ଥିଲା । ଶୁକ୍ରାଚାର୍ଯ୍ୟ କହିଲେ, ମୋ ଝିଅକୁ ଖୁସି କରେଇ ଦିଅନ୍ତୁ, ମୁଁ ରହିବି ଆପଣଙ୍କ ରାଜ୍ୟରେ । ଦେବଯାନୀଙ୍କର ସର୍ତ୍ତ ଥିଲା- ଶର୍ମିଷ୍ଠା ମୋ ବାପାଙ୍କୁ ଦାସ କହିଛନ୍ତି, ତେଣୁ ସେ ମୋର ଦାସୀ ହୋଇ ରହିବେ । ଦୈତ୍ୟକୁଳର ସ୍ୱାର୍ଥ ଦୃଷ୍ଟିରୁ ଶର୍ମିଷ୍ଠା ରାଜି ହେଲେ ଏହି ସର୍ତ୍ତରେ । କ୍ରୋଧବଶତଃ ମୁହଁରୁ ବାହାରିଥିବା ଗୋଟିଏ ବାକ୍ୟ ରାଜକୁମାରୀ ଶର୍ମିଷ୍ଠାଙ୍କୁ ସାରାଜୀବନ ପାଇଁ ଦାସୀ କରିଦେଲା ।

ଓଡ଼ିଶା ଏକ୍ସପ୍ରେସ୍
ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ
ଭୁବନେଶ୍ୱର ୨ ନଭେମ୍ବର ୨୦୨୫ । ରବିବାର

# ବିଭିନ୍ନ ସ୍ଥାନରେ ରାଷ୍ଟ୍ରୀୟ ଏକତା ଶପଥ ପାଠ



**ସାକ୍ଷୀଗୋପାଳ::୧।୧୧ ଏକ୍ସପ୍ରେସ୍ ନ୍ୟୁଜ୍**

ଦେଶର ଏକତା ଓ ଅଖଣ୍ଡତା ପାଇଁ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଅବଦାନ ଅବିସ୍ମରଣୀୟ ବୋଲି କହିଛନ୍ତି ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା। ଶନିବାର ପୂର୍ବାହ୍ନରେ ସାକ୍ଷୀ ଗୋପାଳ ସ୍ଥିତ ଆଚାର୍ଯ୍ୟ ହରିହର ଶିଶୁ ଭବନ ପରିସରରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ବେହେରା ଲୌହ ମାନବ ସର୍ଦ୍ଦାର ପଟେଲଙ୍କ ଜନ୍ମ ଦିବସ ବା ରାଷ୍ଟ୍ରୀୟ ଏକତା ଦିବସ ଅବସରରେ ଶପଥ ପାଠ କରାଇଥିଲେ। ଦେଶର ସ୍ୱାଧୀନତା ଓ ଅଖଣ୍ଡତା ପାଇଁ ସର୍ଦ୍ଦାର ପଟେଲ ଅନେକ କାର୍ଯ୍ୟ କରିଥିଲେ। ତାଙ୍କ ଜୀବନୀ ଓ ଆଦର୍ଶ ଚିରକାଳ ଆମକୁ ଅନୁପ୍ରାଣିତ କରି ଚାଲି ଥିବ ବୋଲି ଶ୍ରୀ ବେହେରା କହିଥିଲେ। ଏହି ଶପଥ ପାଠରେ ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଜିଲ୍ଲା ଶିଶୁ ମଙ୍ଗଳ କମିଟି ସଦସ୍ୟ ଉପେନ୍ଦ୍ର ବିଶ୍ୱାଳ, ଶିଶୁ ସୁରକ୍ଷା ଅଧିକାରୀ ଶୁଭ ନାରାୟଣ ଶତପଥୀ ଜିଲ୍ଲା ଶିଶୁ ମଙ୍ଗଳ କମିଟି ସଦସ୍ୟ ଉପେନ୍ଦ୍ର ବିଶ୍ୱାଳ, କିଶୋର ନ୍ୟାୟ ବୋର୍ଡ ସଦସ୍ୟ ମହାବୀର ରୁଦ୍ର ନାରାୟଣ ସାହୁ, ଆଇନ ପରିବୀକ୍ଷ ସନ୍ତୋଷ କୁମାର ସାହୁ, ଶିଶୁ ଭବନର ଅଧିକ୍ଷକ ସୁବୋଧ କୁମାର ସ୍ୱାଇଁ, ଅନ୍ୟାନ୍ୟ କର୍ମଚାରୀ ପ୍ରମୁଖ ଯୋଗଦେଇ ଥିଲେ। ପରେ ସମସ୍ତ ଅନ୍ତେବାସୀ ସାକ୍ଷୀ ଗୋପାଳ ମନ୍ଦିର ପରିଦର୍ଶନ କରିବା ସହ ପ୍ରଭୁ ଗୋପୀନାଥ ଓ ରାଧାରାଣୀଙ୍କ ପାଦ ଦର୍ଶନ କରିଥିଲେ।

**ଯାଜପୁର:** ଜିଲ୍ଲା ଆଇନ ସେବା ପ୍ରାଧିକରଣ, ଯାଜପୁର ଆନୁକୂଲ୍ୟରେ ଶୁକ୍ରବାର ଦିନ ଜିଲ୍ଲା ଓ ଦୌରା ଜଜ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧକ୍ଷ ଅମୃତ ରଞ୍ଜନ ନନ୍ଦଙ୍କ ନିର୍ଦ୍ଦେଶ ଓ ଅଧକ୍ଷତାରେ ସିଭିଲ କୋର୍ଟ ଯାଜପୁର, ଭିଡିଓ କନଫରେନସିଙ୍ଗ କକ୍ଷରେ ଏକତା ଦିବସ ପାଳନ କରାଯାଇଛି। ଏହି ଅବସରରେ ଦେଶର ସୁରକ୍ଷା, ଏକତା ଏବଂ ଅଖଣ୍ଡତା ବଜାୟ ରଖିବା ପାଇଁ ଏହା ଏକ ପ୍ରତିବଦ୍ଧତାର ଦିନ। ଏହି ଦିବସ ପାଳନ କରିବାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଦେଶର ଏକତା ଓ ଅଖଣ୍ଡତା ବଜାୟ ରଖିବାରେ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଅବଦାନକୁ ସମ୍ମାନ ଦେବା। ଏହି ଅବସରରେ ଏହି ଦିବସ ପାଳନ 'ବିଭିନ୍ନତା ମଧ୍ୟରେ ଏକତା'ର ଭାବନାକୁ ପ୍ରୋତ୍ସାହିତ କରେ ଏବଂ ଜାତୀୟ ଅଖଣ୍ଡତା ବଜାୟ ରଖିବାକୁ ଗୁରୁତ୍ୱ ଦେଇଥାଏ। ଆଗାମୀ ପିଢ଼ିକୁ ଏକତା ଓ ଅଖଣ୍ଡତାର ମୂଲ୍ୟ ବୋଧକୁ ବଜାୟ ରଖିବାକୁ ଦେବା ଏହି ଦିବସର ମୂଳ ଲକ୍ଷ' ବିଷୟବସ୍ତୁ ଉପରେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧକ୍ଷ ଅମୃତ ରଞ୍ଜନ ନନ୍ଦଙ୍କ ଅଧକ୍ଷତାରେ ଭିଡିଓ କନଫରେନସିଙ୍ଗ ହଲ, ସିଭିଲ କୋର୍ଟ ପରିସରରେ ଏକ ଶପଥ ପାଠ କରାଯାଇଥିଲା। ଏହି ଶପଥ ପାଠ ସମାରୋହରେ ଅଦାଲତର ଅନ୍ୟ ବିଚାର ପତି ଯଥା ଜିଲ୍ଲାର ସ୍ୱତନ୍ତ୍ର ପୋକସୋ କୋର୍ଟର ବିଚାର ପତି ଅତିରିକ୍ତ ପଦଲେ, ଅତିରିକ୍ତ ଜିଲ୍ଲା ଜଜ ବିଶ୍ୱେଶ୍ୱର ବିଶ୍ୱପ୍ରକାଶ ରାୟ, ଅଡ଼କ ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ (ଏଫଟିଏସସି) ଶରତ କୁମାର ଦେହୁରୀ, ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ସଙ୍ଗୀତ ଦାସ, ବରିଷ୍ଠ ଦେୱାନୀ ବିଚାର ପତି ସତ୍ୟ ପ୍ରକାଶ ରାୟ ଚୌଧୁରୀ, ରେଜିଷ୍ଟ୍ରାର ମାନସ ରଞ୍ଜନ ସାମନ୍ତରାୟ, କନିଷ୍ଠ ଦେୱାନୀ ବିଚାରପତି (ଏଲଆର ଏବଂ ଏଲସିଭି) ଲୋପାମୁଦ୍ରା ବେହେରା, ଏସଡିଜେଏମ ଡ଼.ସୁସ୍ମିତା ବିଶ୍ୱାଳ, ଦେୱାନୀ ବିଚାର ପତି, ସୁନିତା ବିଶ୍ୱାଳ ଅଂଶ ଗ୍ରହଣ କରିଥିଲେ। ପ୍ରାଧିକରଣର ଅଧକ୍ଷ ଅଦାଲତର ସମସ୍ତ କର୍ମଚାରୀମାନଙ୍କୁ ସତ୍ୟନିଷ୍ଠ ଓ ଅଖଣ୍ଡତାର ଶପଥ ପାଠ କରାଇଥିଲେ। ଏହି ସମାରୋହକୁ ପ୍ରାଧିକରଣର କାର୍ଯ୍ୟକାରୀ ସମ୍ପାଦିକା ନେହା ଅଗ୍ରୱାଲ ପରିଚାଳନା କରିଥିଲେ।

**ବେତନଟୀ:** ସ୍ୱାଧୀନ ଭାରତର ପ୍ରଥମ ଉପପ୍ରଧାନମନ୍ତ୍ରୀ ତଥା ଗୃହମନ୍ତ୍ରୀ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୦ ତମ ଜନ୍ମଜୟନ୍ତୀକୁ ସାରା ଭାରତରେ ରାଷ୍ଟ୍ରୀୟ ଏକତା ଦିବସ ଭାବେ ପାଳନ କରାଯାଉଛି। ଏହି ଦିବସକୁ ସ୍ୱର୍ଗତ ପଟେଲ ଓ ଅନ୍ୟମାନଙ୍କ ଦ୍ୱାରା ଦେଶକୁ ଏକଜୁଟ



କରିବା ପାଇଁ ହୋଇଥିବା ସଂଗ୍ରାମକୁ ମନେ ପକେଇ ଦେଇଥାଏ। ଏହା ଏକତାକୁ ସୁଦୃଢ଼ କରିବା ସହ ବିବିଧତା ମଧ୍ୟରେ ଏକତା ଭାବନାକୁ ପ୍ରୋତ୍ସାହିତ କରେ ଏବଂ ଜାତୀୟ ଅଖଣ୍ଡତା ବଜାୟ ରଖିବାକୁ ଗୁରୁତ୍ୱାରୋପ କରିଥାଏ। ଏହି ପରିପ୍ରେକ୍ଷୀରେ ସରକାରଙ୍କ ନିର୍ଦ୍ଦେଶ କ୍ରମେ ମୟୂରଭଞ୍ଜ ଜିଲ୍ଲା ବେତନଟୀ ଥାନା ପକ୍ଷରୁ ସ୍ୱର୍ଗତ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୦ ତମ ଜନ୍ମ ଜୟନ୍ତୀ ଅବସରରେ ଦେଶର ଏକତାକୁ ବଜାୟ ରଖିବା ନିମନ୍ତେ ଏକ ଗଣଦୌଡ କାର୍ଯ୍ୟକ୍ରମ ଶୁକ୍ରବାର ସକାଳ ୮ ସମୟରେ ଅନୁଷ୍ଠିତ ହୋଇଯାଇଛି। ବେତନଟୀ ଥାନା ଅଧିକାରିଣୀ ସସ୍ମିତା ମହାନ୍ତଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବଡ଼ସାହି ବିଧାୟକ ସନାତନ ବିଜୁଳି ଯୋଗ ଦେବାସହ ବେତନଟୀ ଏସଡିପି ଓ ମିନତୀ ବିଶ୍ୱାଳ ଯୋଗ ଦେଇଥିଲେ। ଏହି ଗଣଦୌଡ ବେତନଟୀ ଚଣ୍ଡୀ ଛକରୁ ବାହାରି ତହସିଲ, ଥାନା ଛକ ଦେଇ ବଙ୍ଗଳା ଛକ ଦେଇ ହାଇସ୍କୁଲ ଦେଇ ପୁଣି ଚଣ୍ଡୀ ଛକରେ ପହଁଚି ଶେଷ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବେତନଟୀ ପଦ୍ମମାଳି ମହିଳା ସଂଗଠନ, ଆମ ଗାଁ ଖଟି ସଂଗଠନ, ବରିଷ୍ଠ ନାଗରିକ, ବିଭିନ୍ନ କଲେଜ ଛାତ୍ର ଛାତ୍ରୀ, ଥାନାର କର୍ମଚାରୀ, ଅନେକ ସାମ୍ବାଦିକ ସଂଗଠନଙ୍କ ସମେତ ବହୁ ଜନସାଧାରଣ ଯୋଗ ଦେଇଥିଲେ।

**ବୈଶିଙ୍ଗା:** ରାଷ୍ଟ୍ରୀୟ ଏକତାର ପ୍ରତୀକ ସ୍ୱର୍ଗତ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜନ୍ମ ଜୟନ୍ତୀ ଦିବସକୁ ରାଷ୍ଟ୍ରୀୟ ଏକତା ଦିବସ ଭାବେ ସାରା ଦେଶରେ ପାଳନ କରାଯାଉଛି। ଏହି ଉପଲକ୍ଷେ ବୈଶିଙ୍ଗା ପୋଲିସ ପକ୍ଷରୁ ଏକ ଗଣ ଦୌଡ ଅନୁଷ୍ଠିତ ହୋଇଯାଇଛି। ବୈଶିଙ୍ଗା ଥାନାଧିକାରୀ ବାରିଣି ଦାସଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ଗଣ ଦୌଡରେ ପ୍ରିୟଂଶୀ ରାଧେ କଲେଜର ଛାତ୍ରଛାତ୍ରୀ ଏବଂ ଶିକ୍ଷକ/ଶିକ୍ଷିକା ସହଯୋଗ କରିଥିଲେ। ଏହି ଗଣ ଦୌଡ ମହୁରୀ ଛକ ଠାରୁ ଆରମ୍ଭ ହୋଇ ବୈଶିଙ୍ଗା ଥାନା ପର୍ଯ୍ୟନ୍ତ ଆସିଥିଲା।

ମାର୍ଶାଘାଇ: ସ୍ୱାଧୀନ ଭାରତବର୍ଷର ପ୍ରଥମ ଉପପ୍ରଧାନମନ୍ତ୍ରୀ ଲୌହ ମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ପୁଣ୍ୟ ଜନ୍ମତିଥିରେ ରାଷ୍ଟ୍ରୀୟ ଏକତା ଦିବସ ମାର୍ଶାଘାଇ ଥାନା ପାଳନ କରିଛି। ମାର୍ଶାଘାଇ ଥାନାଧିକାରୀ ତପନ କୁମାର ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ସମାରୋହରେ ପ୍ରଥମେ ଏକ ବିଶାଳ ଗଣଦୌଡ ମାର୍ଶାଘାଇ ଡାକବଙ୍ଗଳାଠାରୁ କେନାଲ ରୋଡ ତୁଳସୀପୁର ଛକ ପର୍ଯ୍ୟନ୍ତ ଆୟୋଜିତ ହୋଇଥିଲା। ଅପରାହ୍ନରେ ମାର୍ଶାଘାଇ କଲେଜ ପରିସରରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଏକ କୁଇଜ ପ୍ରତିଯୋଗିତା କରାଯାଇ ପୁରସ୍କାର ବିତରଣ କରାଯାଇଥିଲା। ବିତରଣ ସଭାରେ ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ଡ଼ଃ ଶଶିକାନ୍ତ ନାୟକ ମୁଖ୍ୟଅତିଥି, ଥାନାଧିକାରୀ ତପନ ନାୟକ, ଅତିରିକ୍ତ ଅଧିକାରୀ ନାରାୟଣ ସାହୁ ଉପସ୍ଥିତ ରହି ପୁରସ୍କାର ବିତରଣ କରିଥିଲେ। ପ୍ରଶାସନିକ ଅଧିକାରୀ ପ୍ରାଧ୍ୟାପକ ଦୀପକ କୁମାର ଦାସ ସମ୍ମାନିତ ଅତିଥିଭାବେ ଯୋଗଦେଇ ସର୍ଦ୍ଦାର ପଟେଲଙ୍କ ଅଖଣ୍ଡ ଭାରତବର୍ଷ ଗଠନ ଦିଗରେ ସ୍ୱପ୍ନ ଓ ସଂକଳ୍ପର ସ୍ମୃତିଚାରଣ କରିଥିଲେ। ଆଇଆଇସି ନାୟକଙ୍କ ସହିତ ନାରାୟଣ ସାହୁ, କର୍ମଚାରୀ – ଲିଲୁ କୁମାର ମଲ୍ଲ, ପ୍ରଶାନ୍ତ ମଲ୍ଲିକ, ରାଜେଶ ରଞ୍ଜନ ଦାସ, ମିନତୀ ଜେନା, କଲ୍ୟାଣୀ ସାହୁ ,ପ୍ରଭାତ ରଞ୍ଜନ ନାୟକ, ଶୁଭ୍ରଜିତ ମନ୍ତ୍ରୀଙ୍କ ମସେତ କଲେଜର କର୍ମଚାରୀମାନେ ସହାୟତା କରିଥିଲେ।

# ନଦୀ କୂଳିଆ ବାସିଙ୍କ ସ୍ୱପ୍ନକୁ ପୂରଣ କଲେ ଆକାଶ

**କୋରେଇ::୧।୧୧ ଏକ୍ସପ୍ରେସ୍ ନ୍ୟୁଜ୍**

କୋରେଇ ବ୍ଲକ୍ ଅର୍ନ୍ତଗତ ମୁଳାପାଳ ଗ୍ରାମ ପଂଚାୟତ ଆଖୁଆପଦା ବ୍ରିଜ ଠାରୁ ସରସଦା ପର୍ଯ୍ୟନ୍ତ ବିଧାୟକ ଆକାଶ ଦାସ ନାୟକଙ୍କୁ କୋରେଇର ହଜାର ହଜାର ବିଜେପି କର୍ମୀ ଏକ ବିରାଟ ବାଇକ ଶୋଭାଯାତ୍ରାରେ ପାଛୋଟି ନେଇ ଭବ୍ୟ ସମ୍ବର୍ଦ୍ଧନା ଦେବା ସହ ବିଧାୟକଙ୍କ ଦ୍ୱାରା ୩୭କୋଟି ଟଙ୍କା ବେୟ ଅଟକଳରେ ନିର୍ମାଣ କରାଯିବାକୁଥିବା ବିଭିନ୍ନ ପକଳ୍ପର ଶିଳ୍ୟାନ୍ୟାସ କରାଯାଇଥିଲା। ପୂର୍ତ୍ତ ବିଭାଗ ତରଫରୁ ଅନୁମୋଦିତ ହୋଇଥିବା ବରୁଣ୍ଡେଇରୁ ବନ୍ଧାଳୋ, ସରସଦାରୁ ବନ୍ଧାଳୋ, ଖିରୋ ଠାରୁ ସରସଦା, ବେଲଗାଡ଼ିଆ ଠାରୁ ଧନତ୍ରୀ ପ୍ରମୁଖ ରାସ୍ତାର ଉନ୍ନତି କରଣ ନିମନ୍ତେ ଶିଳାନ୍ୟାସ କରାଯାଇଥିଲା। ଏହି ରାସ୍ତାର ଉନ୍ନତି କରଣ ହେବା ଦ୍ୱାରା କରଦା, ବନ୍ଧାଳୋ, ଅମ୍ବରୁଡିଆ ଗ୍ରାମପଞ୍ଚାୟତର ନଦୀକୂଳିଆ ଲୋକମାନଙ୍କର ଦୀର୍ଘଦିନ ଧରି ରହିଥିବା ବନ୍ୟାର ଦୁଃଖ ଦୂର ହୋଇଯିବ ବୋଲି ବିଧାୟକ ସୂଚନା ଦେଇଥିଲେ। ଅଞ୍ଚଳବାସୀଙ୍କ ଦୀର୍ଘଦିନର ସ୍ୱପ୍ନକୁ ପୂରଣ କରିଥିବାରୁ ବିଧାୟକଙ୍କୁ ଅଞ୍ଚଳବାସୀ ବିଧାୟକଙ୍କୁ ଧନ୍ୟବାଦ ଦେଇଥିଲେ।

# ମେଳାଣୀ ଯାତ୍ରାରେ ଲକ୍ଷ ଲକ୍ଷ ଭକ୍ତଙ୍କ ସମାଗମ

**ବ୍ୟାସନଗର::୧।୧୧ ଏକ୍ସପ୍ରେସ୍ ନ୍ୟୁଜ୍**



ବ୍ୟାସନଗରର ଗଣପର୍ବ କାଳୀପୂଜା ଶୁକ୍ରବାର ସମାପ୍ତ ହୋଇଛି। ଦୀର୍ଘ ୧୧ ଦିନ ଯାତ୍ରାରେ ହଜାର ହଜାର ଦର୍ଶକ ସମାଗମ ଦେଖିବାକୁ ମିଳିଥିବା ବେଳେ ଶୁକ୍ରବାର ମହାମାୟୀଙ୍କ ମହାମେଲାଣୀ ଯାତ୍ରାରେ ଲକ୍ଷ ଲକ୍ଷ ଜନ ସମାଗମ ହୋଇଛି। ବ୍ୟାସନଗର କାଳୀପୂଜା ଇତିହାସରେ ଏପରି ଜନ ସମାଗମ ପୂର୍ବରୁ କେବେ ଦେଖିବାକୁ ମିଳିନଥିଲା। ସହରର ଟ୍ରାଫିକ ନିୟନ୍ତ୍ରଣ କରିବାକୁ ଯାଜପୁର ରୋଡ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯିବା ସହିତ ସହର ମଧ୍ୟକୁ ୪ ଏବଂ ୩ ଚକିଆ ଯାନ ପ୍ରବେଶକୁ ଅପରାହ୍ନ ୧୨ ଘଟିକା ପରେ ବନ୍ଦ କରିଦିଆଯାଇଥିଲା। ଚଳିତ ଥର ସମସ୍ତ ୧୭ଟି ମେଢର ଗତିପଥକୁ ୫ଟି ରୁଟରେ ବିଭକ୍ତ କରାଯାଇଥିଲା। ସେହି ଅନୁସାରେ ପ୍ରଥମ ରୁଟରେ ଥିବା ମେଢ ଗୋପବନ୍ଧୁଛକ କେଟିଲ ଛକ ଚୋରଦା ଦେଇ ମେଲଣ ପଡିଆ, ୨ୟ ରୁଟରେ ଥିବା ମେଢ ମେଡିକାଲ ସାଇ ମନ୍ଦିର ତହସିଲ ଗୋପବନ୍ଧୁ ଛକ କେଟଲ ଛକ ଦେଇ ମେଲଣ ପଡିଆ, ୩ୟ ରୁଟ ଦଳା ଛକ ନହକା ବାଇପାସ କେଟିଲଛକ ଦେଇ ମେଲଣ ପଡିଆ, ୪ର୍ଥ ରୁଟ ମେଢ ପାଟ୍ଣିକା ଚୋରଦା ଛକ ଦେଇ ମେଲଣ ପଡିଆ ଏବଂ ୫ମ ରୁଟ ମେଢ ପୋଲିସ ଛକ ଗୋଲେଇ ଦେଇ ମେଲଣ ପଡିଆରେ ପହଁଚିବାକୁ ନିଷ୍ପତ୍ତି ହୋଇଥିଲା। ସେହି ଆଧାରେ ୫୦ ବର୍ଷ ପାଳୁଥିବା ଚୋରଦା ମେଢ ୨ ଘଟିକାରେ ଗୋପବନ୍ଧୁ ଛକ ପରେ ପରେ ବ୍ୟାଙ୍କଷ୍ଟ୍ରିଟ ୨.୩୦ରେ ରାଧାନାଥ ମାର୍ଗ ୪.୧୫ରେ,ଗୋପବନ୍ଧୁ ନଗର ୪.୩୦ରେ ଆର୍ଯ୍ୟନ କ୍ଲବ ୪.୪୫ରେ, କୋପଣ୍ଡ ୫ଟାରେ, ଷ୍ଟେସନ ବଜାର ୫.୩୦ରେ, ନୁଆ ମାର୍କେଟ ୫.୪୫ରେ ଗୋପବନ୍ଧୁଛକରେ ପହଁଚିବାକୁ ଥିବା ବେଳେ ପ୍ରାୟ ସମସ୍ତେ ବିଳମ୍ବରେ ପହଁଚିଥିଲେ। ସେହିପରି ବାକି ମେଢ ସିଧାସଳଖ କେଟିଲ ଛକ ଏବଂ ଚୋରଦା ଛକରେ ପହଁଚି ମେଲଣ ପଡିଆ ଅଭିମୁଖେ ଅଗ୍ରସର ହୋଇଥିଲେ।

# ବ୍ଲକସ୍ତରୀୟ ସୁରଭି ଉଦ୍‌ଯାପିତ

**ରାଜନଗର::୧।୧୧ ଏକ୍ସପ୍ରେସ୍ ନ୍ୟୁଜ୍**

ରାଜନଗର ବ୍ଲକ କେରଡାଗଡସ୍ଥିତ ଶ୍ରୀ ଜଗନ୍ନାଥ ହାଇସ୍କୁଲ ପରିସରରେ ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଶିକ୍ଷାଧିକାରୀ ମନୋରଂଜନ ସେଠୀଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ସୁରଭି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପଞ୍ଚାୟତ ସମିତି ଅଧକ୍ଷା ପ୍ରତିଭା ପାତ୍ର, ପ୍ରାକ୍ତନ ବ୍ଲକ ଶିକ୍ଷାଧିକାରୀ ଅନିଲକୁମାର ବଳ, ପ୍ରଧାନ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ପଣ୍ଡା, ନୋଡାଲ ପ୍ରଧାନ ଶିକ୍ଷକ ଶୁଭ୍ରଜକୁମାର ବରାଳ, ସାମ୍ବାଦିକ ଭାସ୍କର ରାଉତରାୟ ଓ ଜଗନ୍ନାଥ ଦାସ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବକ୍ତୃତା, ତର୍କ, ପିଏମ ପୋଷଣର ଚିତ୍ରକଳା ଓ ଶିଳ୍ପକଳା, ଶସ୍ତ୍ରୀୟ ନୃତ୍ୟ, କୁଇଜ, ଚିତ୍ରାଙ୍କନ ଓ ସଙ୍ଗୀତ ପ୍ରତିଯୋଗୀତା କରାଯାଇଥିଲା। ଉଦ୍‌ଯାପନ ଉତ୍ସବରେ ବିଜେପି ନେତା ଲଳିତକୁମାର ବେହେରା, ବାଲିସାହିପାଟଣା ସରଞ୍ଚ ସୁଚିସ୍ମିତା ପରିଡା, ବିକ୍ରମ ବାରିକ, ଏବିଇଓ ଚିତରଂଜନ ଜେନା, ମାନସକୁମାର ମିଶ୍ର, ଚନ୍ଦ୍ରକାନ୍ତ ରାଉତ ପ୍ରମୁଖ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ପର୍ଯ୍ୟବେକ୍ଷକ ଭାବେ ହେମନ୍ତ ବାରିକ ବ୍ରହ୍ମାନନ୍ଦ ପରିଡା, ସରସ୍ୱତୀ ସାହୁ, ନିରଜ ଦାସ, ଅଖିଳ ରାଉତ, ଶ୍ରୀକାନ୍ତ ଦାସ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ତ୍ରୈଲୋଚନ ଦାସ, ପ୍ରଶାନ୍ତ ଜେନା, ସମରେନ୍ଦ୍ର ସାହୁଙ୍କ ସହ ବିଭିନ୍ନ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଓ ଅନୁଷ୍ଠାନର ଶିକ୍ଷକ ଶିକ୍ଷୟିତ୍ରୀମାନେ ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ ଅବସର ଗ୍ରହଣ କରିଥିବା ସମସ୍ତ ସିଆରସିସିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅମରକୁମାର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

# ସ୍ୱର୍ଗତଃ ରଙ୍ଗାଧର ସାହୁଙ୍କୁ ଶ୍ରଦ୍ଧାଞ୍ଜଳି

**କେନ୍ଦ୍ରାପଡ଼ା::୧।୧୧ ଏକ୍ସପ୍ରେସ୍ ନ୍ୟୁଜ୍**

ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର କୋଷାଧକ୍ଷ ସ୍ୱର୍ଗତଃ ରଙ୍ଗାଧର ସାହୁଙ୍କ ବିୟୋଗରେ ଏକ ଶ୍ରଦ୍ଧାଞ୍ଜଳି ସଭା ସଂଘ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଛି। ଏହି ସଭାରେ ପିତାମ୍ବର ଦାସ ଅଧକ୍ଷତା କରି ପ୍ରଥମରେ ସ୍ୱର୍ଗତଃ ସାହୁଙ୍କ ଫଟୋ ଚିତ୍ରରେ ପୁଷ୍ପଅର୍ଘ୍ୟ ପ୍ରଦାନ କରିବା ପରେ ତାଙ୍କ ଆତ୍ମାର ସଦଗତି ନିମନ୍ତେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ସ୍ୱର୍ଗତଃ ସାହୁ ଜଣେ ମିଷ୍ଟଭାଷୀ, ସଂଘ ପ୍ରେମୀ ଓ କର୍ମଠ ମଣିଷ ଥିଲେ ବୋଲି ସଭାରେ ସ୍ମୃତିଚାରଣ କରାଯାଇଥିଲା। ସାଧାରଣ ସମ୍ପାଦକ ହେମନ୍ତ କୁମାର ଜେନା, ବ୍ରଜକିଶୋର ଜେନା, ରବୀନ୍ଦ୍ରନାଥ ରଥ, ଭରତ ଚନ୍ଦ୍ର ସାହୁ, ସୁବାସ ଚନ୍ଦ୍ର ପାତ୍ର, ତ୍ରୈଲୋକ୍ୟ ଚରଣ ସ୍ୱାଇଁ, ବିଜୟ କୁମାର ଦାସ, ଅକ୍ଷୟ କୁମାର ନାୟକ, ପରମାନନ୍ଦ ତ୍ରିପାଠୀ, ପ୍ରଭାକର ମହାନ୍ତି, ପତିତପାବନ ଲେଙ୍କା, ଗୌରାଙ୍ଗ ସିଂହ ପ୍ରମୁଖ ସ୍ମୃତିଚାରଣ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# ରାଜ୍ୟ ମହିଳା ଫିଡେ ରେଟିଙ୍ଗ ଚେସ ଚାମ୍ପିଅନସିପ ଉଦଘାଟିତ

**କେନ୍ଦ୍ରାପଡା::୧।୧୧ ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦ୍ରାପଡା ଜିଲ୍ଲା ଚେସ ଆସୋସିଏସନ୍ ଆନୁକୁଲ୍ୟରେ ତଥା ଅଲ୍ ଓଡ଼ିଶା ଚେସ ଆସୋସିଏସନ୍ ଏବଂ ଓଡ଼ିଶା ସରକାରଙ୍କ କ୍ରୀଡା ଓ ଯୁବ ବ୍ୟାପାର ବିଭାଗର ସହଯୋଗରେ ଆଜି ସ୍ଥାନୀୟ ଗରପୁର୍ ଠାରେ ଥିବା ସ୍ୱୟଂସିଦ୍ଧା ଠାରେରେ ଚଳିତ ବର୍ଷର ଓଡ଼ିଶା ମହିଳା ଫିଡେରେଟିଙ୍ଗ ଚେସ ଚାମ୍ପିଅନସିପ – ୨୦୨୫ ଉଦଘାଟିତ ହୋଇଯାଇଛି। ଏହି ଟୁର୍ଣ୍ଣାମେଣ୍ଟଟି ସର୍ବୋଚ୍ଚ ପୁରସ୍କାର ରାଶି ୫୦୦୦୦ ଟଙ୍କା ଥିବା ବେଳେ ଖେଳାଳିମାନେ ସର୍ବନିମ୍ନ ପ୍ରବେଶିକା ଶୁଳ୍କ ଦେଇ ଭାଗ ନେବାର ସୁଯୋଗ ପାଇଛନ୍ତି। ଏହି ଅବସରରେ ମୁଖ୍ୟଅତିଥି ଭାବେ କେନ୍ଦ୍ରାପଡ଼ା ଜିଲ୍ଲା କ୍ରୀଡା ଅଧିକାରୀ ଲୋକନାଥ ପାଣିଗ୍ରାହୀ ଉପସ୍ଥିତ ରହି ଖେଳାଳୀମାନଙ୍କୁ ଉତ୍ସାହିତ କରିଥିଲେ। ଅନ୍ୟତମ ଅତିଥି ଭାବେ ଅବସରପ୍ରାପ୍ତ ଇଆଇସି ରବୀନ୍ଦ୍ର ନାଥ ବେହେରା, ଯାଜପୁର ୟୁନାଇଟେଡ ଚେସ ଆସୋସିଏସନ୍‌ର ସମ୍ପାଦକ ସମରେନ୍ଦ୍ର ସାହୁ, ବରଗଡ଼ ଜିଲ୍ଲା ଚେସ ଆସୋସିଏସନ୍‌ର ସମ୍ପାଦକ କେଆର୍ ପ୍ରଧାନ, ସିପାର ସଭାପତି ଇଂ.ଧନଞ୍ଜୟ ସାବତ ଯୋଗଦେଇଥିବା ବେଳେ ଆସୋସିଏସନ୍‌ର ସଭାପତି କିଶୋର ପଣ୍ଡା, ସମ୍ପାଦକ ଭବେଶ୍ ମହାନ୍ତି, କାର୍ଯ୍ୟକାରୀ ସଭାପତି ହାଡିବନ୍ଧୁ ସିଂହ ଉଦବୋଧନ ଦେଇଥିବା ବେଳେ ଆସୋସିଏସନ୍‌ର ଉପସଭାପତି ଲଲାଟ କେଶରୀ ସାମଲ ମଞ୍ଚ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଖେଳାଳୀମାନଙ୍କୁ ଉତ୍ସାହିତ କରିବା ପାଇଁ କେନ୍ଦ୍ରାପଡ଼ା ଜିଲ୍ଲା ଚେସ ସ୍ୱାଗତ ସମିତିର ଉପଦେଷ୍ଟା ଉପିନ୍ ରାଉତ, କିଶୋର ଦାସ, ଶକ୍ତିଶ୍ରି ଲେଙ୍କା, ଗୌତମ୍ ମଲ୍ଲିକ୍, ସ୍ୱୋପ୍ନଜିତ୍ ବାରିକ, ଅସିତ୍ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ସୂଚନା ଥାଉକି ଚାରିଦିନ ଧରି ହେବାକୁଥିବା ଏହି ଟୁର୍ଣ୍ଣାମେଣ୍ଟରେ ମୋଟ ୩୦ଜଣ ମହିଳା ଖେଳାଳି ବିଭିନ୍ନ ଜିଲ୍ଲାରୁ ଭାଗନେଇଛନ୍ତି। ଯେଉଁ ଥିରେ କେନ୍ଦ୍ରାପଡାର ଝିଅ ରାଜ୍ୟଗୋଷ୍ଠି କ୍ରୀଡ଼ାରେ ସ୍ୱର୍ଣ୍ଣ ପଦକ ବିଜେତା ସ୍ମାରକୀ ମହାନ୍ତି, ଏସିଆ କପ୍ ବିଜେତା ଖୋର୍ଦ୍ଧାର ଯାସିତା ରାଉତ, ୟୁନିଭର୍ସିଟି ଚାମ୍ପିଅନ କଟକର ଗୀତାଶ୍ରୀ ବିଶ୍ୱାଳ, ଆନ୍ତର୍ଜାତିକ ଖେଳାଳି ଜୟଲକ୍ଷ୍ମୀ ସାହୁ, ନୈନିକ ସାହୁ, ଜ୍ୟୋତିକ ସାହୁ, ଉମା ଦଳପତି, ନିଭ୍ରୀତା ପଟ୍ଟନାୟକ ପ୍ରମୁଖ ସୁନାମଧନ୍ୟ ଖେଳାଳି ଭାଗନେଇଛନ୍ତି। ଖେଳର ସୁପରିଚାଳନା ପାଇଁ ପିଙ୍କି ମହାପାତ୍ର ଚିଫ ଅର୍ବିଟର, ଡେପୁଟି ଆର୍ବିଟର ଭାବେ ଅଭିଷେକ ଆଚାର୍ଯ୍ୟ, ନମ୍ଭଲା ରବିକୁମାର ଦାୟିତ୍ୱ ନେଇଥିବା ବେଳେ ଆସୋସିଏସନ୍ ର ଅନ୍ୟତମ ଉପସଭାପତି ଅମରେଶ ସାହୁ, କୋଷାଧକ୍ଷ ନାରାୟଣ ଦାସ, କାର୍ଯ୍ୟକାରିଣୀ ସଦସ୍ୟ ଗୋପିବଲ୍ଲବ ନାୟକ, ସବ୍ରେ ହେମ୍ବ୍ରମ, ନେହେରୁ ସାହୁ ପ୍ରମୁଖ ବିଭିନ୍ନ ଦାୟିତ୍ୱ ନିର୍ବାହ କରୁଛନ୍ତି। ଆସନ୍ତା ନଭେମ୍ବର ୩ ତାରିଖ ଅପରାହ୍ନ ୪ ଘଟିକା ସମୟରେ ଏହା ଉଦଯାପିତ ହେବ।

# ବରିଷ୍ଠ ସମବାୟବିତ୍ ପଦ୍ମଚରଣ ନାୟକଙ୍କ ସ୍ମୃତିସଭା

**କେନ୍ଦ୍ରାପଡା::୧।୧୧ ଏକ୍ସପ୍ରେସ୍ ନ୍ୟୁଜ୍**



ବିଶିଷ୍ଟ ସମବାୟବିତ୍ ଓ ରାଜନେତା ତଥା କେନ୍ଦ୍ରାପଡାର ବିକାଶ ପୁରୁଷ ସ୍ୱର୍ଗତ ପଦ୍ମ ଚରଣ ନାୟକଙ୍କ ଦଶତମ ଶ୍ରଦ୍ଧାଞ୍ଜଳୀ ସଭା ଗୁଲନଗର ସ୍ଥିତ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ସ୍ମୃତିସଭାକୁ ପଦ୍ମ ଚରଣ ନାୟକ ସ୍ମୃତି କମିଟିର ସଭାପତି ପୂର୍ବତନ ନଗରପାଳ ମହମ୍ମଦ ଆକବର ଅଲ୍ଲୀଙ୍କ ସଭାପତିତ୍ୱରେ ବରିଷ୍ଠ କଂଗ୍ରେସ ନେତା ପ୍ରଫୁଲ କୁମାର ଦାସ, ପୂର୍ବତନ ବିଧାୟିକା ଡଃ ସିପ୍ରା ମଲିକ୍, କମ୍ୟୁନିଷ୍ଟ ନେତା ଗୟାଧର ଧଳ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। କେନ୍ଦ୍ରାପଡାର ସମବାୟ ଆନ୍ଦୋଳନକୁ ଲୋକପ୍ରିୟ କରିବାସହିତ ଶିକ୍ଷା ଅନୁଷ୍ଠାନ ପ୍ରତିଷ୍ଠା ଦିଗରେ ସିଏ ଆଗୁଆ ଥିଲେ। ସେମାନଙ୍କ ମଧ୍ୟରେ ସ୍ୱର୍ଗତ ନାୟକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା। ତାଙ୍କର ନିଷ୍ଠାପର ଉଦ୍ୟମରେ ଅର୍ବାନ କୋଅପରେଟିଭ୍ ବ୍ୟାଙ୍କ, ବଳଦେବଜୀଉ ଶିକ୍ଷାତାଲିମ ମହାବିଦ୍ୟାଳୟ, ଆଇନ୍ ମହାବିଦ୍ୟାଳୟ, ଗୁଲନଗର ଉଚ୍ଚ ବିଦ୍ୟାଳୟ, ବାଳିକା ଉଚ୍ଚ ବିଦ୍ୟାଳୟ ଓ ପ୍ରାଥମିକ ବିଦ୍ୟାଳୟ ଆଦି ବହୁ ଅନୁଷ୍ଠାନ ପ୍ରତିଷ୍ଠା ଲାଭ କରିଥିଲା ବୋଲି ବିଶିଷ୍ଟ ବ୍ୟକ୍ତିମାନେ ମତବ୍ୟକ୍ତ କରିଥିଲେ। ସ୍ମୃତି କମିଟିର ସମ୍ପାଦକ ବରିଷ୍ଠ ଆଡଭୋକେଟ୍ ସରୋଜ ରାଜ ସିଂହ, ଜିଲ୍ଲା ପରିଷଦ ଅଧକ୍ଷା ଲିଲିତା ଦାସ, କାହ୍ନୁ ଚରଣ ଦାସ, ଶିବପ୍ରସାଦ ଭୋଳ, ଚିନ୍ମୟ ପ୍ରସାଦ ବେହୁରା, ଡଃ ବାସୁଦେବ ଦାସ, ପ୍ରଦୀପ୍ତ କୁମାର ମହାନ୍ତି, ହେମନ୍ତ କୁମାର ଜେନା, ଅବନ୍ତୀ ବେହେରା, ସରୋଜ କୁମାର ସାହୁ, ସଂଗ୍ରାମ ମଲିକ, ଗିରିଶ୍ ପାତ୍ର, ଆଲୋକ କୁମାର ସାହୁ, ଅଭିମନ୍ୟୁ ନାୟକ, ତପନ କୁମାର ସିଂ, ଧିରେନ୍ କୁମାର ସାହୁ, ରଞ୍ଜନ ବାବୁ, ବିଜୟ କୁମାର ସାମଲ, କୁମୁଦିନୀ ସାହୁ, ରବିନ୍ଦ୍ର ନାଥ ରଥ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଶ୍ରୀ ନାୟକଙ୍କ ସ୍ମୃତିଚାରଣ କରିଥିଲେ। ସଭା ଆରମ୍ଭରୁ ଉପେନ୍ଦ୍ର କୁମାର କରଙ୍କ ଦ୍ୱାରା ବେଦ ପାଠ କରାଯାଇଥିଲା। ଭରତ ଚରଣ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ ମୁକ୍ତାର ଖାଁ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କୁଳମଣି ନାୟକ, ପ୍ରଶାନ୍ତ କୁମାର ନାୟକ, ରାଜୁ କୁବେର ଓ ସ୍ମୃତି କମିଟିର ସମସ୍ତ ସଦସ୍ୟମାନେ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ଗୁଲନଗର ଉଚ୍ଚ ବିଦ୍ୟାଳୟ ପ୍ରିୟଦର୍ଶିନୀ ତାରଇ, ପ୍ରଧାନ ଶିକ୍ଷୟିତ୍ରୀ ଗୁଲନଗର ବାଳିକା ଉଚ୍ଚ ବିଦ୍ୟାଳୟ ରାଜଶ୍ରୀ ସାହୁ, ଗୁଲନଗର ବାଳିକା ଓ ଗୁଲନଗର ଉଚ୍ଚ ବିଦ୍ୟାଳୟର କର୍ମକର୍ତ୍ତାମାନେ ସହଯୋଗ କରିଥିଲେ। ଏହି ଅବସରରେ ସ୍ମୃତି କମିଟି ପକ୍ଷରୁ ଉଚ୍ଚବିଦ୍ୟାଳୟର ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ପଥରଚେପା ଠାରେ ରାସ୍ତା ଅବରୋଧ କରି ଆନ୍ଦୋଳନ କଲେ ଗ୍ରାମବାସୀ

**ବଲାଙ୍ଗିର::୧।୧୧ ଏକ୍ସପ୍ରେସ୍ ନ୍ୟୁଜ୍**

ସହରକୁ ଲାଗି ସଦାଇପାଲି ପଞ୍ଚାୟତ ଅନ୍ତର୍ଗତ ପଥରଚେପା ଗ୍ରାମ। ପ୍ରାୟତଃ ଆଦିବାସୀ, ଦଳିତ ଓ ନିମ୍ନ ଆୟ ବର୍ଗର ଲୋକେ ଏଠି ବାସ କରନ୍ତି। ବଲାଙ୍ଗିର ସହରର ଅତି ନିକଟରେ ଥିଲେ ମଧ୍ୟ ଲୋକେ ସର୍ବ ନିମ୍ନ ମୌଳିକ ସୁବିଧାରୁ ସବୁବେଳେ ବଞ୍ଚିତ। ବାରମ୍ବାର ସଦର ବ୍ଲକ ପ୍ରଶାସନ ସମସ୍ୟାକୁ ନେଇ ଅବଗତ କଲେ ମଧ୍ୟ ଦୁର୍ନିତିରେ ଥିବା ବ୍ଲକ ପ୍ରଶାସନ ଲୋକଙ୍କ ମୌଳିକ ସମସ୍ୟା ପ୍ରତି ସବୁବେଳେ ଅଣଦେଖା କରି ଚାଲିଛି। ଏହାକୁ ନେଇ ଆଜି କଂଗ୍ରେସ ନେତା ରାମ ମିଶ୍ର, ଶ୍ରୀଧର ବାରିକ, ଫକିର ମୋହନ ଥାଟିଙ୍କ ନେତୃତ୍ୱରେ ବଲାଙ୍ଗିର ପାଟଣାଗଡ ମୁଖ୍ୟ ରାସ୍ତା ପଥରଚେପା ଗାଁ ଠାରେ ପଥରଚେପା ଗ୍ରାମବାସୀ ତଥା ଆଖପାଖ ଅଞ୍ଚଳର ଲୋକେ ମିଶି ରାସ୍ତା ଅବରୋଧ କରି ଆନ୍ଦୋଳନ କରିଥିଲେ। ଆନ୍ଦୋଳନ ସ୍ଥଳରେ ସ୍ଥାନୀୟ ନେତୃତ୍ୱ ଏ ଅଞ୍ଚଳର ବାରମ୍ବାର ବିଜୁଳି ବିଭ୍ରାଟ ନିମ୍ନମାନର ବିଜୁଳି ବତି ସହ ସମଗ୍ରୀ, ରାସ୍ତା ମରାମତିକୁ ନେଇ ଅବହେଳା, ଇନ୍ଦିରା ଆବାସ ପ୍ରଦାନରେ ଚଞ୍ଚକତାକୁ ନେଇ ବ୍ଲକ ପ୍ରଶାସନ ବିରୁଦ୍ଧରେ ଗର୍ଜିଥିଲେ। ସେମାନେ କହିଥିଲେ ଯେତେ ସବୁ ବିଜୁଳି ସମଗ୍ରୀ ହେଉ କି ଷ୍ଟ୍ରିଟ ଲାଇଟ ହେଉ ଲଗାଇବାର ଦୁଇ ତିନି ଦିନ ମଧ୍ୟରେ ସମ୍ପୂର୍ଣ୍ଣ ଖରାପ ହୋଇଯାଉଛି କାରଣ ଏହି ସମଗ୍ରୀ ଯୋଗାଣରେ ବ୍ଲକ ପ୍ରଶାସନ ସମ୍ପୂର୍ଣ୍ଣ ଭାବେ ଅନୁଦାନ ହଡପ କରି ନିମ୍ନମାନର ସମଗ୍ରୀ ବ୍ୟବହାର କରୁଛନ୍ତି। ଯେହେତୁ ଏହି ରାସ୍ତା ଏକ ବୁଲାଣିଆ ରାସ୍ତା ଏଠାରେ ବିଜୁଳିବତି ନ ଜଳିବାରୁ ବାରମ୍ବାର ଦୁର୍ଘଟଣା ଘଟି ଲୋକଙ୍କର ଧନ ଜିବନ କ୍ଷତି ହେଉଛି। ତେଣୁ ଏହାକୁ ନେଇ ଆଜି ସ୍ଥାନୀୟ ଲୋକେ ଆନ୍ଦୋଳନ କରିବା ଦ୍ୱାରା ଘଣ୍ଟା ଘଣ୍ଟା ଧରି ବଲାଙ୍ଗିରରୁ ପାଟଣାଗଡ ପଟରୁ ଆସୁଥିବା ଶହ ଶହ ଯାନବାହନ ଅଟକି ଯିବା ଦ୍ୱାରା ଜିଲ୍ଲା ପ୍ରଶାସନ ତରଫରୁ ତହସିଲଦାର ଶ୍ରୀ ପଣ୍ଡା ଆସି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ଏଥିରେ ଆନ୍ଦୋଳନକାରୀମାନେ ସନ୍ତୁଷ୍ଟ ନ ହେବାରୁ ତହସିଲଦାର ଶ୍ରୀ ପଣ୍ଡା ଫୋନ ଯୋଗେ ଉପଜିଲ୍ଲାପାଳ ଆଲୋକ ପଟେଲଙ୍କ ସହ ସମସ୍ୟାକୁ ନେଇ ଆଲୋଚନା କରାଇଥିଲେ। ଏଥିରେ ଉପଜିଲ୍ଲାପାଳ ଯାହା କିଛି ବି ସମସ୍ୟା ଅଛି ସେ ସବୁକୁ ନେଇ ପଥରଚେପା ଗ୍ରାମବାସୀ ଓ ସ୍ଥାନୀୟ ନେତୃତ୍ୱଙ୍କ ସହ ଆଲୋଚନା କରିବେ ଏବଂ ସମସ୍ୟା ଯେପରି ୧୦ ଦିନ ଭିତରେ ସମାଧାନ ହୋଇପାରିବ ସେ ଦିଗରେ ନିଶ୍ଚିତ ପଦକ୍ଷେପ ନେବେ ଏବଂ ଦୁର୍ନିତିରେ ବ୍ଲକ ପ୍ରଶାସନ ତରଫରୁ ଯେ କେହି ବି ସଂପୃକ୍ତ ଥିବ ନିଶ୍ଚିତ ଭାବରେ ତାଙ୍କ ବିରୁଦ୍ଧରେ ପଦକ୍ଷେପ ନେବ ବୋଲି କହିଥିଲେ। ପରେ ଆନ୍ଦୋଳନକାରୀଙ୍କ ତରଫରୁ ଆନ୍ଦୋଳନକୁ ସ୍ଥଗିତ କରାଯାଇ ଯଦି ୧୫ ଦିନ ଭିତରେ ସମସ୍ୟାର ସମାଧାନ ନ ହୁଏ ତେବେ ଏହି ଆନ୍ଦୋଳନକୁ ଆହୁରି ବ୍ୟାପକ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ଆଜିର ଏହି ଅନ୍ଦୋଳନକୁ ଅନ୍ୟମାନଙ୍କ ମଧ୍ୟରେ ରୁଦ୍ର ନନ୍ଦ, ଧନୁ ରାଉତ, ବିଜ୍ଞାନ ନନ୍ଦ, ସୁବଳ ନନ୍ଦ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ଶ୍ରୀଧର ବାରିକ, କଂଗ୍ରେସ ନେତା ରାମ ମିଶ୍ର, ଫକିର ମୋହନ ଥାଟି, ନରେନ୍ଦ୍ର ବେହେରା, ସଂକିର୍ତ୍ତନ ମେହେର, ଜୁଲୁ ପଟ୍ଟନାୟକ, ତ୍ରିନାଥ ରାଉତଙ୍କ ସମେତ ୫୦୦ରୁ ଉର୍ଦ୍ଧ୍ୱ ଗ୍ରାମବାସୀ ଉପସ୍ଥିତ ଥିଲେ।

# ରାଧା ପାଦ ଦର୍ଶନ ଅବସରରେ ଶିଶୁ ସୁରକ୍ଷା କାର୍ଯ୍ୟକ୍ରମ

**ସାକ୍ଷୀଗୋପାଳ::୧।୧୧ ଏକ୍ସପ୍ରେସ୍ ନ୍ୟୁଜ୍**

ଆଚାର୍ଯ୍ୟ ହରିହର ଶିଶୁ ଭବନ, ସାକ୍ଷୀଗୋପାଳଠାରେ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ତରଫରୁ ଏକତା ଦିବସ ପାଳନ ଓ ଶପଥ ଗ୍ରହଣ ତଥା ଅଁଳା ନବମୀ ରାଧା ପାଦ ଦର୍ଶନ ଅବସରରେ ଶିଶୁ ସୁରକ୍ଷା ସମ୍ପର୍କିତ ସୂଚନା, ଶିକ୍ଷା, ସମ୍ପ୍ରସାରଣ ଶିବିର ଉଦଘାଟନ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମ ସ୍ଥାନୀୟ ପ୍ରଶାସନ ସହାୟତାରେ ଆୟୋଜିତ ହୋଇଥିଲା। ମୁଖ୍ୟ ଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ ଶରତ ଚନ୍ଦ୍ର ବେହେରା ଯୋଗ ଦେଇଥିବା ବେଳେ ଜିଲ୍ଲା ସୂଚନା ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ଉପ ଆରକ୍ଷୀ ଅଧୀକ୍ଷକ ତିଲୋତ୍ତମା ରାଉତ, ଶିଶୁ ମଙ୍ଗଳ କମିଟି ସଦସ୍ୟ ଉପେନ୍ଦ୍ର ବିଶ୍ୱାଳ, କିଶୋର ନ୍ୟାୟ ବୋର୍ଡ଼ ସଦସ୍ୟ ମହାବୀର ରୁଦ୍ର ନାରାୟଣ ସାହୁ, ସୁରକ୍ଷା ଅଧିକାରୀ ଶୁଭ ନାରାୟଣ ଶତପଥୀ, ଆଇନ ପରିବୀକ୍ଷ ଅଧିକାରୀ ସନ୍ତୋଷ କୁମାର ସାହୁ, ସାମାଜିକ କର୍ମୀ ବିଜୟ କୁମାର ପରିଡ଼ା, ଚାଇଲଡ ହେଲ୍ପ ଲାଇନ କର୍ମକର୍ତ୍ତା ସୂର୍ଯ୍ୟକାନ୍ତ ପଣ୍ଡା, ଭବାନୀ ଶଙ୍କର ପଲେଇ ପ୍ରମୁଖ ଉପସ୍ଥିତ ଥିଲେ। ଅତିରିକ୍ତ ଜିଲ୍ଲାପାଳ ଆଚାର୍ଯ୍ୟ ହରିହର ଶିଶୁ ଭବନ ପରିସରକୁ ପରିଦର୍ଶନ ରେ ଯାଇ ଏକତା ଦିବସ ଶପଥ ଗ୍ରହଣରେ ଅଂଶ ଗ୍ରହଣ କରିଥିଲେ ଓ ଶିଶୁମାନଙ୍କ ସହ ବାର୍ତ୍ତାଳାପ କରିଥିଲେ। ଏହା ପରେ ଶିଶୁ ସୁରକ୍ଷା ସମ୍ବନ୍ଧୀୟ ସୂଚନା ଶିକ୍ଷା ସମ୍ପ୍ରସାରଣ ଶିବିର ଉଦଘାଟନ କରିବା ସହିତ ଆଶ୍ରମ ଅନ୍ତେବାସୀଙ୍କ ସହିତ ରାଧା ପାଦ ଦର୍ଶନ କରିଥିଲେ। ଜନସମାଗମକୁ ଦୃଷ୍ଟିରେ ରଖି ଚାଇଲଡ ହେଲ୍ପଲାଇନ ଓ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ କର୍ମକର୍ତ୍ତା ମାନେ ଶିଶୁ ଅଧିକାର, ଶିଶୁ ସୁରକ୍ଷା, ଚାଇଲ୍ଡ ହେଲ୍ପଲାଇନ ନିଶୁଳ୍କ ଫୋନ ନମ୍ବର ୧୦୯୮ ସମ୍ବନ୍ଧୀୟ ସୂଚନା ପତ୍ର ଲିଫଲେଟ ବଣ୍ଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଆଚାର୍ଯ୍ୟ ହରିହର ଶିଶୁ ଭବନର ଅଧିକ୍ଷକ ସୁବୋଧ କୁମାର ସ୍ୱାଇଁ ଓ କର୍ମକର୍ତ୍ତାମାନେ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଶିଶୁ ମାନେ ଉପଭୋଗ କରିବା ସହିତ ଖୁସିବ୍ୟକ୍ତ କରିଥିଲେ।

# ରାଜ୍ୟ ବିଦ୍ୟାଳୟ ସମୂହ ସତରଞ୍ଜ ପ୍ରତିଯୋଗିତା



**ଖୋର୍ଦ୍ଧା::୧।୧୧ ଏକ୍ସପ୍ରେସ୍ ନ୍ୟୁଜ୍**

୬୯ତମ ରାଜ୍ୟ ବିଦ୍ୟାଳୟ ସମୂହ ସତରଞ୍ଜ ପ୍ରତିଯୋଗିତା ବିଜେବି ଉଚ୍ଚ ବିଦ୍ୟାଳୟ, ଖୋର୍ଦ୍ଧା ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ଅତିଥିମାନେ ଜଗନ୍ନାଥଙ୍କୁ ପ୍ରଦୀପ ପ୍ରଜ୍ୱଳନ ଓ ପୁଷ୍ପମାଲ୍ୟ ଅର୍ପଣ କରି ଉଦଘାଟନ କରିଥିଲେ। ଏହି ଉଦଘାଟନୀ ଉତ୍ସବରେ ସମ୍ମାନିତ ଅତିଥି ଭାବେ ଜ୍ୟୋତି ପ୍ରସାଦ ପରିଡା ସହକାରୀ ନିର୍ଦ୍ଦେଶକ (ଶାରୀରିକ ଶିକ୍ଷା), ମାଧ୍ୟମିକ ଶିକ୍ଷା, ଓଡ଼ିଶା ବିବରଣୀ ପଠନ କରି କହିଲେ ଚଳିତଥର ସତରଞ୍ଜରେ ୨୫୩ଜଣ କ୍ରୀଡ଼ାବିତ୍, ପ୍ରତି ଜିଲ୍ଲାରୁ ମ୍ୟାନେଜର ଓ କୋଚ୍, ରାଜ୍ୟ ଅଫିସିଆଲ୍ ଓ ଖୋର୍ଦ୍ଧା ଜିଲ୍ଲାର ସମସ୍ତ ଶାରୀରିକ ଶିକ୍ଷା ଶିକ୍ଷକ ଅଂଶଗ୍ରହଣ କରିଥିଲେ। ଭାଗନେଇଥିବା ପିଲାମାନେ ଏହିଠାରୁ ଯେଉଁମାନେ ବିବେଚିତ ହେବେ ଆଗାମୀ ଦିନରେ ୫ ଜଣ ବାଳକ ଓ ୫ ଜଣ ବାଳିକା ତ୍ରିପୁରା, ଅଗରତାଲାଠାରେ ଓଡ଼ିଶାର ବିଜୟ ଧୋଜା ଉଡେଇବେ ବୋଲି ଆହ୍ୱାନ ଦେଇଥିଲେ। ପରେ ପରେ ଜିଲ୍ଲା ଶିକ୍ଷା ଅଧିକାରୀ ତଥା ସଭାପତି ସୋନାମିକା ରାୟ ପିଲାମାନଙ୍କର ପ୍ରତିଯୋଗିତା ଦେଖି ଅଭିଭୁତ ଓ ଖୁସି ହୋଇ ପିଲାମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରଜ୍ଞା ପରମିତା ଜେନା ପିଲାମାନଙ୍କୁ କହିଥିଲେ ଯେ ଏନ୍‌ଇପି-୨୦୨୦ କରିକୁଲମରେ କ୍ରୀଡ଼ାକୁ ପ୍ରାଧାନ୍ୟ ଦିଆଯାଉଛି ଯେଉଁଥିରେ ପିଲାମାନେ କିପରି ଜୀବନ କୌଶଳ, କ୍ରୀଡ଼ା ସଂସ୍କୃତିର ଉନ୍ନତି ଓ ଜୀବନ ଥିବା ଯାଏ ସୁସ୍ଥତା – ଶାରୀରିକ ଓ ମାନସିକ ଭାବେ ସନ୍ତୁଳିତ କରି ଜିଇ ପାରିବା ବୋଲି କହିଥିଲେ। ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ରଶ୍ମିବାଳା ପରିଡା ଓ ବିଜୟ ବେହେରା, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଦିଲ୍ଲିପ କୁମାର ମୁଦି, ନୟାଗଡ଼ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଅନିଲ୍ ଦାସ, ଖୋର୍ଦ୍ଧା ଗୋଷ୍ଠୀ ଶିକ୍ଷା ଅଧିକାରୀ ଯାଜ୍ଞସେନି ସାହୁ, ବାଲିପାଟଣା ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରଭାତ କୁମାର ରଥ, ବେଗୁନିଆ ଗୋଷ୍ଠୀ ଶିକ୍ଷା ଅଧିକାରୀ ଭାସ୍କର ଲେଙ୍କା ପ୍ରଭୃତି ପିଲାମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଖୋର୍ଦ୍ଧା ମାଟିର ପାଇକ ନୃତ୍ୟ ସବୁଠାରୁ ଆକର୍ଷଣୀୟ ଥିଲା। ଶେଷରେ ବିଜେବି ଉଚ୍ଚ ବିଦ୍ୟାଳୟ, ଖୋର୍ଦ୍ଧା ପ୍ରଧାନ ଶିକ୍ଷୟିତ୍ରୀ ସବିତା ଦାସ ଧନ୍ୟବାଦ ଅର୍ପଣ କରିଥିଲେ ଓ ମଞ୍ଚ ପରିଚାଳନା କରିଥିଲେ ରେବତୀ ପଣ୍ଡା ଓ ନିରଞ୍ଜନ ଶତପଥୀ।

# ବିଦ୍ୟାଧରପୁର କାଳୀ ଭସାଣୀ

**କଟକ::୧।୧୧ ଏକ୍ସପ୍ରେସ୍ ନ୍ୟୁଜ୍**

ବିଦ୍ୟାଧରପୁରର ପ୍ରସିଦ୍ଧ କାଳୀ ଭସାଣୀ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଛି। ଏହି ଉତ୍ସବରେ ୨୫/ ୩୦ ହଜାରରୁ ଉର୍ଦ୍ଧ୍ୱ ଲୋକଙ୍କ ସମାଗମ ହୋଇଛି। ଶୁକ୍ରବାର ଅପରାହ୍ନରୁ ବିଭିନ୍ନ ପ୍ରତିମାଗୁଡିକ ନିଜ ନିଜ ମଣ୍ଡପରୁ ବାହାରି ଗ୍ରାମ ପରିକ୍ରମା କରିଛନ୍ତି। ପ୍ରତିମା ଗୁଡ଼ିକର ବିସର୍ଜନ ପାଇଁ ତାଳଦଣ୍ଡା କେନାଲରେ କୃତ୍ରିମ ଜଳାଶୟ ନିର୍ମାଣ କରାଯାଇଛି। ଚଳିତ ବର୍ଷ ବିଦ୍ୟାଧରପୁରରେ ଶ୍ୟାମାକାଳୀ ସମେତ ୩୧ ମଣ୍ଡପରେ ବିଭିନ୍ନ ପ୍ରତିମାଗୁଡ଼ିକ ପୂଜା ପାଇଥିଲେ। ବିଭିନ୍ନ ମଣ୍ଡପର ପ୍ରତିମାଗୁଡିକ ସାହି ପରିକ୍ରମା କରିବା ପରେ ମେଳଣ ପଡ଼ିଆଠାରେ ଏକତ୍ରିତ୍ ହୋଇଥିଲେ। ଶୋଭାଯାତ୍ରାରେ ଡିଜେ ଓ ମଦ୍ୟପାନକୁ ସମ୍ପୂର୍ଣ୍ଣ ନିଷେଧ କରାଯାଇଥିଲା। ଶନିବାର ଦିନ ୪ଟା ସୁଦ୍ଧା ସମସ୍ତ ପ୍ରତିମାଙ୍କ ବିସର୍ଜନ ଶେଷ ହେବ ବୋଲି ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି। ଏହି ଉତ୍ସବ ଉପଲକ୍ଷେ ସ୍ଥାନୀୟ ଦୋଳ ମଣ୍ଡପ ଠାରେ ବିଦ୍ୟାଧରପୁର ପୂଜା କମିଟି ପକ୍ଷରୁ ସମସ୍ତ ପୂଜା ମଣ୍ଡପର କର୍ମକର୍ତ୍ତାମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ସମ୍ବର୍ଦ୍ଧନା ଉତ୍ସବରେ କଟକ ମହାନଗର ପୂଜା କମିଟି ସମ୍ପାଦକ ପୂର୍ବତନ ବିଧାୟକ ପ୍ରଭାତ ତ୍ରିପାଠୀ, ମହାନଗର ଶାନ୍ତି କମିଟିର ସଭାପତି ଦେବେନ୍ଦ୍ର ସାହୁ, ସମ୍ପାଦକ ଭିକାରୀ ଦାସ, କର୍ପୋରେଟର ବିଶ୍ୱବନ୍ଦିତା ପଣ୍ଡା, ତାପସ ସମନ୍ତରାଏ ପୂର୍ବାଞ୍ଚଳ ପୂଜା କମିଟି ସଭାପତି ବିଜୟ କୁମାର ସାହୁ, ନିରଞ୍ଜନ ସାହୁ, ପ୍ରଫୁଲ୍ଲ କୁମାର୍ ସାହୁ, ବିଜେପିର ବରିଷ୍ଠ ନେତା ନୟନ କିଶୋର ମହାନ୍ତି, ଉମେଶ ସାହୁ ପ୍ରମୁଖ ସମ୍ବର୍ଦ୍ଧିତ କରିଥିଲେ। ପ୍ରାରମ୍ଭରେ ପୂଜା କମିଟିର ସଭାପତି ପ୍ରଶାନ୍ତ କୁମାର ମହାରଣା, ସମ୍ପାଦକ ସୁନିଲ କୁମାର ପଣ୍ଡା ମଞ୍ଚାସିନ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। କମିଟିର ସଭ୍ୟ ତାପସ ଲେଙ୍କା, ନିଶାକର ସାହୁ, ଅଜୟ କୁମାର ମହାରଣା, ପ୍ରଦୀପ୍ତ ରଞ୍ଜନ ଦାସ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ଓଡ଼ିଶା ଏକ୍ସପ୍ରେସ୍



## ଭାରୋତ୍ତୋଳନରେ ସୁନୈନାଙ୍କୁ ରୌପ୍ୟ



ବଲାଙ୍ଗିର:ଏକ୍ସପ୍ରେସ୍ ନ୍ୟୁଜ୍

ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ ହୋଇଯାଇଥିବା ୭୨ତମ ଓଡିଶା ରାଜ୍ୟ ଭାରୋତ୍ତୋଳନ ପ୍ରତିଯୋଗିତାରେ ବଲାଙ୍ଗିର ଝିଅ ସୁନୈନା ବେହେରାଙ୍କୁ ରୌପ୍ୟ ପଦକ ମିଳିଛି। ଗତ ୨୮ ରୁ ଆରମ୍ଭ ହୋଇଥିବା ଏହି ପ୍ରତିଯୋଗିତାରେ ସୁନୈନା ବେହେରା ବଲାଙ୍ଗିର ଜିଲ୍ଲା ତରଫରୁ ପ୍ରତିନିଧିତ୍ୱ କରିଥିଲେ। ସେ ୮୮ କେଜି ବର୍ଗରେ ସୁନ୍ଦର ପ୍ରଦର୍ଶନ କରି ସ୍ନାଚ ଓ କ୍ଲିନ୍ ଜର୍କ ରେ ୧୦୯ କେଜି ଭାରୋତ୍ତୋଳନ କରି ରୌପ୍ୟ ପଦକ ବିଜୟି ହୋଇଛନ୍ତି। ବଲାଙ୍ଗିର ଜିଲ୍ଲା ତରଫରୁ ଏହି ପ୍ରତିଯୋଗିତାରେ କେବଳ ୪ଜଣ ଝିଅ ଭାଗ ନେଇଥିଲେ। ଦଳ ସହିତ ଭାରୋତ୍ତୋଳନ କୋଚ ତଥା ଜିଲ୍ଲା ସଂପାଦକ ବିନୟ ପାଣ୍ଡେ ଏବଂ ଜିଲ୍ଲା ସଭାପତି ତଥା ଭାରୋତ୍ତୋଳନ ରାଜ୍ୟ ସଂଘ ମାନ୍ୟତା ପ୍ରାପ୍ତ ରେଫରି ସୁଦାମ ବେହେରା ଏହି ବଲାଙ୍ଗିର ଜିଲ୍ଲା ଦଳ ସହ ସାମିଲ ଥିଲେ। ଏଥର ସୁନୈନାଙ୍କୁ ଯୋଗ ଯେ ବଲାଙ୍ଗିର ଝିଅ ସୁନୈନା ବର୍ତ୍ତମାନ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମ ସ୍ଥିତ ଭାରୋତ୍ତୋଳନର ଉଚ୍ଚସ୍ତ ତାଲିମ କେନ୍ଦ୍ରରେ ଅଭ୍ୟାସରତ ଅଛନ୍ତି। ତାଙ୍କର ଏହି ସଫଳତା ବଲାଙ୍ଗିର ଭାରୋତ୍ତୋଳନ କ୍ରୀଡ଼ାରେ ନିଶ୍ଚିତ ଭାବରେ ଝିଅମାନଙ୍କର ଭାଗିଦାରିକୁ ନେଇ ଆଗାମୀ ଦିନରେ ସକରାତ୍ମକ ପ୍ରଭାବ ପଡ଼ିବ ବୋଲି ବଲାଙ୍ଗିରର କ୍ରୀଡ଼ାପ୍ରେମୀ ଓ ପ୍ରାକ୍ତନ ଖେଳାଳିମାନେ ଆଶାବ୍ୟକ୍ତ କରିବା ସହ ସୁନୈନାଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ବାରହା ଆକ୍ରମଣରେ ଚାଷୀ ଗୁରୁତର

ନିଆଳି:ଏକ୍ସପ୍ରେସ୍ ନ୍ୟୁଜ୍

ଗୋବିନ୍ଦପୁର ଥାନା ଅଧିନସ୍ଥ ଉରାଳ ପଞ୍ଚାୟତ ଭୋଗେଶ୍ୱର ଗ୍ରାମର ଦାଶରଥି ପ୍ରଧାନ (ବିଜ୍ଞାନ-୫୫) ବିଲରେ ଶନିବାର ଦିନ ୨ଟା ବେଳେ ଝୁଡ଼ଙ୍ଗ କିଆରି ଭାଡ଼ିରେ ସୁତା ବନ୍ଧୁଥିବା ବେଳେ ହଠାତ ପଛପଟୁ ସାତରୁ ଊର୍ଦ୍ଧ୍ୱ ବାରାହା ଆକ୍ରମଣ କରିଥିଲେ। ସେମାନେ ଦାଶରଥୀଙ୍କ ଜଙ୍ଘକୁ କାମୁଡ଼ିଦେଇଥିବା ବେଳେ ପାଖରେ ଅନ୍ୟ ବିଲରେ କାମକରୁଥିବା ଚାଷୀମାନେ ପାଟିକରି ଦୌଡ଼ି ଆସିବାରୁ ବାରାହାଗୁଡ଼ିକ ପାଖରେ ଥିବା ଧାନ ବିଲକୁ ଦୌଡ଼ି ପଳାଇଲେ। ଦାଶରଥୀଙ୍କୁ ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକମାନେ ଉଦ୍ଧାର କରି ଅଡ଼ସପୁର ସ୍ୱାସ୍ଥ୍ୟ କେନ୍ଦ୍ରକୁ ଚିକିତ୍ସା କରିବାକୁ ନେଇଯାଇଥିଲେ। ସୂଚନା ଥାଉକି ଉରାଳ, ଭୋଗେଶ୍ୱର, କନ୍ଦର, ବାଡ଼ଜା, ଅଞ୍ଚଳରେ ବହୁମାତ୍ରାରେ ବାରହା ବୁଲୁଥିବା ଦେଖିବାକୁ ମିଳିଛନ୍ତି। ଜଙ୍ଗଲ ବିଭାଗ ଏଥିପ୍ରତି ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ୭୬ତମ କଳାହାଣ୍ଡି ଜିଲ୍ଲା ଗଠନ ଦିବସ



ଗୋଲାମୁଣ୍ଡା:ଏକ୍ସପ୍ରେସ୍ ନ୍ୟୁଜ୍

ଗୋଲାମୁଣ୍ଡା ବ୍ଲକ ସଭାଗୃହରେ ୭୬ତମ କଳାହାଣ୍ଡି ଜିଲ୍ଲା ଗଠନ ଦିବସ ପାଳିତ ହୋଇଯାଇଛି। ଉକ୍ତ ସମାରୋହରେ ମୁଖ୍ୟ ଅତିଥି ଭାବରେ ବିଡ଼ିଓ ତ୍ରିପ୍ରା ମହାନନ୍ଦ, ବିଶିଷ୍ଟ ଅତିଥି ଭାବରେ ଗୋଲାମୁଣ୍ଡା ତହସିଲଦାର ଚନ୍ଦନ କୁମାର ନାୟକ, ଅଧ୍ୟାପକ ପ୍ରଦୀପ ମିଶ୍ର, ସମାଜସେବୀ ଶ୍ୟାମ ସୁନ୍ଦର ଅଗ୍ରୱାଲ, ସମାଜସେବୀ ଚୁନିଲାଲ ଅଗ୍ରୱାଲ, ଗୋଲାମୁଣ୍ଡା ଗ୍ରାମର ଗଉନ୍ତିଆ ସୁରେଶ ଚନ୍ଦ୍ର ରାଉତ, ସହିତ ବିଜେନ୍ଦ୍ର ରାଉତଙ୍କ ଭଉଣୀ ଶ୍ରୀମତୀ ମାଣିକ୍ୟ ରାଉତ ଯୋଗଦେଇଥିବା ବେଳେ ବିଶ୍ୱରଂଜନ ପଣ୍ଡା ମଞ୍ଚ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମ ଆରମ୍ଭ ପୂର୍ବରୁ କଳାହାଣ୍ଡି ଇଷ୍ଟଦେବୀ ମାଁ ମାଣିକେଶ୍ୱରୀଙ୍କ ଫଟୋ ମୂର୍ତ୍ତିକୁ ପୂଜାକରି ଶେଷରେ କଳାହାଣ୍ଡି ଗଠନ ଦିବସ ଉପରେ ମୁଖ୍ୟଅତିଥି ଓ ସମ୍ମାନିତ ଅତିଥିମାନେ କଳାହାଣ୍ଡିର ଗଠନ କିପରି ହେଲା କଳାହାଣ୍ଡି ବୋଲି ନାମ କରଣ ଦିଆଗଲା ଏ ନେଇ ଏକ ସଂକ୍ଷିପ୍ତ ସମ୍ବାଦ ଭାଷଣ ରଖିଥିଲେ। କଳାହାଣ୍ଡି ଗଠନ ଉପରେ କଳାହାଣ୍ଡି ମହାରାଜ ପ୍ରତାପ କେଶରୀ ଦେଓଙ୍କ ମୁଖ୍ୟ ଭୂମିକା ଥିଲା। ସେ କଟକ ଐତିହାସିକ ଲାଳବାଗ କୋଠିରେ ଏକ ମିଶନ ବୈଠକରେ ଯୋଗ ଦେଇ କଳାହାଣ୍ଡି ଜିଲ୍ଲା ମାନ୍ୟତା ପାଇଁ ସ୍ୱାକ୍ଷର କରିଥିଲେ। ଏହାର ଠିକ ଦଶମାସ ପରେ ୧୯୪୯ ମସିହା ନଭେମ୍ବର ପହିଲାରେ ଏକ ସ୍ୱତନ୍ତ୍ର ଜିଲ୍ଲାର ପରିଚୟ ଲାଭ କରିଥିଲା। କଳାହାଣ୍ଡିର ଅନେକ କଳା ସଂସ୍କୃତି ଉପରେ ଥିବାରୁ ଏହି ଜିଲ୍ଲାକୁ କଳାହାଣ୍ଡି ବୋଲି ନାମ କରଣ କରାଯାଇଥିଲା। ସେହିପରି ପରବର୍ତ୍ତୀ ସମୟରେ ୧୯୯୩ ମସିହାରେ ନୂଆପଡା ଜିଲ୍ଲା ପୃଥକ ହୋଇ [illegible] ମିଶିଥିବା ବେଳେ ୧୯୯୩ ମସିହାରେ ଓଡ଼ିଶାରେ ଶାସିତ ସରକାରଙ୍କ ଅନୁମୋଦନକ୍ରମେ ନୂଆପଡା ଜିଲ୍ଲା ପୃଥକଗଠନ ମାନ୍ୟତା ପାଇଥିଲା। ବର୍ତ୍ତମାନ ଧର୍ମଗଡ଼ ଓ ଭବାନୀପାଟଣା ସବଡ଼ିଭିଜନକୁ କଳାହାଣ୍ଡି ଜିଲ୍ଲା ବଳବନ୍ତର ରହିଛି। ଉକ୍ତ କାର୍ଯ୍ୟକ୍ରମରେ ଗୋଲାମୁଣ୍ଡା ବ୍ଲକ ସମସ୍ତ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ ସହ ସମସ୍ତ ସାମ୍ବାଦିକ ପ୍ରମୁଖ ଉପସ୍ଥିତ ଥିଲେ।

## ଜନ୍ମ ଦିବସରେ ସମାଜସେବାର ବାର୍ତ୍ତା ଦେଲେ ସାମ୍ବାଦିକ



ଫୁଲନଖରା:ଏକ୍ସପ୍ରେସ୍ ନ୍ୟୁଜ୍

କଟକ ସଦର ଥାନା ଅନ୍ତର୍ଗତ ଅଭୟିଆପଡା ଗ୍ରାମରେ କଟକ ଜିଲ୍ଲା କାର୍ଯ୍ୟରତ ସାମ୍ବାଦିକ ସଂଘ ତଥା କଟକ ସଦର ପ୍ରେସ କ୍ଲବ କାର୍ଯ୍ୟକାରୀ ସଭାପତି ବରିଷ୍ଠ ସାମ୍ବାଦିକ ଲଳିତ କୁମାର ଦାଶଙ୍କ ୬୬ ତମ ଜନ୍ମ ଦିବସ ନିଆରା ଢଙ୍ଗରେ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ସଦର ଥାନା ଅଧିକାରୀ [illegible], ମୁଖ୍ୟବକ୍ତା ଭାବେ ପ୍ରବକ୍ତା ସୁରେନ୍ଦ୍ର ନାଥ ଛୋଟରାୟ, ସମ୍ମାନିତ ଅତିଥି ଭାବରେ [illegible] ପ୍ରଶାସନିକ ଅଧିକାରୀ ସୁଜୟ କୁମାର ତ୍ରିପାଠୀ, ଆଧ୍ୟାତ୍ମିକ ପ୍ରବକ୍ତା [illegible] ପଣ୍ଡା, ରାମ ନଗର ଗ୍ରାମ କମିଟି ସଭାପତି ତଥା ଓଡ଼ିଶା ସାମାଜିକ ଓ ସାଂସ୍କୃତିକ ପରିଷଦର ପ୍ରତିଷ୍ଠାତା ସଭାପତି ପ୍ରକାଶ ବିଶ୍ୱାଳ, [illegible] ଅଶୋକ କୁମାର ରାଉ, ଅଭୟିଆପଡା ଗ୍ରାମ କମିଟି ସଭାପତି [illegible] ପ୍ରମୁଖ ଯୋଗ ଦେଇଥିଲେ। [illegible] ସାମ୍ବାଦିକ ଭାବରେ ବିଭିନ୍ନ ସମସ୍ୟା ଓ ସମାଜରେ ଅବହେଳିତ ଓ ନିଷ୍ପେଷିତ ଲୋକଙ୍କ ପାଇଁ ସ୍ୱର ଶାଣିତ କରିବାର ପ୍ରଚେଷ୍ଟା ଜାରି ରଖିଛନ୍ତି। ଶଶିଭୂଷଣ ଦାଶ, ନିରଞ୍ଜନ ମହାନ୍ତି, ସୌମ୍ୟ ରଞ୍ଜନ ମହାରଣା, ବିକାଶ ବେହେରା, ପ୍ରତି କୁମାର ବେଉରା, ଅଜିତ କୁମାର ଦାସ ଓ ଦୀପକ ରଞ୍ଜନ ନାଥ ପ୍ରମୁଖ ମଞ୍ଚ ସଞ୍ଚାଳନ କରିଥିଲେ।

## ଆଇଏଏସ୍‌ରେ ନୂତନ ଛାତ୍ରଛାତ୍ରୀଙ୍କ ନିମନ୍ତେ ଅନୁସ୍ଥାପନ କାର୍ଯ୍ୟକ୍ରମ

ଭୁବନେଶ୍ୱର:ଏକ୍ସପ୍ରେସ୍ ନ୍ୟୁଜ୍

ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏଗ୍ରିକଲ୍‌ଚରାଲ ସାଇନ୍‌ସେସ୍ (ଆଇଏଏସ)ର ୧୩ ତମ ବ୍ୟାଚ ବିଏସ୍‌ସି (ଏଗ୍ରିକଲ୍‌ଚର) ନୂତନ ଛାତ୍ରଛାତ୍ରୀଙ୍କ ନିମନ୍ତେ ଶୁକ୍ରବାର ଅନୁସ୍ଥାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ନୂତନ ଛାତ୍ରଛାତ୍ରୀମାନଙ୍କୁ ସ୍ୱାଗତ ଜଣାଇ ବିଶ୍ୱବିଦ୍ୟାଳୟର ଶୈକ୍ଷିକ ବାତାବରଣ, ମୂଲ୍ୟବୋଧ ଓ ଏହା ପ୍ରଦାନ କରୁଥିବା ସୁଯୋଗ ସହିତ ପରିଚିତ କରାଯାଇଥିଲା।

ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବିଶ୍ୱବିଦ୍ୟାଳୟରେ ଉପଲବ୍ଧ ବିଭିନ୍ନ ବ୍ୟବସ୍ଥା ଓ ସମ୍ବଳର ସୁଯୋଗ ନେବା ନିମନ୍ତେ ଛାତ୍ରଛାତ୍ରୀମାନଙ୍କୁ ଅନୁଯୋଗ କରିଥିଲେ। ସେମାନଙ୍କୁ ସେ ଶୃଙ୍ଖଳିତ ହେବା ସହ ଅଧ୍ୟବସାୟର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ।




କାର୍ଯ୍ୟକ୍ରମରେ ବିଶିଷ୍ଟ ଅତିଥି ଭାବେ ଯୋଗ ଦେଇ ଆଇସିଏଆର-ସିଆରଆରଆଇର ନିର୍ଦ୍ଦେଶକ ଡ. ଜି.ଏ.କେ. କୁମାର ବର୍ତ୍ତମାନ ପରିସ୍ଥିତିରେ ପୋଷଣୀୟ ଓ ଜଳବାୟୁକୁ ଦୃଷ୍ଟିରେ ରଖି କୃଷି କାର୍ଯ୍ୟ ବିଷୟରେ ମତ ରଖିଥିଲେ। ଆଇଏଏସର ଡିନ୍ ପ୍ରଫେସର ସନ୍ତୋଷ କୁମାର ରାଉତ ଶିକ୍ଷାନୁଷ୍ଠାନ ବିଷୟରେ ଛାତ୍ରଛାତ୍ରୀମାନଙ୍କୁ ଅବଗତ କରିଥିଲେ। ପ୍ରଫେସର ବିବୁଧ ପରାଶର ଧନ୍ୟବାଦ ଅର୍ପଣ କରିଥିଲେ।

ଡକ୍ଟର ପ୍ରଭାତ କୁମାର ଷଡ଼ଙ୍ଗୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରଫେସର ଏସ.କେ. ପଣ୍ଡା, ପ୍ରଫେସର ଏସ୍.ଏସ୍ ମହାପାତ୍ର, ଡକ୍ଟର ଏସ୍.କେ. ମହାନ୍ତି, ଡକ୍ଟର ଦିପ୍ତାନୁ ଦତ, ଡକ୍ଟର ବି.ଏନ୍ ଅଧିକାରୀ, ପ୍ରଫେସର ବି.ଡି ପ୍ରଧାନ, ଡକ୍ଟର ଆର.ଆର ଶତପଥୀ, ଶ୍ରୀ ଜନ୍ ଜୀତ, ଡକ୍ଟର ଏସ୍.ସି ସେନାପତି ଏବଂ ଡକ୍ଟର ଟି.କେ. ମିଶ୍ର ବିଭିନ୍ନ ଅଧିବେଶନରେ ବକ୍ତବ୍ୟ ରଖିଥିଲେ।

## ବିଜେଡିର ଜନ ସମ୍ପର୍କ ପଦଯାତ୍ରା




ଯୋଡା:ଏକ୍ସପ୍ରେସ୍ ନ୍ୟୁଜ୍

ପୂର୍ବତନ ମୁଖ୍ୟମନ୍ତ୍ରୀ, ବିରୋଧୀଦଳ ନେତା ତଥା ବିଜେଡି ଦଳର ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଆହ୍ୱାନ କ୍ରମେ ସାରା ରାଜ୍ୟରେ ଜନ ସମ୍ପର୍କ ପଦଯାତ୍ରା ଜାରି ରହିଛି। ଏହି ପରିପ୍ରେକ୍ଷୀରେ ଆଜି ସକାଳ ୧୧ ଘଟିକା ସମୟରେ ଚମ୍ପୁଆ ବିଧାୟକ ସନାତନ ମହାକୁଡଙ୍କ ନିର୍ଦ୍ଦେଶରେ ଯୋଡା ପୌରପାଳିକାରେ କେନ୍ଦୁଝର ଜିଲ୍ଲା ବିଜେଡି ସଭାପତି ଆଶିଷ ଚକ୍ରବର୍ତ୍ତୀ ଓ ଯୋଡା ନଗର ସଭାପତି ଚତୁର୍ଭୁଜ ପାଲେଇଙ୍କ ନେତୃତ୍ୱରେ ଏକ ଜନ ସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇ ଯାଇଛି। ପୌରପାଳିକାର ୧୪ ଗୋଟି ୱାର୍ଡରୁ ହଜାର ହଜାର ସଂଖ୍ୟାରେ କର୍ମୀ ଓ ମହିଳା, ପୁରୁଷ ଭୋଟର ସ୍ୱତପବୃତ୍ତ ଭାବେ ଯୋଗଦେଇ ସରକାରରେ ଥିବା ବିଜେପି ଦଳର ମିଥ୍ୟା ପ୍ରତିଶ୍ରୁତି ସମ୍ପର୍କରେ ବିଭିନ୍ନ ନାରା ଦେଇଥିବା ଦେଖିବାକୁ ମିଳିଛି। ବିଶେଷ କରି ନିର୍ବାଚନ ସମୟରେ ବିଜେପି ନିର୍ବାଚନୀ ଇସ୍ତାହାରରେ ୩ଶହ ୟୁନିଟ ବିଜୁଳି, ମହିଳାମାନଙ୍କୁ ୩ହଜାର ଟଙ୍କା ଭତ୍ତା, ବଜାରଦର, ଏଲପିଜି ଗ୍ୟାସ, ପେଟ୍ରୋଲ, ଡିଜେଲ ଦର ଇତ୍ୟାଦି ନିୟନ୍ତ୍ରଣ କରିବା ସହିତ ଚିଟଫଣ୍ଡ ଟଙ୍କା ସରକାରକୁ ଆସିବାର ୪୮ଘଣ୍ଟା ଭିତରେ ଫେରାଇବାକୁ ପ୍ରତିଶୃତି ଦେଇଥିଲା। କିନ୍ତୁ ଦୁଃଖ ଓ ପରିତାପର ବିଷୟ ଓଡ଼ିଶାରେ ବିଜେପି ୧୬ ମାସ ହେବ ଶାସନ କରି ଆସୁଛି ହେଲେ ଦେଇଥିବା ପ୍ରତିଶ୍ରୁତି ପାଳନ କରି ନାହିଁ। ଓଡିଶାବାସୀଙ୍କୁ ଏ ସରକାର ମିଥ୍ୟା ପ୍ରତିଶୃତି ଦେଇ ଭୁଆଁ ବୁଲାଉଛି। ଏହାର ଜବାବ ଆଗାମୀ ପଞ୍ଚାୟତ ନିର୍ବାଚନରେ ଦିଆଯିବ ଏଥିରେ କୌଣସି ସନ୍ଦେହ ନାହିଁ ବୋଲି ଜିଲ୍ଲା ସଭାପତି ଶ୍ରୀ ଚକ୍ରବର୍ତ୍ତୀ କହିଥିଲେ। ଏହି କାର୍ଯ୍ୟକ୍ରମରେ ଯୁବ ବିଜେଡି ସଂଗଠକ ସୁଶାନ୍ତ କୁମାର ବାରିକ, ରବି ନାରାୟଣ ଦାସ, ହୃଷୀକେଶ ଜେନା(କାବୁ), ଯୋଡା ପୌରପାଳିକାର ଅଧ୍ୟକ୍ଷ ଦାଃ ଜଗଦୀଶ ପ୍ରସାଦ ସାହୁ, ଉପାଧ୍ୟକ୍ଷା ସନ୍ଧ୍ୟା ପାତ୍ର, ବରିଷ୍ଠ ନାଗରିକ ନୀଳମଣି ମହାନ୍ତି ଓ ଅନ୍ୟାନ୍ୟ ବରିଷ୍ଠ ବିଜେଡି କର୍ମୀ ଯୋଗଦେଇଥିବା ଦେଖିବାକୁ ମିଳିଛି। ଉକ୍ତ ଜନ ସମ୍ପର୍କ ପଦଯାତ୍ରା ଯୋଡା ସ୍ଥିତ ମା ଲକ୍ଷ୍ମୀ ମନ୍ଦିର ଠାରୁ ବାହାରି ଧରଣୀଧର ଛକରୁ ବୁଲି କଲ୍ୟାଣ ମଣ୍ଡପ ଠାରେ ପହଞ୍ଚି ଥିଲା। ପରେ ସେଠାରେ ଏକ କ୍ଷୁଦ୍ର ସଭାର ଆୟୋଜନ କରାଯାଇଥିଲା। ଜେପି ଦଳର ଜନମାରଣ ନୀତି ଆଉ ବେଶୀଦିନ ଚାଲିବ ନାହିଁ। ଏହା ବିରୁଦ୍ଧରେ ସାଧାରଣ ଜନତା ସ୍ୱର୍ ସାଣୀତ କରିବାକୁ ହେବ। ଆଗାମୀ ଦିନରେ ଏହାର ପ୍ରତିବାଦ କରିବା ସହିତ ସରକାରକୁ ଗାଦିଚ୍ୟୁତ କରିବା ପାଇଁ ସଂକଳ୍ପ ନେବାକୁ ହେବ ବୋଲି ଯୁବ ସଂଗଠକ ଶ୍ରୀ ବାରିକ କହିଥିଲେ। ସରକାର ଗଠନ ହେବାର ୧୬ମାସ ବିତି ଯାଇଛି ସତ ହେଲେ ଓଡ଼ିଶାର ପ୍ରଗତି ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଛି। ନବୀନ ବାବୁ ସରକାରରେ ଥିବା ସମୟରେ ଓଡ଼ିଶାର ପ୍ରଗତି ଓ ସାଧାରଣ ଜନତାଙ୍କ ଉନ୍ନତି ପଥରେ କାର୍ଯ୍ୟ କରି ଆସୁଥିଲେ କିନ୍ତୁ ଏଯାବତ୍ ଏ ସରକାର କୌଣସି ଜାଗାରେ ଇଟା ଖଣ୍ଡିଏ ପକାଇବାକୁ ସକ୍ଷମ ହେଇ ପାରିଲା ନାହିଁ। ତେଣୁ ଏହାର ପ୍ରତିବାଦ ନିତାନ୍ତ ଜରୁରୀ ବୋଲି ନଗର ସଭାପତି ଶ୍ରୀ ପଲେଇ କହିଥିଲେ।

## ଜିଲ୍ଲାସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା

ଯାଜପୁର:ଏକ୍ସପ୍ରେସ୍ ନ୍ୟୁଜ୍

ଜିଲ୍ଲା ପ୍ରଶାସନ ଓ ଦୁର୍ନୀତି ନିବାରଣ ବିଭାଗର ମିଳିତ ଆନୁକୂଲ୍ୟରେ ଆଜି ପୂର୍ବାହ୍ନରେ ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷ, ଯାଜପୁର ଠାରେ ଜିଲ୍ଲା ସ୍ତରୀୟ ଦୁର୍ନୀତି ବିହାରଣ ସଚେତନତା ସପ୍ତାହ ନିମନ୍ତେ ସାଧାରଣ ସଭା ଜିଲ୍ଲାପାଳ ଅମ୍ବର କୁମାର କରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଦିବସରେ ଅଧ୍ୟକ୍ଷତା କରି ଜିଲ୍ଲାପାଳ ଶ୍ରୀ କର କହିଲେ ଅକ୍ଟୋବର ୨୭ ତାରିଖରୁ ନଭେମ୍ବର ୨ ତାରିଖ ପର୍ଯ୍ୟନ୍ତ ସାରା ରାଜ୍ୟରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ କରାଯାଉଛି।

ଦୁର୍ନୀତି ଓ ଭ୍ରଷ୍ଟାଚାର ବିରୁଦ୍ଧରେ ଜନସାଧାରଣଙ୍କୁ ସଚେତନ କରାଇବା ସପ୍ତାହ ପାଳନର ଉଦ୍ଦେଶ୍ୟ। ଦୁର୍ନୀତି ବିକାଶ ପଥରେ ଏକ ବଡ଼ ପ୍ରତିବନ୍ଧକ। ଦୁର୍ନୀତି ଦେଖିଲେ ଆମେ ସ୍ୱର ଉତ୍ତୋଳନ କରିବା, ଲାଞ୍ଚ ନେବା ନାହିଁ କି ଦେବା ନାହିଁ। ରାଜ୍ୟ ଓ ଦେଶର ପ୍ରଗତି ପାଇଁ ଦୁର୍ନୀତି ହେଉଛି ମୁଖ୍ୟ ଆହ୍ୱାନ। ସରକାରଙ୍କ ଅନୁଦାନ ରାଶି ଠିକ ଭାବରେ ହିତାଧିକାରୀଙ୍କ ପାଖରେ ପହଂଚିବା ଆବଶ୍ୟକ। ଲାଞ୍ଚ ନେବା ଓ ଦେବା ଉଭୟ ଅପରାଧ ଓ ଦୁର୍ନୀତି ହ୍ରାସ କରିବାରେ ସରକାରୀ କର୍ମଚାରୀମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଜିଲ୍ଲାପାଳ ଉପସ୍ଥିତ ସମସ୍ତଙ୍କୁ ସାଧୁତା ଓ ସଚ୍ଚୋଟତାର ଶପଥ ପାଠ କରାଇଥିଲେ। ଉକ୍ତ ବୈଠକରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଅତିରିକ୍ତ ଜିଲ୍ଲାପାଳ, ରାଜସ୍ୱ ଶିବାନନ୍ଦ ସ୍ୱାଇଁ କହିଲେ ଏହି ସପ୍ତାହ ପାଳନର ମୂଳ ଉଦ୍ଦେଶ୍ୟ ହେଉଛି ଜନସାଧାରଣଙ୍କ ମନରେ ଦୁର୍ନୀତି ବିରୋଧୀ ଚେତନା ସୃଷ୍ଟି କରିବା ଓ ସତ୍ୟନିଷ୍ଠା, ପାରଦର୍ଶିତା ଓ ନୈତିକ ମୂଲ୍ୟବୋଧ ଜାଗ୍ରତ କରିବା। ଦୁର୍ନୀତି ସମାଜ ଓ ରାଷ୍ଟ୍ରର ଉନ୍ନତି ପଥରେ ବାଧା ସୃଷ୍ଟି କରେ। ଏହା ମାନବୀୟ ମୂଲ୍ୟବୋଧକୁ କ୍ଷୟ କରେ ଓ ସମାଜର ନୈତିକ ଭିତିକୁ ଦୁର୍ବଳ କରେ। ଶ୍ରୀ ସ୍ୱାଇଁ ସରକାରଙ୍କ ଜନ କଲ୍ୟାଣ ଯୋଜନା ଗୁଡ଼ିକର ସଫଳ ରୂପାୟନ ଉପରେ ଗୁରୁତ୍ୱାରୋପ କରିଥିଲେ। ଉକ୍ତ ବୈଠକରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଜିଲ୍ଲା ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଦେବୀ ପ୍ରସାଦ ମହାନ୍ତି କହିଲେ ଆମର ଦାୟିତ୍ୱ ଓ ଅଧିକାର କଣ ରହିଛି ତାହା ଜାଣିବାକୁ ପଡ଼ିବ। ଦେଶ, ମାଟି ଓ ସମାଜ ପ୍ରତି ଆମର କର୍ତ୍ତବ୍ୟରେ ଅବହେଳା କରିବା ନାହିଁ। ସରକାରୀ ଯୋଜନା ଓ ପ୍ରକଳ୍ପ ଠିକ୍ ହେଉଛି କି ନାହିଁ ତାହା ସୁନିଶ୍ଚିତ କରିବାକୁ ପଡ଼ିବ। ଉପଜିଲ୍ଲାପାଳ ତାପସରଞ୍ଜନ ଦେହୁରୀ ଯୋଗଦେଇ କହିଲେ, ଏ ବର୍ଷର ବିଷୟ ଦୁର୍ନୀତି ନିବାରଣ: ଆମ ସାମୁହିକ ଦାୟିତ୍ୱ ଏହା ସଚେତନତା ବାର୍ତ୍ତା ଦିଏ କି ଦୁର୍ନୀତି ରୋକିବା କେବଳ ସରକାର କିମ୍ବା ଭିଜିଲାନ୍ସ ବିଭାଗର କାମ ନୁହେଁ; ଏହା ଆମ ପ୍ରତ୍ୟେକଙ୍କ ନାଗରିକଙ୍କ ଦାୟିତ୍ୱ। ଉପସ୍ଥିତ ବରିଷ୍ଠ ନାଗରିକ ଓ ସମାଜସେବୀ ପ୍ରମୁଖ ଯୋଗଦେଇ ଦୁର୍ନୀତି ନିବାରଣ କିପରି ରୋକାଯାଇ ପାରିବ ଏବଂ ସମସ୍ତଙ୍କର ସହଯୋଗ ରହିଲେ ଜିଲ୍ଲାରୁ ଦୁର୍ନୀତି ରୂପକ ବ୍ୟାଧକୁ ଦୂର କରାଯାଇପାରିବ ବୋଲି ନିଜର ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଚଳିତ ବର୍ଷର ପ୍ରସଙ୍ଗ 'ଦୁର୍ନୀତି ନିବାରଣ: ଆମ ସାମୂହିକ ଦାୟିତ୍ୱ'କୁ ନେଇ ଓ ଉଚ୍ଚ ବିଦ୍ୟାଳୟ, ଉଚ୍ଚ ମାଧମିକ ବିଦ୍ୟାଳୟ ସ୍ତରୀୟ ଓଡ଼ିଆ ଓ ଇଂରାଜୀ ବକ୍ତୃତାର କୃତି ପ୍ରତିଯୋଗୀ ମାନଙ୍କୁ ଅତିଥିମାନେ ପୁରସ୍କାର ଓ ପ୍ରମାଣ ପତ୍ର ପ୍ରଦାନ କରିଥିଲେ। ପ୍ରାରମ୍ଭରେ ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରି ଦିବସଟିର ଶୁଭାରମ୍ଭ କରିଥିଲେ। ପ୍ରାରମ୍ଭରେ ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ ଅତିଥି ପରିଚୟ ପ୍ରଦାନ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଶେଷରେ ଦୁର୍ନୀତି ନିବାରଣ ବିଭାଗ ଯାଜପୁରର ଆରକ୍ଷୀ ଅଧିକ୍ଷକ ଶ୍ରୀ ସୁଶିଲ କୁମାର ଏକ୍କା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିବା ସହ ପୂର୍ବ ବର୍ଷ ଏବଂ ଚଳିତ ବର୍ଷରେ ଜିଲ୍ଲାରେ ଦୁର୍ନୀତି ବିଭାଗ ଦ୍ୱାରା କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ତଥ୍ୟ ପ୍ରଦାନ ସହିତ ଦୁର୍ନୀତି ନିବାରଣ ନିମନ୍ତେ ବିଭାଗ ପକ୍ଷରୁ ନିଆ ଯାଉଥିବା ପଦକ୍ଷେପ ସମ୍ବନ୍ଧରେ ପୁଙ୍ଖାନୁପୁଙ୍ଖ ଭାବେ ନିଜର ବକ୍ତବ୍ୟ ରଖିଥିଲେ।



## ଦୁର୍ନୀତି ନିବାରଣ ସଚେତନତା ସପ୍ତାହ

ପୁରୁଷୋତ୍ତମପୁର:ଏକ୍ସପ୍ରେସ୍ ନ୍ୟୁଜ୍

ଦୁର୍ନୀତି ନିବାରଣ ସପ୍ତାହ ଅକ୍ଟୋବର ୨୭ରୁ ନଭେମ୍ବର ୨ ତାରିଖ ପର୍ଯ୍ୟନ୍ତ ପାଳିତ ହେବ। ଏହି ଉପଲକ୍ଷେ ଶନିବାର ଅପରାହ୍ନରେ ପୁରୁଷୋତ୍ତମପୁର ବରିଷ୍ଠ ନାଗରିକ ସଂଘ ପକ୍ଷରୁ ହିନ୍ଦୀ ପ୍ରଚାର ସଭା ଗୃହରେ ସଂଘ ସଭାପତି ଅରୁଣ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳିତ ହୋଇଯାଇଛି। ସ୍ଥାନୀୟ ତହସିଲଦାର ବିନୋଦ କୁମାର ବେହେରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କହିଥିଲେ ଯେ ସମସ୍ତଙ୍କ ସହଯୋଗ ଓ ଏକ ମାନସିକସ୍ତରରେ ସଚେତନ ହେଲେ ଏକ ଦୁର୍ନୀତି ମୁକ୍ତ ରାଷ୍ଟ୍ର ଗଠନ ହୋଇପାରିବ। ମୁଖ୍ୟବକ୍ତା ଭାବେ ଦୁର୍ନୀତି ନିବାରଣ ବିଭାଗର ଡିଏସପି ସବିତାଞ୍ଜଳୀ ନାୟକ, ସମ୍ମାନିତ ଅତିଥି ଦୁର୍ନୀତି ନିବାରଣ କୋର୍ଟର ପିପି ସୁରେନ୍ଦ୍ର ନାଥ ପଣ୍ଡା, ବ୍ଲକ ଅଧ୍ୟକ୍ଷା ପିଙ୍କି ବେହେରା, ହିନ୍ଦୀ ପ୍ରଚାର ସଭାର କୁଳ ସଚିବ ପ୍ରଫୁଲ୍ଲ କୁମାର ରଥ ଯୋଗ ଦେଇ ଦୁର୍ନୀତି ନିବାରଣ: ଆମ ସାମୁହିକ ଦାଇତ୍ୱ ଉପରେ ଆଲୋପାତ କରିଥିଲେ। ଏହି ଅବସରରେ ଦୁର୍ନୀତିମୁକ୍ତ ଜୀବନ ପାଇଁ ଶପଥ ପାଠ କରାଇଥିଲେ। କାର୍ଯ୍ୟକ୍ରମରେ ସମସ୍ତ ବରିଷ୍ଠ ନାଗରିକ, ରାଜନେତା, ଯୁବକ, ଛାତ୍ର ଉପସ୍ଥିତ ଥିଲେ। ଶେଷରେ ସଂଘର କୋଷାଧ୍ୟକ୍ଷ ହରିହର ପଣ୍ଡା ଧନ୍ୟବାଦ ଦେଇଥିଲେ।

## ଜିଲ୍ଲାସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା

କଟକ:ଏକ୍ସପ୍ରେସ୍ ନ୍ୟୁଜ୍

ଜିଲ୍ଲାସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ଅବସରରେ ଆଜି କଟକ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ଏକ ସଭା ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ଶିବ ଟପୋ ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ଜିଲ୍ଲା ପରିଷଦ ସଭାପତି କିଶୋର ଚନ୍ଦ୍ର ମିଶ୍ର କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଜୀବନରେ ଦୁର୍ନୀତିକୁ ବିରୋଧ କରିବାକୁ ଶ୍ରୀ ମିଶ୍ର ଆହ୍ୱାନ ଦେଇଥିଲେ। ସିଏସଆଇଆର ଆଇଏମଏମଟିର ନିର୍ଦ୍ଦେଶକ ଡ ରାମାନୁଜ ନାରାୟଣ କାର୍ଯ୍ୟକ୍ରମରେ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ। ହରପ୍ରିୟା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ଭବାନୀ ଶଙ୍କର ଭୂୟାଁ ସଭା ପରିଚାଳନା କରିଥିଲେ। ସପ୍ତାହ ପାଳନ ଅବସରରେ ଆୟୋଜିତ ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ କାର୍ଯ୍ୟକ୍ରମରେ ପୁରସ୍କାର ବିତରଣ କରାଯାଇଥିଲା। ଏସପି ଭିଜିଲାନ୍ସ କେବି ଆଚାର୍ଯ୍ୟ, ଏସପି ଭିଜିଲାନ୍ସ ସେଲ ଡିଭିଜନ କଟକ ସୁଶାନ୍ତ ବିଶ୍ୱାଳ, ଏସପି ଭିଜିଲାନ୍ସ ଭୁବନେଶ୍ୱର ସରୋଜ ସାମଲ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

## ଚେସ୍‌ର ପ୍ରସାର ନେଇ କିଟ୍ ଓ ଫିଡେ ମଧ୍ୟରେ ବୁଝାମଣା

ଭୁବନେଶ୍ୱର:ଏକ୍ସପ୍ରେସ୍ ନ୍ୟୁଜ୍

ଭାରତରେ ଚେସ୍‌ର ପ୍ରସାର ନିମନ୍ତେ କିଟ୍, ଭାରତୀୟ ଚେସ୍ ସଂଘ (ଏଆଇସିଏଫ୍) ଓ ଅନ୍ତର୍ଜାତୀୟ ଚେସ୍ ସଂଘ (ଫିଡେ) ମଧ୍ୟରେ ଆଜି ଗୋଆଠାରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଯାଇଛି। ଭାରତରେ ବିଦ୍ୟାଳୟସ୍ତରରୁ ଚେସ୍‌ର ପ୍ରସାର ଲକ୍ଷ୍ୟରେ ଏହି ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି। ଏହା ଫଳରେ ଶିକ୍ଷା ସହ ଚେସ୍‌ର ମଧ୍ୟ ପ୍ରଚାର ପ୍ରସାର ହୋଇପାରିବ। ଫିଡେ ସଭାପତି ଆର୍କାଡ଼ି ଭର୍କୋଭିଚ୍, ଫିଡେ ମ୍ୟାନେଜମେଣ୍ଟ ବୋର୍ଡ ଉପାଧ୍ୟକ୍ଷ ଜିଏମ୍ ଦାନା ରେଜିନାଇସ୍, ଫିଡେ ଚୟନ କମିଟିର ସଦସ୍ୟ ତଥା ମୁଖ୍ୟ କୋଚ ଜିଏମ୍ ଅଭିଜିତ କୁନ୍ତେ, ଚେସ୍ ତାରକା ବିଶ୍ୱନାଥନ୍ ଆନନ୍ଦ, ଏଆଇସିଏଫ୍ ସଭାପତି ନିତିନ୍ ନାରଙ୍ଗ, ଫିଡେ ଇଭେଣ୍ଟ କମିଟିର ସଦସ୍ୟ ରଞ୍ଜନ ମହାନ୍ତି ଏବଂ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ଉପସ୍ଥିତିରେ ଏହି ବୁଝାମଣାପତ୍ର ସ୍ୱାକ୍ଷର ହୋଇଥିଲା।

ସୂଚନାଯୋଗ୍ୟ, ଚେସ୍ ମାଧ୍ୟମରେ ଶିକ୍ଷା, ପୁନର୍ବାସ, ଅନ୍ତର୍ଭୁକ୍ତିକରଣ ଏବଂ ଲୋକଙ୍କ ସଶକ୍ତିକରଣ ଉପରେ ଗୁରୁତ୍ୱ ଦେବା ନିମନ୍ତେ ଫିଡେ ପକ୍ଷରୁ ବିଭିନ୍ନ ସମୟରେ ପ୍ରୟାସ ଜାରି ରହିଛି। ଏଥିପାଇଁ ୨୦୨୫ରେ ଫିଡେର ବିଷୟବସ୍ତୁ ଥିଲା ଚେସ୍ ଫର୍ ସୋସିଆଲ୍ ସର୍ଭିସ। ୨୦୨୬କୁ ଇୟର ଅଫ୍ ଚେସ୍ ଇନ୍ ଏଜୁକେସନ୍ ଘୋଷଣା କରିଛି ଫିଡେ। ଶିକ୍ଷା ଓ ସମାଜସେବା କ୍ଷେତ୍ରରେ କିଟ୍ ଓ କିସ୍‌ର ବ୍ୟାପକ ଯୋଗଦାନ ଥିବାରୁ ଫିଡେ କିଟ୍ ସହ ବୁଝାମଣା କରିଛି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ୨୦୨୬ ଜାନୁଆରୀ ମାସରେ କିଟ୍‌ରେ ଆନ୍ତର୍ଜାତିକ ଚେସ୍ ଫେଷ୍ଟିଭାଲ ଅନୁଷ୍ଠିତ ହେବାକୁ ଯାଉଛି। ଏହାର ଅବ୍ୟବହିତ ପୂର୍ବରୁ ଏହି ବୁଝାମଣା ହୋଇଛି। ଏହି ଫେଷ୍ଟିଭାଲରେ ପ୍ରାୟ ୩୫ ଦେଶର ଚେସ୍ ସଂଘର ମୁଖ୍ୟ ତଥା ଫିଡେ ଓ ଏଆଇସିଏଫ୍‌ର ସଭାପତି ଓ ଚେସ୍ ତାରକାମାନେ ମଧ୍ୟ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ପ୍ରଥମ ଥର ପାଇଁ ଭାରତରେ ବିଶେଷ କରି ଓଡ଼ିଶାର କିଟ୍ ପରିସରରେ ଏଭଳି ଚେସ୍ ଫେଷ୍ଟିଭାଲ୍ ଅନୁଷ୍ଠିତ ହେବାକୁ ଯାଉଛି।

ଏହା ପୂର୍ବରୁ ଫୁଟ୍‌ବଲ୍‌ର ପ୍ରସାର ନିମନ୍ତେ କିଟ୍ ମଧ୍ୟ ଅନ୍ତର୍ଜାତୀୟ ଫୁଟ୍‌ବଲ୍ ସଂଘ (ଫିଫା) ସହ ବୁଝାମଣା କରି ଇତିହାସ ସୃଷ୍ଟି କରିଥିବା ବେଳେ ଭଲିବଲ୍‌ର ପ୍ରସାର ନିମନ୍ତେ କିଟ୍



ଅନ୍ତର୍ଜାତୀୟ ଭଲିବଲ୍ ସଂଘ (ଏଫ୍‌ଆଇଭିବି) ସହ ବୁଝାମଣା କରିଛି। ଚେସ୍‌ର ପ୍ରସାର ନିମନ୍ତେ ଏବେ ଫିଡେ ସହ ବୁଝାମଣା ହେଉଛି କିଟ୍‌ର ତୃତୀୟ ଅନ୍ତର୍ଜାତୀୟ କ୍ରୀଡ଼ା ସଂଘ ସହ ବୁଝାମଣା।

ଏହି ଅବସରରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଉପସ୍ଥିତ ରହି ସମସ୍ତ ଅଧିକାରୀଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏ ନେଇ ଶ୍ରୀ ସାମନ୍ତ କହିଛନ୍ତି, ବିଶ୍ୱରେ ସର୍ବାଧିକ ଲୋକପ୍ରିୟ ଖେଳ ଭାବେ ଖେଳାଯାଉଥିବା କ୍ରୀଡ଼ା ଫୁଟବଲ୍ ଓ ଭଲିବଲ୍ ସହ ପୂର୍ବରୁ କିଟ୍‌ର ବୁଝାମଣା ହୋଇଥିବା ବେଳେ ଏବେ ବିଶ୍ୱର ଅନ୍ୟତମ ସର୍ବାଧିକ କ୍ରୀଡ଼ା ଚେସ୍‌ର ଅନ୍ତର୍ଜାତୀୟ ସଂଘ ସହ କିଟ୍ ବୁଝାମଣା କରିଛି। ଏହାଦ୍ୱାରା କ୍ରୀଡ଼ା କ୍ଷେତ୍ରରେ ଦୀର୍ଘ ୩୦ବର୍ଷ ଧରି କିଟ୍‌ର ଯୋଗଦାନ ଓ ଅବଦାନକୁ ବିଶ୍ୱର ଏହି ସଂଘଗୁଡ଼ିକର ସ୍ୱୀକୃତି ପ୍ରଦାନ ସହ କିଟ୍ ଓ କିସ ଭଳି ଅନୁଷ୍ଠାନର କାର୍ଯ୍ୟକୁ ପ୍ରଶଂସା କରିଛନ୍ତି। ଏହା କିଟ୍, କିସ୍, ଓଡ଼ିଶା ତଥା ଭାରତ ପାଇଁ ଗୌରବର ବିଷୟ ବୋଲି ଶ୍ରୀ ସାମନ୍ତ କହିଛନ୍ତି।

## ଅଗ୍ନିଶମ ବିଭାଗ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ

କଟକ:ଏକ୍ସପ୍ରେସ୍ ନ୍ୟୁଜ୍

ବସରେ ନିଆଁ ଲାଗିଲେ କେମିତି ହେବେ ସାବଧାନ ! ପ୍ରତିଦିନ ରାଜ୍ୟ ତଥା ରାଜ୍ୟ ବାହାରକୁ ଶହଶହ ସଂଖ୍ୟାରେ ବସ ଗଡୁଛି । ଲକ୍ଷଲକ୍ଷ ଯାତ୍ରୀ ମଧ୍ୟ ବସ ଉପରେ ନିର୍ଭରଶୀଳ । ତେବେ ଅନେକ ସମୟରେ ଯାତ୍ରୀଭାଇ ବସଗୁଡ଼ିକରେ ନିଆଁ ଲାଗିଯିବାର ଘଟଣା ସାମନାକୁ ଆସିଥାଏ । ଯାହା ଫଳରେ ଅନେକ ଧନଜୀବନ କ୍ଷୟକ୍ଷତି ଘଟିଥାଏ । ତେବେ ଏହି ସବୁ କଥାଗୁଡ଼ିକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ଅଗ୍ନିଶମ ବିଭାଗ ପକ୍ଷରୁ ସ୍ଥାନୀୟ ନେତାଜୀ ବସ ଟରମିନାଲରେ ପ୍ରତ୍ୟେକ ଯାତ୍ରୀବାହି ବସଗୁଡ଼ିକୁ ଚେକ କରାଯିବା ସହିତ ବସ କର୍ମଚାରୀଙ୍କୁ ଅଗ୍ନି ନିରାପତ୍ତା ସମ୍ବନ୍ଧୀୟ ସଚେତନତା କାର୍ଯ୍ୟକ୍ରମ ପ୍ରଦାନ କରାଯାଇଥିଲା । ନିଆଁ ଲାଗିଲେ ପ୍ରାଥମିକ ପର୍ଯ୍ୟାୟରେ କ'ଣ ପଦକ୍ଷେପ ନେବା ଉଚିତ, ସେ ନେଇ କଟକ ଡେପୁଟି ଫାୟାର ଅଫିସର ପ୍ରକାଶ ଜେନା ସଚେତନତା କରାଯାଇଥିବା ସୂଚନା ଦେଇଛନ୍ତି ।

## ଭକ୍ତ ଦାସଙ୍କ ନେତୃତ୍ୱରେ ୨୦୨୯ ନିର୍ବାଚନ କଂଗ୍ରେସ ଲଢ଼ିବ: ଲଲ୍ଲୁ

ନୂଆପଡ଼ା/ଭୁବନେଶ୍ୱର
ଏକ୍ସପ୍ରେସ୍ ନ୍ୟୁଜ୍

ଆଜି ନୂଆପଡ଼ା ସ୍ଥିତ କଂଗ୍ରେସ ଭବନ ଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମୀଳନୀରେ ଓଡିଶା କଂଗ୍ରେସ ପ୍ରଭାରୀ ଅଜୟ କୁମାର ଲଲ୍ଲୁ କହିଲେ, ନୂଆପଡା ଓଡ଼ିଶାର ସବୁଠୁ ପଛୁଆ ଜିଲ୍ଲା। ଏହା ମଧ୍ୟ ଆଦିବାସୀ ବହୁଳ ଜିଲ୍ଲା ଭାବରେ ପରିଚିତ। ଏଠାରେ ଫ୍ଲୋରାଇଡଯୁକ୍ତ ପାଣି ଲୋକଙ୍କ ପାଇଁ ଏକ ବଡ଼ ସମସ୍ୟା। ଏଥିପାଇଁ ପ୍ରାୟ ୫୦ ହଜାର ଲୋକ ଫ୍ଲୋରାଇସି ରୋଗର ଶିକାର ହୋଇଛନ୍ତି। ୨୦୦୬ରେ ୟୁପିଏ ଆଦିବାସୀଙ୍କୁ ବନାଧିକାର ପଟ୍ଟା ପ୍ରଦାନ କରିଥିଲା। ନୂଆପଡାରୁ ୪୫ ହଜାର ଜଣ ପଟ୍ଟା ପାଇଁ ଆବେଦନ କରିଥିଲେ କିନ୍ତୁ ଆଜି ପର୍ଯ୍ୟନ୍ତ କେବଳ ୭୦୦୦ ପଟ୍ଟା ଦିଆଯାଇଛି। ସିଆରଏଫ ପ୍ରୋଗ୍ରାମ ମାଧମରେ ୮୪୬ ଗୋଟି ଗ୍ରାମ ସଭା ବନବିଭାଗ ଏବଂ ସରକାରକୁ ଆବେଦନ କରିଥିଲା । କିନ୍ତୁ କେବଳ ୪୬ ଗୋଟି ଗ୍ରାମସଭାକୁ ଅନୁମତି ମିଳିଛି। ମହୁଲ ଉପରେ ଏମଏସପି ନାହିଁ, କେନ୍ଦୁପତ୍ର ଏବଂ ଅନ୍ୟ ବନ୍ୟଜାତ ଦ୍ରବ୍ୟ ସବୁ ଅତି ଶସ୍ତାରେ ଆଦିବାସୀ ବିକ୍ରି କରିବାକୁ ବାଧ୍ୟ ହେଉଛି। ବିଜେଡି ଓ ବିଜେପି ମିଳିତ ରୂପେ ୯ ବର୍ଷ ସରକାର ଚଳାଉଥିଲେ ଏବଂ ବର୍ତ୍ତମାନ ବିଜେପି ଇସାରାରେ ବିଜେଡି ଚାଲୁଛି। ଲୋକସଭା କିମ୍ବା ରାଜ୍ୟସଭାରେ କୌଣସି ବିଲ ଆସିଲେ ବିଜେଡି ସମର୍ଥନ କରୁଛି। ଏମାନେ ଗୋଟିଏ ଟଙ୍କାର ଦୁଇଟି ପାର୍ଶ୍ୱ। ପିସିସି ସଭାପତି ଭକ୍ତ ଚରଣ ଦାସ ଏ ଅଞ୍ଚଳର ଲୋକସଭା ସଦସ୍ୟ ଥିବାବେଳେ ଯାହା କିଛି ବୃହତ ଯୋଜନା ହୋଇଥିଲା । ଘାସିରାମ ମାଝୀ ଆମ କଂଗ୍ରେସ ପ୍ରାର୍ଥୀ ଦୀର୍ଘ ୩୦ ବର୍ଷହେଲା ତୃଣମୂଳ ସ୍ତରରେ ଲଢେଇ କରୁଛନ୍ତି। ତାଙ୍କ ଲୋକପ୍ରିୟତା ଅଛି, ସେ ନିଶ୍ଚୟ



ଜିତିବେ। ଏଇ ମଧ୍ୟରେ ଓଡିଶା କଂଗ୍ରେସ ସଭାପତି ଭକ୍ତ ଦାସଙ୍କୁ ବିଜେପି ବିଜେଡି ଆକ୍ଷେପ କରିଛନ୍ତି ଯେ, ନୂଆପଡା ହାରିଲେ ଶ୍ରୀ ଦାସଙ୍କୁ ସଭାପତି ପଦରୁ ହଟାଇ ଦିଆଯିବ। ମୁଁ ଜାତୀୟ କଂଗ୍ରେସ ଓଡିଶା ପ୍ରଭାରୀ ହିସାବରେ କହିବାକୁ ଚାହେଁ, ହଟାଇବା ଦୂର କଥା, ଆଗାମୀ ୨୦୨୯ ସାଧାରଣ ନିର୍ବାଚନ ମଧ ଭକ୍ତ ଦାସଙ୍କ ନେତୃତ୍ୱରେ କଂଗ୍ରେସ ଓଡ଼ିଶାରେ ନିର୍ବାଚନ ଲଢ଼ିବ ।

କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ କହିଲେ, ଗତ ରାତି କୋମନାଠାରେ ଥିବା ସଂକଳ୍ପ ହୋଟେଲରେ କୋରାପୁଟ ବିଜେପି ବିଧାୟକଙ୍କ ପିଏସଓ ମାତାଲ ହୋଇ ଲୋକଙ୍କୁ ଧମକାଇବା ଉଦ୍ଦେଶ୍ୟରେ ଫାଙ୍କା ଗୁଳି ଚାଳନା କରିଛନ୍ତି। ବିଜେପି ବିଜେଡି ନିର୍ବାଚନ ଲଢୁଛନ୍ତି ନା ଲୋକଙ୍କୁ ଧମକ ଚମକ ଦେଇ ପ୍ରଶାସନକୁ ବେଆଇନ କାମ କରି ନିର୍ବାଚନ ହାତେଇବାକୁ ଚାହୁଁଛନ୍ତି ବୋଲି ପ୍ରଶ୍ନ ପଚାରିବା ସହ ସେ କହିଛନ୍ତି, ଆମ ଆଦିବାସୀ ପ୍ରାର୍ଥୀ ସମସ୍ତ ପ୍ରାର୍ଥୀଙ୍କଠାରୁ ଅଧିକ ଲୋକପ୍ରିୟ। ସେ ଲୋକଙ୍କ ସାଥିରେ ଲଢେଇ କରୁଥିବା ଏକ ସଂଗ୍ରାମୀ ସାଥୀ ତେଣୁ ବିଜେପି ଭୟଭୀତ ହୋଇ ଜନସାଧାରଣଙ୍କୁ ଧମକ ଦେବା ରାଜନୀତି କରୁଛି। କିନ୍ତୁ ନୂଆପଡାବାସୀ କଂଗ୍ରେସ ପ୍ରାର୍ଥୀ ଘାସିରାମଙ୍କୁ ଭୋଟ ଦେବେ ବୋଲି ନିଷ୍ପତ୍ତି ନେଇ ସାରିଲେଣି।

ସାମ୍ବାଦିକ ସମ୍ମିଳନୀର ପ୍ରାରମ୍ଭରେ ପୂର୍ବତନ ମନ୍ତ୍ରୀ ଜଗନ୍ନାଥ ପଟ୍ଟନାୟକ କହିଲେ, ବିଜେପି ମୋଦୀ ସରକାରଙ୍କ ଭୁଲ ଭଟକା ଏନଆରଜିଏସ ନୀତି ଯୋଗୁଁ ସୁକିନ୍ଦାରେ ନିଶା ମାଙ୍କଡିଆ ନାମ୍ନୀ ଜଣେ ଆଦିବାସୀଙ୍କ ଅନାହାର ମୃତ୍ୟୁ ହେଲା। ନୂଆପଡାରେ ମଧ ଅନୁରୂପ ସ୍ଥିତି। ଆଦିବାସୀଙ୍କ ଅଧିକାର ସରକାର ହନନ କରିବା ଫଳରେ ଆଦିବାସୀଙ୍କୁ ଦାଦନ ଦୁଃଖ ଯାତନା ସହିବାକୁ ପଡୁଛି। ଓଡ଼ିଶାରେ ଆମ ସରକାର ଥିବାବେଳେ ପତୋରା ଓ ତିଖାଳି ଭଳିଆ ବୃହତ ଜଳସେଚନ ଯୋଜନା, ବିଜୁଳୀକରଣ, ଉନ୍ନତ ରାସ୍ତା ନିର୍ମାଣ କାର୍ଯ୍ୟ ସବୁ ଆରମ୍ଭ କରା ଯାଇଥିଲେ। ୨୫ ବର୍ଷର ବିଜେଡି ଓ ବିଜେପି ସରକାର କେବଳ ମାଗଣା ଭେଳିକି ବ୍ୟତୀତ କଣ ସବୁ ବୃହତ ଯୋଜନା କରିଛି କହନ୍ତୁ।

## ସାଇବର ସୁରକ୍ଷା ସଚେତନତା

ଚାରିଛକ:ଏକ୍ସପ୍ରେସ୍ ନ୍ୟୁଜ୍

ନିମାପଡା ବ୍ଲକ ଅନ୍ତର୍ଗତ ଚାରିଛକ ସ୍ଥିତ ନିଗମାନନ୍ଦ ମହିଳା ମହାବିଦ୍ୟାଳୟ ପରିସରରେ ପୁରୀ ସାଇବର ଥାନା ଏବଂ ଚାରିଛକ ଥାନା ଆନୁକୂଲ୍ୟରେ ଏକ 'ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ' ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟର ଅଧ୍ୟକ୍ଷା ପ୍ରଫେସର ମିତ୍ରା ମହାପାତ୍ରଙ୍କର ଅଧ୍ୟକ୍ଷତାରେ ଆୟୋଜିତ ସଚେତନତା କାର୍ଯ୍ୟକ୍ରମରେ ପୁରୀ ସାଇବର ଥାନା ତରଫରୁ ଛାତ୍ରୀମାନଙ୍କୁ ସାଇବର ଅପରାଧ ଓ ତାର ସୁରକ୍ଷା ପାଇଁ ସଚେତନ କରାଯାଇଥିଲା। ଅଜଣା ଲୋକଙ୍କୁ ନିଜର ମୋବାଇଲ ନମ୍ବର ନ ଦେବା,କାହାରିକୁ ନିଜର ଓ.ଟି.ପି କି ବ୍ୟାଙ୍କ ଆକାଉଣ୍ଟ ନମ୍ବର ନଦେବା, ସାଇବର ଠକେଇରୁ ପ୍ରତ୍ୟେକ ବ୍ୟକ୍ତି ନିବୃତ ରହିବା,ସାଇବର ଠକେଇର ଶିକାର ହେଲେ ତତକ୍ଷଣାତ୍ ୧୯୩୦ ସାଇବର ହେଲ୍ପଲାଇନ ନମ୍ବରକୁ ଫୋନ କରି ଜଣାଇବା ଆବଶ୍ୟକ କ୍ଷ ଏ.ଆଇ ଯୁଗରେ ସମସ୍ତେ ଶିକ୍ଷିତ ହେବା, ସ୍ମାର୍ଟ ହେବା ଠାରୁ ଅଧିକ ଡିଜିଟାଲ ସୁରକ୍ଷିତ ରହିବା ଆବଶ୍ୟକ। ଭିଡିଓ କଲ୍, ହ୍ୱାଟସପ୍ କଲ୍, କିମ୍ବା ଫେସବୁକ୍ କଲ୍ ପ୍ରତି ସଜାଗ ରହିବାକୁ ଛାତ୍ରୀମାନଙ୍କୁ ସଚେତନ କରାଯାଇଥିଲା। ସଂସ୍କୃତ ବିଭାଗ ଅଧ୍ୟାପକ ଜୀବନ ଦାଶ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଏହି ସଚେତନତା କାର୍ଯ୍ୟକ୍ରମରେ ଚାରିଛକ ଥାନା ଅଧିକାରିଣୀ ମମତା ବିଶ୍ୱାଳ, ଏ.ଏସ.ଆଇ କୈଳାଶ ଚନ୍ଦ୍ର ପ୍ରଧାନ, ପୁରୀ ସାଇବର ଥାନାର ହାବିଲଦାର ସାନ୍ତୁନ କୁମାର ପଣ୍ଡା, ମହାବିଦ୍ୟାଳୟର ସଂସ୍କୃତ ବିଭାଗ ମୁଖ୍ୟ ଡ଼ଃ ପୁର୍ଣିମା ମହାନ୍ତି, ଇତିହାସ ବିଭାଗ ମୁଖ୍ୟ ମେଜର ପୁଷ୍ପଲତା ଦତ୍ତ,ଇଂରାଜୀ ବିଭାଗ ବରିଷ୍ଠ ଅଧ୍ୟାପିକା ଇତିଶ୍ରୀ ସାହୁ, ଅଧ୍ୟାପିକା ସିପ୍ରାରାଣୀ ମହାପାତ୍ର, ଅଧ୍ୟାପିକା କଲ୍ୟାଣୀ ସ୍ୱାଇଁ,ଅଧ୍ୟାପିକା ସଂଗୀତା ଦାଶ, ଅଧ୍ୟାପିକା ଅନିତା ବିଶ୍ୱାଳ, ପୁରୀ ସାଇବର ଥାନା ଏବଂ ଚାରିଛକ ଥାନାର କର୍ମଚାରୀମାନେ ଯୋଗଦେଇଥିଲେ।

ଶେଷ ପୃଷ୍ଠା

# ଓଡ଼ିଶା ଏକ୍ସପ୍ରେସ୍

କେନ୍ଦ୍ରାପଡ଼ା | 2nd November, 2025 Sunday | RNI Regd. No. ODIODI/2009/28880

## ଅବସର ନେଲେ ବୋପାନ୍ନା

ନୂଆଦିଲ୍ଲୀ,୧।୧୧: ଏକ୍ସପ୍ରେସ୍ ନ୍ୟୁଜ୍

ଭାରତର ତାରକା ଟେନିସ ଖେଳାଳି ରୋହନ ବୋପାନ୍ନା ନିଜର ଅବସର ଘୋଷଣା କରିଛନ୍ତି। ସାମାଜିକ ଗଣମାଧ୍ୟମରେ ଏକ ଭାବବିହ୍ୱଳପୂର୍ଣ୍ଣ ପୋଷ୍ଟ କରି ସେ ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ଫଳରେ ବୋପାନ୍ନାଙ୍କ ପ୍ରଶଂସକମାନଙ୍କ ମଧ୍ୟରେ ଏକପ୍ରକାର ନିରାଶା ଦେଖିବାକୁ ମିଳିଛି।



ବୋପାନ୍ନା ନିଜ ପୋଷ୍ଟରେ ଲେଖିଛନ୍ତି, 'ଏକ ବିଦାୟ, କିନ୍ତୁ ଶେଷ ନୁହେଁ। ଏଭଳି ସମୟରେ ବିଦାୟ ନେବା ବହୁତ କଷ୍ଟକର ହେଉଛି, ଯାହା ଆପଣଙ୍କ ଜୀବନକୁ ସାର୍ଥକ ବନାଇଥାଏ। ୨୦ ଅବିସ୍ମରଣୀୟ ବର୍ଷ ପରେ ଏବେ ସମୟ ଆସିଯାଇଛି। ଆନୁଷ୍ଠାନିକ ଭାବେ ସେ ଟେନିସରୁ ସନ୍ନ୍ୟାସ ଘୋଷଣା କରୁଛନ୍ତି। ଏହା ଲେଖିବା ସମୟରେ ମୋ ହୃଦୟ ଅତ୍ୟନ୍ତ ଭାରି ଲାଗୁଛି ଏବଂ ସମସ୍ତଙ୍କ ପ୍ରତି ଆଭାରୀ ମଧ୍ୟ। ଏସବୁ ଏକ ସ୍ୱପ୍ନ ଭଳି ଲାଗୁଛି' ବୋଲି ସେ ଲେଖିଛନ୍ତି।

୪୫ ବର୍ଷୀୟ ବୋପାନ୍ନା ଚଳିତବର୍ଷ ପ୍ୟାରିସ ମାଷ୍ଟର୍ସ ଟୁର୍ଣ୍ଣାମେଣ୍ଟରେ ଶେଷଥର ପାଇଁ ଖେଳିଥିଲେ। ଏହି ମ୍ୟାଚରେ ସେ ଆଲେକଜାଣ୍ଡର ବୁବ୍ଲିକ୍‌ଙ୍କ ସହିତ ମିଳିତ ଭାବେ ଖେଳିଥିଲେ। ଏହି ଯୋଡ଼ିକୁ ପିୟର୍ସ ଏବଂ ଜେମ୍ସ ଟ୍ରେସୀ ୫-୭, ୬-୨ ଏବଂ ୧୦-୮ରେ ପରାସ୍ତ କରିଥିଲେ।

## ବାରବାଟୀରେ ରଣଜୀ ମ୍ୟାଚ
## ପ୍ରଥମ ଦିନରେ ଆନ୍ଧ୍ର ୩/୨୨୨



କଟକ,୧।୧୧: ଏକ୍ସପ୍ରେସ୍ ନ୍ୟୁଜ୍

ଘରୋଇ ଓଡ଼ିଶା ଓ ଆନ୍ଧ୍ରପ୍ରଦେଶ ମଧ୍ୟରେ ଶନିବାରଠାରୁ ସ୍ଥାନୀୟ ବାରବାଟୀ ଷ୍ଟାଡ଼ିୟମଠାରେ ଚଳିତ ରଣଜୀ ଟ୍ରଫିର ୩ୟ ରାଉଣ୍ଡ ମ୍ୟାଚ ଆରମ୍ଭ ହୋଇଛି। ଏଲିଟ ଗ୍ରୁପ-ଏ ଗ୍ରୁପର ଏହି ମ୍ୟାଚରେ ଆଜି ପ୍ରଥମ ଦିନ ଖେଳ ଶେଷ ସୁଦ୍ଧା ପ୍ରଥମେ ବ୍ୟାଟିଂ କରି ଆନ୍ଧ୍ରପ୍ରଦେଶ ୬୮ଓଭର ଖେଳି ୩ଟି ୱିକେଟ ହରାଇ ୨୨୨ ରନ ସ୍କୋର କରିଛି। ଆନ୍ଧ୍ରପ୍ରଦେଶ ପକ୍ଷରୁ କେଏସ ଭରତ ୯୩ ରନ ଏବଂ ଅଭିଷେକ ରେଡ଼ି ୭୬ ରନ ସ୍କୋର କରିଛନ୍ତି। ଷ୍ଟମ୍ପ ଅପସାରଣ ବେଳକୁ ଏସକେ ରସିଦ ଅପରାଜିତ ୨୫ ଓ କରଣ ସିନ୍ଧେ ଅପରାଜିତ ୧୬ ରନ କରି କ୍ରିଜରେ ଅଛନ୍ତି। ଓଡ଼ିଶା ପକ୍ଷରୁ ସମ୍ବିତ ବରାଳ ୨ଟି ଓ ବାଦଲ ବିଶ୍ୱାଳ ୧ଟି ୱିକେଟ ଅକ୍ତିଆର କରିଛନ୍ତି। ଓଡ଼ିଶା ଦଳ ପକ୍ଷରୁ ସୌରଭ କେ ଗୌଡ଼ ଆଜି ରଣଜୀ ପଦାର୍ପଣ କରିଛନ୍ତି।

ଭ୍ରମଣକାରୀ ଆନ୍ଧ୍ରପ୍ରଦେଶ ଦଳ ଟସ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ପିଚର ରୂପ ମଧ୍ୟ ବ୍ୟାଟିଂକୁ ସୁହାଇବା ଭଳି ରହିଥିଲା। ଦଳ ପକ୍ଷରୁ କେଏସ ଭରତ ଓ ଅଭିଷେକ ରେଡ଼ି ଇନିଂସ ଆରମ୍ଭ କରିଥିଲେ। ଆନ୍ଧ୍ରପ୍ରଦେଶ ପ୍ରାରମ୍ଭିକ ବ୍ୟାଟସମ୍ୟାନ ଦ୍ୱୟ ଦାୟିତ୍ୱ ସଂପନ୍ନ ବ୍ୟାଟିଂ କରି ପ୍ରଥମ ୱିକେଟ ଯୋଡ଼ିରେ ୧୬୧ ରନ ସଂଗ୍ରହ କରିଥିଲେ। ଦଳ ପକ୍ଷରୁ କେଏସ ଭରତ ଚିତାକର୍ଷକ ୯୩ରନ କରି ବାଦଲ ବିଶ୍ୱାଳଙ୍କ ବଲରେ ଆଉଟ ହୋଇଥିଲେ। କେଏସ ଭରତ ତାଙ୍କ ଇନିଂସରେ ୧୦ଟି ଚଉକା ଓ ୩ଟି ଦର୍ଶନୀୟ ଛକା ମାରିଥିଲେ। ଏହାପରେ ଦ୍ୱିତୀୟ ୱିକେଟ ଯୋଡ଼ିରେ ଅଭିଷେକ ରେଡ଼ି ଓ ଏସକେ ରସିଦ ୪୦ ରନ ଯୋଡ଼ିଥିଲେ। ବ୍ୟକ୍ତିଗତ ୭୬ରନ କରି ଅଭିଷେକ ରେଡ଼ି ଆଉଟ ହୋଇଯାଇଥିଲେ। ଅଭିଷେକ ତାଙ୍କ ଇନିଂସରେ ୯ଟି ଚଉକା ଓ ଗୋଟିଏ ଛକା ମାରିଥିଲେ। ଏହାପରେ କ୍ରିଜକୁ ବ୍ୟାଟିଂ କରିବାକୁ ଆସିଥିବା ଆନ୍ଧ୍ରପ୍ରଦେଶ ଅଧିନାୟକ ରିକି ଭୁଇ ବିନା ଖାତା ଖୋଲି ସମ୍ବିତ ବରାଳଙ୍କ ବଲରେ ଆଉଟ ହୋଇଯାଇଥିଲେ। ଖେଳ ଶେଷ ବେଳକୁ ଏସକେ ରସିଦ ୨୫ କରଣ ସିନ୍ଧେ ୧୬ ରନ କରି କ୍ରିଜରେ ଅପରାଜିତ ଅଛନ୍ତି। ଓଡ଼ିଶା ଦଳ ପକ୍ଷରୁ ସମ୍ବିତ ବରାଳ ୨ଟି ଓ ବାଦଲ ବିଶ୍ୱାଳ ୧ଟି ୱିକେଟ ଅକ୍ତିଆର କରିଛନ୍ତି। ଓଡ଼ିଶା ବୋଲର ମାନଙ୍କର ଆଜି ବି ନୈରାଶ୍ୟଜନକ ବୋଲିଂ ପ୍ରଦର୍ଶନ ଦେଖିବାକୁ ମିଳିଥିଲା।

# ମୁଣ୍ଡ ବିନ୍ଧାଉଛି ପ୍ରଦୂଷଣ ଗ୍ରାଫ୍: ଏସ୍‌ସିଏପିରେ ୧୨ ସହର

ଭୁବନେଶ୍ୱର,୧।୧୧
ଏକ୍ସପ୍ରେସ୍ ନ୍ୟୁଜ୍

ଦିନକୁ ଦିନ ବଢୁଛି ପ୍ରଦୂଷଣର ମାତ୍ରା। କଳକାରଖାନା ଯେତିକି ବଢୁଛି, ପ୍ରଦୂଷଣ ମାତ୍ରାର ଗ୍ରାଫ୍ ସେତିକି ଉପରକୁ ଉଠୁଛି। କେମିତି ଏହାର ମାତ୍ରାକୁ କାବୁ କରିହେବ। ବାଟ ପାଉନାହାନ୍ତି ସରକାର। ଏ ଦିଗରେ ରାଜ୍ୟ ଓ ଜିଲ୍ଲାସ୍ତରରେ ଯେଉଁ ପଦକ୍ଷେପ ନିଆଯାଉଛି ତାକୁ ପ୍ରଭାବୀ କରିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ତଦାରଖ ବ୍ୟବସ୍ଥାକୁ କଡାକଡି କରାଯିବ। ଆସନ୍ତା ୫ ବର୍ଷରେ ଏ ବାବଦକୁ ସରକାର ୧୫୦ କୋଟି ଟଙ୍କା ବରାଦ କରିବାକୁ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପ୍ରସ୍ତାବ ରଖିଛି।

ରାଜ୍ୟରେ ପ୍ରଦୂଷଣ ନିୟନ୍ତ୍ରଣ ସଂପର୍କିତ ୬ଷ୍ଠ ପରିଚାଳନା କମିଟି ବୈଠକ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧକ୍ଷତାରେ ବସିଥିଲା। ରାଜ୍ୟରେ ଜାତୀୟ ସ୍ୱଚ୍ଛ ବାୟୁ କାର୍ଯ୍ୟକ୍ରମ(ଏନସିଏପି)ର କାର୍ଯ୍ୟକାରିତା ସଂପର୍କରେ ସମୀକ୍ଷା ହୋଇଥିଲା। ରାଉରକେଲା, ଅନୁଗୁଳ, ତାଳଚେର, ବାଲେଶ୍ୱର, ରାଇରଙ୍ଗପୁର, କଟକ ଓ ଭୁବନେଶ୍ୱର ଆଦି ଶିଳ୍ପାଞ୍ଚଳ ସହରଗୁଡିକ ଜାତୀୟ ସ୍ୱଚ୍ଛ ବାୟୁ କାର୍ଯ୍ୟକ୍ରମର ଅନ୍ତର୍ଭୁକ୍ତ ଅଟନ୍ତି। ଏ ସହରଗୁଡିକରେ ଏନସିଏପି ଅଧୀନରେ ବାୟୁ ଗୁଣବତ୍ତାରେ ପିଏମ୧୦ ଓ ପିଏମ୨.୫ର ମାତ୍ରାକୁ ନିରନ୍ତରତା ଭିତ୍ତିରେ କମାଇବାକୁ ଗୁରୁତ୍ୱ ଦିଆଯାଉଛି। ସହରାଞ୍ଚଳ ବା ଗ୍ରାମାଞ୍ଚଳରେ ରାସ୍ତା ଧୂଳି, ନିର୍ମାଣ କାମ, ଶିଳ୍ପ କାରଖାନା, ଡିଜେଲ ଯାନ ଚାଳିତ ଧୂଆଁ ଆଦିରୁ ନିର୍ଗତ ମୋଟ ଧୂଳି କଣିକା ପିଏମ୧୦ (୧୦ ମାଇକ୍ରୋମିଟର କିମ୍ବା ତା'ଠାରୁ ଛୋଟ) ପରିବେଶ ଏବଂ ବାୟୁ ଗୁଣବତ୍ତାରେ କ୍ଷତି ପହଞ୍ଚାଇ ଥାଏ। ପିଏମ୨.୫ ଅର୍ଥାତ୍ ୨.୫ ମାଇକ୍ରୋମିଟର ଠାରୁ କମ୍ ବ୍ୟାସ ବିଶିଷ୍ଟ ଧୂଆଁ ବା କଣିକା ଫୁସଫୁସ ମଧ୍ୟରେ ପହଞ୍ଚି ସ୍ୱାସ୍ଥ୍ୟ ହାନି ଘଟାଇଥାଏ। ତେଣୁ ଏନସିଏପି କାର୍ଯ୍ୟକ୍ରମ ଜରିଆରେ ଯାନବାହନ



ଏବଂ ଶିଳ୍ପ କାରଖାନା ଆଦିରୁ ନିର୍ଗତ ଧୂଆଁ, ରାସ୍ତା ଧୂଳି ଓ ଆବର୍ଜନା ରୋକିବାକୁ ଦୀର୍ଘମିଆଦି ପଦକ୍ଷେପ ଗ୍ରହଣ କରାଯାଉଛି। ଆଗାମୀ ୫ ବର୍ଷରେ ପିଏମ୧୦ ଓ ପିଏମ୨.୫ର ମାତ୍ରା ୪୦ ପ୍ରତିଶତ କମାଇବାକୁ ଲକ୍ଷ୍ୟ ରଖାଯାଇଛି।

ଜାତୀୟ ସ୍ୱଚ୍ଛ ବାୟୁ କାର୍ଯ୍ୟକ୍ରମରେ ମଧ୍ୟ କୋଇଲା, ଡିଜେଲ ଇତ୍ୟାଦି ଧୂଆଁ ଉତ୍ସଗୁଡ଼ିକୁ କମାଇ ସୌର ଶକ୍ତି, ପବନ, ଜଳ ଉତ୍ସ, ବିଦ୍ୟୁତ୍ ଚାଳିତ ଯାନ ଇତ୍ୟାଦିରୁ ସ୍ୱଚ୍ଛ ଉର୍ଜା ବ୍ୟବହାର ଉପରେ ଜୋର ଦିଆଯାଉଛି। ରାଜ୍ୟରେ ଏବେ ପ୍ରଦୂଷଣ ମାତ୍ରା ଅଧିକ ରହୁଥିବା ଅନ୍ୟ ୧୨ଟି ସହରକୁ ରାଜ୍ୟ ସ୍ୱଚ୍ଛ ବାୟୁ କାର୍ଯ୍ୟକ୍ରମ (ଏସସିଏପି)ରେ ଅନ୍ତର୍ଭୁକ୍ତ କରାଯାଇଛି। ବାୟୁର ପ୍ରଦୁଷଣ ମାତ୍ରା ଆଧାରରେ ରାଜ୍ୟର ବଡବିଲ, ବ୍ରହ୍ମପୁର, ବେଲପାହାଡ, ବଣାଇ, ବ୍ରଜରାଜନଗର, ଝାରସୁଗୁଡା, ଯୋଡା, କେନ୍ଦୁଝର, ପାରାଦୀପ, ପୁରୀ, ରାଜଗାଙ୍ଗପୁର, ସମ୍ବଲପୁର ଆଦି ସହରଗୁଡିକୁ ଏହି ପର୍ଯ୍ୟାୟଭୁକ୍ତ ଭାବେ ଚିହ୍ନିତ କରାଯାଇଛି।

ସୂଚନାଯୋଗ୍ୟ, ଏସ୍‌ସିଏପି କାର୍ଯ୍ୟକ୍ରମକୁ ୨୦୨୫ ଜୁନ୍ ୫ରେ ଓଡିଶାର ମୁଖ୍ୟମନ୍ତ୍ରୀ ଶୁଭାରମ୍ଭ କରିଥିଲେ। ରାଜ୍ୟ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପରିଚାଳନାରେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ତରଫରୁ ଏହାର କାର୍ଯ୍ୟ ଯୋଜନା ଓ ପ୍ରସ୍ତୁତି ସଂପର୍କରେ ଆଲୋଚନା କରାଯାଇଥିଲା। ବୈଠକରେ ଅଧକ୍ଷତା କରି ମୁଖ୍ୟ ଶାସନ ସଚିବ ଉଭୟ ଜାତୀୟ ସ୍ୱଚ୍ଛ ବାୟୁ କାର୍ଯ୍ୟକ୍ରମ ଏବଂ ରାଜ୍ୟ ସ୍ୱଚ୍ଛ ବାୟୁ କାର୍ଯ୍ୟକ୍ରମକୁ ଅଧିକ ତଥ୍ୟ ଭିତ୍ତିକ ଏବଂ ଉପଯୁକ୍ତ ଭାବେ ପରିଚାଳନା କରିବାକୁ ପରାମର୍ଶ ଦେଇଛନ୍ତି। ରାଜ୍ୟ ଓ ଜିଲ୍ଲାସ୍ତରରେ କାର୍ଯ୍ୟକ୍ରମ ତଦାରଖ ବ୍ୟବସ୍ଥାକୁ ଅଧିକ ପ୍ରଭାବୀ କରିବାକୁ ଗୁରୁତ୍ୱ ଦିଆଯାଇଛି। ସହରାଞ୍ଚଳରେ ପାରିପାର୍ଶ୍ୱିକ ସବୁଜିମା ସୃଷ୍ଟି ଓ ବ୍ୟାପକ ବୃକ୍ଷରୋପଣ ଉପରେ ସରକାର ଫୋକସ୍ କରୁଛନ୍ତି।

# ଆନ୍ଧ୍ର ସହ ସୀମା ବିବାଦ: ସମାଧାନ ହେବ କେବେ ?

ଭୁବନେଶ୍ୱର,୧।୧୧: ତଥ୍ୟ

ଆନ୍ଧ୍ର ସହିତ ଓଡ଼ିଶାର ସୀମା ବିବାଦ ପ୍ରାୟ ୬୦ବର୍ଷ ଧରି ଚାଲିଥିବାବେଳେ ସମ୍ବିଧାନର ୩ଟିଯାକ ସ୍ତମ୍ଭ ମାଧ୍ୟମରେ ଏହାର ଏଯାବତ୍ ସମାଧାନ ହୋଇପାରୁ ନାହିଁ। ଫଳରେ ସୀମାନ୍ତବର୍ତ୍ତୀ ଅଞ୍ଚଳରେ ଦୁଇ ରାଜ୍ୟ ମଧ୍ୟରେ ଟଣାଓଟରା ଲାଗିଛି। କେନ୍ଦ୍ର ସରକାର ମଧ୍ୟସ୍ଥତା କରି ଏହି ବିବାଦର ସମ୍ବିଧାନ ସମ୍ମତ ମାର୍ଗରେ ସମାଧାନ ଲାଗି ଏଯାବତ୍ ପଦକ୍ଷେପ ଗ୍ରହଣ କରିନାହାନ୍ତି।

ରାଜେନ୍ଦ୍ର ନାରାୟଣ ସିଂହଦେଓଙ୍କ ମୁଖ୍ୟମନ୍ତ୍ରୀତ୍ୱ କାଳରେ କୋରାପୁଟ ସୀମାନ୍ତବର୍ତ୍ତୀ ଅନ୍ୟୁନ ୩୪ଟି ଗ୍ରାମପୁଞ୍ଜ ସଂକ୍ରାନ୍ତୀୟ ଆନ୍ତଃରାଜ୍ୟ ବିବାଦ ପ୍ରସଂଗରେ ସୁପ୍ରିମକୋର୍ଟରେ ୧୯୬୮ ମସିହାରେ ମାମଲା ରୁଜୁ ହୋଇଥିଲା। ସେଥିରୁ ଗୋଟିଏ ମାମଲାର ପରିସମାପ୍ତି ଘଟିଛି। ଆଉ ଗୋଟିଏ ମାମଲାରେ ସୁପ୍ରିମକୋର୍ଟ ସ୍ଥିତାବସ୍ଥା ବଜାୟ ରଖିବା ପାଇଁ ଉଭୟ ପକ୍ଷଙ୍କୁ ଆଦେଶ ଦେବା ସହିତ ଆଲୋଚନା ମାଧ୍ୟମରେ ସମାଧାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

ଆନ୍ଧ୍ର ସରକାର ଏହି ନିର୍ଦ୍ଦେଶନାମାର ଉଲ୍ଲଂଘନ କରୁଥିବା ଦର୍ଶାଇ ୨୦୨୧ ମସିହାରେ ଓଡ଼ିଶା ସରକାରଙ୍କ ପକ୍ଷରୁ ସୁପ୍ରିମକୋର୍ଟରେ ଏକ ଅଦାଲତ ଅବମାନନା ମାମଲା ରୁଜୁ ହୋଇଥିଲା ଯାହା ଏଯାବତ୍ ବିଚାରାଧୀନ ରହିଛି। ଏହାଛଡ଼ା



୨୦୨୩ ବର୍ଷରେ ଓଡ଼ିଶା ସରକାର ମଧ୍ୟ ସୁପ୍ରିମକୋର୍ଟରେ ଅନ୍ୟ ଏକ ମାମଲା ରୁଜୁ କରିଛନ୍ତି। ଉପଯୁକ୍ତ କର୍ତ୍ତୃପକ୍ଷଙ୍କ ଦ୍ୱାରା ଏହାର ଫଇସଲା ନହେବା ଯାଏ ସ୍ଥିତାବସ୍ଥା ବଜାୟ ରହିବ ବୋଲି ସୁପ୍ରିମକୋର୍ଟ ସ୍ପଷ୍ଟ ଭାବେ କହିଛନ୍ତି।

କୋଟିଆ ଗ୍ରାମପୁଞ୍ଜର ୨୧ଟି ଓ ବୋରାମୁଥା ଗ୍ରାମପୁଞ୍ଜର ୧୩ଟି ଗାଁକୁ ନେଇ ଏହି ମାମଲା ସବୁ ଚାଲିଛି। ବାରମ୍ବାର ଏହି ଗ୍ରାମଗୁଡ଼ିକ ମ୍ନରେ ଆନ୍ଧ୍ର କର୍ତ୍ତୃପକ୍ଷ ଅନୁପ୍ରବେଶ କରୁଛନ୍ତି। ଏମିତିକି ସୀମାନ୍ତବର୍ତ୍ତୀ ଏହି ଅଞ୍ଚଳର ଅନେକ ଲୋକଙ୍କ ନାଁ ଦୁଇ ରାଜ୍ୟର ଭୋଟର ତାଲିକାରେ ରହିଛି। ଉଭୟ ରାଜ୍ୟ ପକ୍ଷରୁ ବି ଏହି ବିବାଦୀୟ ଅଞ୍ଚଳରେ ବିଭିନ୍ନ ସାମାଜିକ ସୁରକ୍ଷା ଯୋଜନାର ସୁବିଧା ଦିଆଯାଉଛି। ପଟାଙ୍ଗୀ ତହସିଲ ଓ କୋରାପୁଟ ଜିଲ୍ଲା ପ୍ରଶାସନ ଏ ପ୍ରସଂଗରେ ନାକେଦମ ହୋଇସାରିଲେଣି।

କୋରାପୁଟର ଏଭଳି ୩୪ଟି ଗାଁକୁ ଛାଡ଼ିଦେଲେ ଗଜପତି ଜିଲ୍ଲାର ପାରଳାଖେମୁଣ୍ଡି ଓ କାଶୀନଗର ତହସିଲ ଅଞ୍ଚଳରେ ବି ଆନ୍ଧ୍ର ପ୍ରଦେଶ ସୀମା ବିବାଦ ପରିସ୍ଥିତି ସୃଷ୍ଟି କରୁଛି। ଏଥିଯୋଗୁ ଏହି ଦୁଇ ଜିଲ୍ଲାର ଅନେକ ଜମି, ଜଳ ଓ ଜଙ୍ଗଲ ସଂପଦ ବିପଦରେ ପଡୁଛି। ଏମିତିକି ଓଡ଼ିଶାରେ ଜନଶୁଣାଣି ନକରି ଆନ୍ଧ୍ର ପ୍ରଦେଶ ପୋଲାଭରମ୍‌ଠାରେ ଯେଉଁ ନଦୀବନ୍ଧ ପ୍ରକଳ୍ପ ନିର୍ମାଣ କରୁଛି ତାହାକୁ ଜାତୀୟ ପ୍ରକଳ୍ପର ମାନ୍ୟତା ଦେଇ କେନ୍ଦ୍ର ସରକାର ପର୍ଯ୍ୟାପ୍ତ ଅର୍ଥ ଯୋଗାଇ ଦେଇଥିବାବେଳେ ଏହି ପ୍ରକଳ୍ପ ପୂର୍ଣ୍ଣ କାର୍ଯ୍ୟକ୍ଷମ ହେଲେ ଅବିଭକ୍ତ କୋରାପୁଟ ଜିଲ୍ଲାର ଅନେକ ଜନବସତି, ଜମି ଓ ଜଙ୍ଗଲ ବୁଡ଼ିଯିବର ଆଶଙ୍କା ରହିଛି। ଏହାଛଡ଼ା ବିବାଦୀୟ ପରିସ୍ଥିତି ସୃଷ୍ଟି କରି ସେ ଅଞ୍ଚଳରେ ଥିବା ଖଣିଜ ସାମଗ୍ରୀ ହଡ଼ପ କରିବା ପାଇଁ ମଧ୍ୟ ଆନ୍ଧ୍ର ଲୋଲୁପ ଦୃଷ୍ଟି ପକାଉଥିବା ଘେନି ଅଭିଯୋଗ ହେଉଛି।

କେବଳ ସେତିକି ନୁହେଁ, ଏ ଅଞ୍ଚଳରେ ଓଡ଼ିଶା ଶିକ୍ଷାକୁ ଦୁର୍ବଳ କରି କିଭଳି ତେଲଗୁ ଭାଷା ଶିକ୍ଷା ଅଧିକ ହୋଇପାରିବ ତାହା ଉପରେ ବି ଆନ୍ଧ୍ର ପ୍ରଶାସନ ଗୁରୁତ୍ୱାରୋପ କରୁଛି। ଦୀର୍ଘବର୍ଷ ଧରି ଓଡ଼ିଶା ଓ ଆନ୍ଧ୍ର ମଧ୍ୟରେ ଲାଗି ରହିଥିବା ଏହି ବିବାଦୀୟ ପରିସ୍ଥିତି ଯୋଗୁ ପ୍ରକୃତ ବିକାଶ କାର୍ଯ୍ୟ ବିଭ୍ରାଟ ହେଉଛି ବୋଲି ସ୍ଥାନୀୟ ଅଞ୍ଚଳର ଅନେକ ସଚେତନ ଲୋକ ଖୋଲା ମତବ୍ୟକ୍ତ କରୁଛନ୍ତି।

## ଚଳନ୍ତା ବସ୍‌ରେ ଡ୍ରାଇଭରଙ୍କୁ ହୃଦ୍‌ଘାତ

ବୋଲଗଡ,୧।୧୧: ଏକ୍ସପ୍ରେସ୍ ନ୍ୟୁଜ୍

ବୋଲଗଡ ସଦର ଦିବା ୩ଘଟିକା ସମୟରେ ବିଶାଖା ନାମକ ଦୂରଗାମୀ ଯାତ୍ରୀବାହୀ ବସର ଚାଳକ ହୃଦଘାତର ଶିକାର ହୋଇଥିଲେ। ମୃତ୍ୟୁ ପୂର୍ବରୁ



ଡ୍ରାଇଭରଙ୍କ ଉପସ୍ଥିତ ବୁଦ୍ଧିପାଇଁ ଗାଡିଟିକୁ ବସ୍‌ଷ୍ଟାଣ୍ଡ ଉପରେ ଛିଡା କରି ନିଜ ମୁଣ୍ଡରେ ପାଣି ବାଡେଇ ଛାତିରେ ଭିଷଣ କଷ୍ଟ ହେଉଥିବା କହି ଅଚେତ ହୋଇଯାଇଥିଲେ। ତୁରନ୍ତ କିଛି ଯାତ୍ରୀ ଓ ସ୍ଥାନୀୟ ଲୋକେ ତାଙ୍କୁ ବୋଲଗଡ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ହେଲେ ଡାକ୍ତର ତାଙ୍କୁ ପ୍ରାଥମିକ ଚିକିତ୍ସା ପରେ ମୃତ ଘୋଷଣା କରଥିଲେ। ଚାଳକ ଜଣକ ବୋଲଗଡ ବ୍ଲକ ସାଗରଗୁଆଁ ପଞ୍ଚାୟତ ଗୋଡିଆଳି ଗ୍ରାମର ସୁବଳ ମାର୍ଥାଙ୍କ ପୁତ୍ର ଶରତ ଚନ୍ଦ୍ର ମାର୍ଥା (୫୪)ବୋଲି ଜଣାପଡିଛି। ସ୍ୱର୍ଗତ ମାର୍ଥା ଗାଡି ଚାଳନା ପାଇଁ ନିଜ ଗ୍ରାମଛାଡି ଡାବରଧୁଆ ପଞ୍ଚାୟତ ଚୂଡାରେ ପିଲାଛୁଆଙ୍କୁ ଧରି ଭଡାରେ ରହୁଥିଲେ। ସେ ଜଣେ ଦକ୍ଷ ଗାଡିଚାଳକ, ମେଳାପୀ, ମିଷ୍ଟଭାଷୀ, ସର୍ବୋପରି ଅସହାୟ ଲୋକଙ୍କୁ ସାହାଯ୍ୟ କରୁଥିବା ଜଣେ ନିଷ୍କପଟ ଲୋକଥିଲେ। ସ୍ୱର୍ଗତ ମାର୍ଥାଙ୍କ ମୃତ୍ୟୁରେ ଗ୍ରାମରେ ଶୋକର ଛାୟା ଖେଳିଯାଇଥିବାବେଳେ ପରିବାରର ଏକ ମାତ୍ର ରୋଜଗାରକ୍ଷମ ବ୍ୟକ୍ତି ହୋଇଥିବାରୁ ପରିବାକୁ ସରକାରୀ ସହାୟତା ଯୋଗାଇ ଦେବାପାଇଁ ଯାତ୍ରୀମାନେ ଓ ଅଞ୍ଚଳର ସାଧାରଣ ଜନତା ଦାବୀ ଜଣାଇଛନ୍ତି। ଖବର ଲେଖାହେବା ପର୍ଯ୍ୟନ୍ତ ସ୍ୱର୍ଗତ ମାର୍ଥାଙ୍କ ଶବ ଜିଲ୍ଲା ଚିକିତ୍ସାଳୟକୁ ବ୍ୟବଚ୍ଛେଦ ପାଇଁ ଯାଇଥିବା ବେଳେ ଯାତ୍ରୀବାହୀ ଗାଡିଟି ବୋଲଗଡ ବସ୍‌ଷ୍ଟାଣ୍ଡରେ ରୋଡ ଉପରେ ରହି ଟ୍ରାଫିକ୍ ସମସ୍ୟା ସୃଷ୍ଟି କରିଥିଲା।

## ପେଣ୍ଠ ଜିଓଟ୍ୟୁବକୁ ସୁରକ୍ଷା ଦେଉଥିବା ପଥରବନ୍ଧ ଧସିବା ଘଟଣା
## ଜଳସମ୍ପଦ ବିଭାଗ ମୁଖ୍ୟଯନ୍ତ୍ରୀଙ୍କ ଅନୁଧ୍ୟାନ

ରାଜନଗର,୧।୧୧: ଏକ୍ସପ୍ରେସ୍ ନ୍ୟୁଜ୍

ରାଜନଗର ବ୍ଲକର ପେଣ୍ଠଠାରେ ଜିଓଟ୍ୟୁବକୁ ସୁରକ୍ଷା ଦେଉଥିବା ପଥରବନ୍ଧ ସମୁଦ୍ରର ଉଚ୍ଚ ଜୁଆରରେ ଧସିବା ଘଟଣା ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଜଳସମ୍ପଦ ବିଭାଗ ଚଣ୍ଡିଖୋଲର ମୁଖ୍ୟଯନ୍ତ୍ରୀ ଇଂ ବିଘ୍ନରାଜ ପୁରୋହିତ ପେଣ୍ଠ ସମୁଦ୍ରକୂଳରେ ପହଂଚି ଅନୁଧ୍ୟାନ କରିଥିଲେ। ପେଣ୍ଠ ସମୁଦ୍ରକୂଳ ଦକ୍ଷିଣ ପାର୍ଶ୍ୱରେ ପଥର ଧସିଥିବା ସ୍ଥାନକୁ ବୁଲି ଦେଖିଥିଲେ। ପୂର୍ବରୁ ହୋଇଥିବା ଜିଓଟ୍ୟୁବ ଓ ପଥର ବନ୍ଧ କାମର ଫଟୋ ସହ କାଗଜପତ୍ର ତନଖି କରିଥିଲେ। ପେଣ୍ଠର ଉତ୍ତର ପାର୍ଶ୍ୱରେ ଅତଡା ଧସିବା ସହ ସମୁଦ୍ର କୂଳ କ୍ଷୟ ହେଉଥିବା ସ୍ଥାନକୁ ବୁଲି ଦେଖିଥିଲେ। ଆଳି ତଟବନ୍ଧ ବିଭାଜନର ଅଧିକ୍ଷଣ ଯନ୍ତ୍ରୀ ଇଂ ସମ୍ବିତକୁମାର ସାହୁଙ୍କୁ ନୂତନ ମାଷ୍ଟରପ୍ଲାନ କରି ଦେବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ସମୁଦ୍ରକୂଳରେ ବିଶେଷ କିଛି କ୍ଷତି ହୋଇନାହିଁ। ଖୁବଶିଘ୍ର କାର୍ଯ୍ୟ ଆରମ୍ଭ କରାଯିବ ବୋଲି କହିଛନ୍ତି। ମୁଖ୍ୟଯନ୍ତ୍ରୀ ଇଂ ଶ୍ରୀ ପୁରୋହିତଙ୍କ ସହିତ ରାଜନଗର ସବ-ଡିଭିଜନର ସହକାରୀ ନିର୍ବାହୀ ଯନ୍ତ୍ରୀ ଆଶିଷ କୁମାର ସ୍ୱାଇଁ, ସହକାରୀ ଯନ୍ତ୍ରୀ ରବିନ୍ଦ୍ରନାଥ ସାମଲ ଓ ଜୟଚନ୍ଦ୍ର ଜେନା, କନିଷ୍ଠ ଯନ୍ତ୍ରୀ ନିତ୍ୟାନନ୍ଦ ମଲ୍ଲ ଓ ଆଶିଷକୁମାର ଜେନା ଉପସ୍ଥିତ ଥିଲେ। ସୂଚନା ଥାଉକି, ସମୁଦ୍ର କୂଳିଆ ୫୬ଟି ଗାଁକୁ ସୁରକ୍ଷା ଦେବା ପାଇଁ ତଟବନ୍ଧ ବିଭାଜନ ସହାୟତାରେ ୩୨କୋଟି୯୫ଲକ୍ଷ୯୨ହଜାର ଟଙ୍କା ବ୍ୟୟରେ ଜିଓଟ୍ୟୁବ ନିର୍ମାଣ କରାଯାଇଥିଲା। ମୁଖ୍ୟତଃ ଏହି ବ୍ଲକର ବ୍ରାହ୍ମଣସାହି, ହାତିନା, ଡେରା, ଗୁପ୍ତି, କୁରୁଂଟି, ମହିଁଷାସୁର ପ୍ରଭୃତି ପଚାଂୟତଗୁଡିକର ଗାଁଗୁଡିକୁ ସୁରକ୍ଷା ଦେବା ପାଇଁ ଜିଓଟ୍ୟୁବ ନିର୍ମାଣ କରାଯାଇଥିଲା। ଜିଓଟ୍ୟୁବକୁ ସୁରକ୍ଷା ଦେଉଥିବା ଗ୍ୟାବିୟନ ବକ୍ସ ଦବି ଯିବାରୁ ତଟବନ୍ଧ ବିଭାଜନ ପକ୍ଷରୁ ସମୁଦ୍ର କୂଳେ କୂଳେ ୪କୋଟି ଟଙ୍କା ବ୍ୟୟ ଅଟକଳରେ ପଥରବନ୍ଧ ନିର୍ମାଣ କରାଯାଇଥିଲା। ବାତ୍ୟା ମନ୍ଥା ପ୍ରଭାବରେ ପେଣ୍ଠ ନିକଟରେ ସମୁଦ୍ର ଅଶାନ୍ତ ରହିବା ସହ ଉଚ୍ଚ ଢେଉ ଦେଖିବାକୁ ମିଳିଥିଲା। ଜିଓଟ୍ୟୁବର ଦକ୍ଷିଣ ପାର୍ଶ୍ୱରେ ପ୍ରାୟ ଶହେ ମିଟର ପର୍ଯ୍ୟନ୍ତ ପଥରବନ୍ଧ କରାଯାଇଥିଲା। ଗତମାସ ୨୮ତାରିଖ ସକାଳୁ ପେଣ୍ଠ ଗ୍ରାମବାସୀ ଏହି ପଥରବନ୍ଧ ୫ରୁ ୬ଫୁଟ ଦବି ଯାଇଥିବା ଦେଖିବାକୁ ପାଇଥିଲେ। ଯାହାକି ସ୍ଥାନୀୟ ଲୋକଙ୍କ ମନରେ ଆଶଙ୍କା ସୃଷ୍ଟି କରିଥିଲା।

## ପ୍ରଥମ ପୃଷ୍ଠାରୁ...

### ମନ୍ଦିରରେ...

ଏହା ଚିନ୍ନା ତିରୁପତି ବା ମିନି ତିରୁପତି ଭାବେ ପରିଚିତ। କିନ୍ତୁ ମିନି ତିରୁପତିରେ ପ୍ରବେଶ-ପ୍ରସ୍ଥାନ ପାଇଁ ଥିଲା ଗୋଟିଏ ରାସ୍ତା। ଗୋଟିଏ ସଙ୍କୁଚିତ ରାସ୍ତାରେ ଶ୍ରଦ୍ଧାଳୁମାନେ ଯିବା ଆସିବା କରନ୍ତି। ଏକାଦଶୀ ପୂଜା ପାଇଁ ଆଜି ପ୍ରବଳ ଭିଡ ମନ୍ଦିରରେ ହୋଇଥିଲା। ମନ୍ଦିରକୁ ମହିଳା ଶ୍ରଦ୍ଧାଳୁଙ୍କୁ ଆଣିବା ପାଇଁ ଗୋଟିଏ ମାଗଣା ବସ୍ ସେବାର ବ୍ୟବସ୍ଥା ଏକାଦଶୀ ଉପଲକ୍ଷେ କରାଯାଇଥିଲା।

ଏକାଦଶୀ ଉପଲକ୍ଷେ ହେବାକୁ ଥିବା ସମ୍ଭାବ୍ୟ ଭିଡ ସମ୍ପର୍କରେ ମନ୍ଦିର କର୍ତ୍ତୃପକ୍ଷ ସ୍ଥାନୀୟ ପ୍ରଶାସନକୁ କୌଣସି ପ୍ରକାରର ସୂଚନା ଦେଇ ନଥିଲେ। ତେଣୁ ମନ୍ଦିରରେ ଭିଡ ନିୟନ୍ତ୍ରଣ ପାଇଁ କୌଣସି ପ୍ରକାରର ବ୍ୟବସ୍ଥା ଗ୍ରହଣ କରାଯାଇ ନଥିଲା। ମିନି ତିରୁପତିରେ ସକାଳୁ ଭିଡ ଜମିଥିଲେ ହେଁ ଏଥିପ୍ରତି କାହାର ନିଘା ନଥିଲା।

ମୁଖ୍ୟମନ୍ତ୍ରୀ ଏନ ଚନ୍ଦ୍ରବାବୁ ନାଇଡୁଙ୍କ କହିବା କଥା ଯେ ଯଦି ଭିଡ ସମ୍ପର୍କରେ ପୁଲିସ୍‌କୁ ଆଗୁଆ ସୂଚନା ଦିଆଯାଇ ଥାଆନ୍ତା, ତା'ହେଲେ ସେମାନେ ଭିଡ ପରିଚାଳନା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିଥାଆନ୍ତେ। ସେ କହିଛନ୍ତି, "ପୂର୍ବ ଯୋଜନା ଯୋଗୁ ଆମେ ବାତ୍ୟା ବେଳେ ଜୀବନ ରକ୍ଷା କରିପାରିଥିଲୁ। ଦୁଃଖର କଥା ଦଳାଚକଟାରେ ଅନେକ ଲୋକ ପ୍ରାଣ ହରାଇଛନ୍ତି। ଏହି ଘଟଣା ପାଇଁ ଦାୟୀ ଲୋକଙ୍କୁ ନିଶ୍ଚିତ ଭାବେ କଠୋର ଦଣ୍ଡ ମିଳିବ।"

ଆନ୍ଧ୍ର ପ୍ରଦେଶର ମନ୍ତ୍ରୀ ଅନାମ ରାମନାରାୟଣ ରେଡ୍ଡୀ କହିଛନ୍ତି ଯେ ଯେଉଁ ମନ୍ଦିରରେ ଦଳାଚକଟା ହୋଇଛି, ତା'ର ପରିଚାଳନା ଦାୟିତ୍ୱ ସରକାରଙ୍କ ହାତରେ ନଥିଲା। ମନ୍ଦିରର କ୍ଷମତା ୨ରୁ ୩ ହଜାର। କିନ୍ତୁ ଆଜି ଏକାଦଶୀ ପାଇଁ ୨୫ ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଭିଡ ପାଇଁ କୌଣସି ବ୍ୟବସ୍ଥା କରାଯାଇ ନଥିଲା। ଏପରି କି ସରକାରଙ୍କୁ ମଧ୍ୟ ଏହାର ସୂଚନା ଦିଆଯାଇ ନଥିଲା। ଏଥିଯୋଗୁ ମନ୍ଦିରରେ ଏତେ ବଡ ଘଟଣା ଘଟିଛି ବୋଲି ସେ କହିଛନ୍ତି।

### ୪୪ ତହସିଲରେ...

ନେବା ହେଉଛି ଆମର ମୁଖ୍ୟ ଲକ୍ଷ୍ୟ। ଖୁସିର କଥା ଏହା ହାସଲ କରିବା ପାଇଁ ଟେକ୍ନୋଲୋଜିର ଉପଲବ୍ଧତା ରହିଛି। ଟେକ୍ନୋଲୋଜିର ବ୍ୟବହାର କରି ସରକାର ଲୋକଙ୍କ ନିକଟତର ହୋଇପାରୁଛନ୍ତି ଏବଂ ଜନସାଧାରଣ ଘରେବସି ଅନେକ ସରକାରୀ ସେବା ସୁବିଧାରେ ପାଇପାରୁଛନ୍ତି।

ବର୍ତ୍ତମାନ ରାଜ୍ୟ ସରକାର ୩୨ଟି ବିଭାଗର ୪୩୩ଟି ସେବାକୁ ଅନ୍‌ଲାଇନ ଜରିଆରେ ଯୋଗାଇ ଦେଉଛନ୍ତି। ନିକଟରେ ଜମିଜମା ପଞ୍ଜୀକରଣ ପାଇଁ ସ୍ଲଟ୍ ବୁକିଂ ନିମନ୍ତେ ଇ-ରେଜିଷ୍ଟ୍ରେସନ ମୋବାଇଲ୍ ଆପ୍‌ର ମଧ୍ୟ ଶୁଭାରମ୍ଭ ହୋଇଥିଲା। ଏଥିରେ ସ୍ଲଟ ବୁକିଂ ସହିତ ଇ.ସି ଏବଂ ଅନ୍ୟାନ୍ୟ ଜରୁରୀ କାଗଜପତ୍ର ମଧ୍ୟ ମିଳିପାରୁଛି। ଉଦ୍ଦେଶ୍ୟ ହେଉଛି ଯେତେଦୂର ସମ୍ଭବ ଲୋକଙ୍କୁ ସୁବିଧାରେ ଓ ସହଜରେ ସେବା ଯୋଗାଇଦେବା।

ସ୍ମାର୍ଟ ସର୍ଭିଲାନ୍‌ସ ଜରିଆରେ ସମସ୍ତ ସବ୍-ରେଜିଷ୍ଟ୍ରେସନ ଅଫିସକୁ ସିସିଟିଭି ଜରିଆରେ ନୀରିକ୍ଷଣ କରାଯାଉଛି। ଏହାଦ୍ୱାରା କର୍ମଚାରୀ ମାନଙ୍କର ସମୟାନୁବର୍ତ୍ତୀତା ଏବଂ ପାରଦର୍ଶିତାକୁ ସୁନିଶ୍ଚିତ କରାଯାଇ ପାରୁଛି। ଉପନିବନ୍ଧନ କାର୍ଯ୍ୟାଳୟକୁ ଦୁର୍ନୀତି ମୁକ୍ତ ଓ ମଧ୍ୟସ୍ଥି ମୁକ୍ତ କରିବା ଦିଗରେ ଏହି ସ୍ମାର୍ଟ ସର୍ଭିଲାନ୍‌ସ ବ୍ୟବସ୍ଥା ଖୁବ୍ ଉପଯୋଗୀ ହୋଇପାରୁଛି। ସବୁ ତହସିଲରେ ସବ୍ ରେଜିଷ୍ଟ୍ରେସନ ଅଫିସ ଖୋଲିବା ଦ୍ୱାରା ଜନସାଧାରଣଙ୍କୁ ଅନେକ ସୁବିଧା ମିଳିପାରିବ। ଦୂରଦୂରାନ୍ତକୁ ଯାଇ ଜମି ପଞ୍ଜୀକରଣ କରିବାର ଅସୁବିଧା ଓ ଖର୍ଚ୍ଚରୁ ମୁକ୍ତି, ସମୟଉପଯୁକ୍ତ ପଞ୍ଜୀକରଣ, ସହଜରେ ମ୍ୟୁଟେସନ ପଟ୍ଟା ଉପଲବ୍ଧ, ରାଜସ୍ୱ ସଂଗ୍ରହରେ ଉନ୍ନତି ଏବଂ ସର୍ବୋପରି ଜମି ପଞ୍ଜୀକରଣରେ ପାରଦର୍ଶିତା ବୃଦ୍ଧି ହୋଇପାରିବ ବୋଲି ସେ କହିଥିଲେ।

### ୧୯୭୧ ମହାବାତ୍ୟା...

ଦୁଃଖକୁ ଭୁଲି ପାରିନାହାନ୍ତି। କାଳନ୍ଦୀ ମହାରଣା, ଶଙ୍କର୍ଷଣ ଲେଙ୍କା, କୁନିଲତା ପାତ୍ର ଓ ବିଚିତ୍ର ଦାସ ପ୍ରମୁଖ ମହାବାତ୍ୟାର ସ୍ମୃତି ସାଉଁଟୁଥିବା ବେଳେ ସେମାନଙ୍କ ଆଖିରେ ଲୁହ ଜକେଇ ଆସୁଥିଲା। ପୁରୁଣା ସାତଭାୟାର ଗୋବିନ୍ଦପୁର ଗାଁ। ସାତଭାୟାର ସାତଟି ଗାଁ ମଧ୍ୟରୁ ସମୁଦ୍ରକୂଳରେ ଅବସ୍ଥିତ ଗୋବିନ୍ଦପୁର ଅନ୍ୟତମ। ୧୯୭୧ ମସିହା ଅକ୍ଟୋବର ମାସ ୨୯ ଓ ୩୦ତାରିଖ ଦିନ ମହାବାତ୍ୟା ମହାତାଣ୍ଡବ ରଚିଥିଲା। ଏହି ଗାଁରେ ରହୁଥିଲେ ୧୮୪ ପରିବାରର ୧୧୭୫ଜଣ ଲୋକ। ମହାବାତ୍ୟାର ମହାବିଭୀଷିକାରେ ଏହି ପରିବାରଗୁଡିକ ଉଚ୍ଛନ୍ନ ହୋଇଗଲେ। ୩୨ଟି ପରିବାର ସଂପୂର୍ଣ୍ଣ ନିଶ୍ଚିହ୍ନ ହୋଇଗଲେ। ଏହି ଗାଁର ୭୫୨ଜଣ ଲୋକ ମୃତ୍ୟୁବରଣ କରିଥିଲେ। ଗାଁଟି ସଂପୂର୍ଣ୍ଣ ଧ୍ୱଂସସ୍ତୂପରେ ପରିଣତ ହୋଇଥିଲା ବୋଲି କହନ୍ତି ସନ୍ତୋଷ ମଣ୍ଡଳ। ମହାବାତ୍ୟା ପରେ ୧୫୨ଟି ପରିବାରର ମାତ୍ର ୪୦୩ଜଣ ଲୋକ ଜୀବିତ ରହିଥିଲେ। ସମୁଦ୍ରକୂଳରେ ଥିବା ନିଜ ଗାଁକୁ ଫେରି ଘରଦ୍ୱାର କରିବାର ଇଚ୍ଛା ମଉଳିଗଲା। ମହାନ ସ୍ୱାଧିନତା ସଂଗ୍ରାମୀ ଭୂଦାନ ଆନ୍ଦୋଳନର ନେତ୍ରୀ ମା ରମାଦେବୀ ଏହି ଅସହାୟ ପରିବାରଗୁଡିକୁ ଓକିଲପାଳଠାରେ ଥଇଥାନ କରିବା ପାଇଁ ସହାୟତାର ହାତ ବଢାଇଲେ। ସାତଭାୟାର ଗୋବିନ୍ଦପୁର କେବଳ ସରକାରୀ କାଗଜପତ୍ରରେ ରହିଗଲା। ଓକିଲପାଳକୁ ସ୍ଥାୟୀ ଠିକଣା କରିବା ସହ ସେବେଠାରୁ ଆଜି ଯାଏ ଏହି ଗାଁଟିରେ କାର୍ତ୍ତିକ ମାସ ଶୁକ୍ଳ ପକ୍ଷ ଏକାଦଶୀ ତିଥିରେ ସମଗ୍ର ଗାଁ ଲୋକେ ପିଣ୍ଡଦାନ କରିଥାନ୍ତି। ଯାହା ଅନ୍ୟତ୍ର ଦେଖାଯାଏ ନାହିଁ। ସବୁଠାରୁ ବଡକଥା ହେଲା, ଯେଉଁ ୩୨ଟି ପରିବାର ସଂପୂର୍ଣ୍ଣ ନିଶ୍ଚିହ୍ନ ହୋଇଯାଇଥିଲେ ସେମାନଙ୍କ ଉଦ୍ଦେଶ୍ୟରେ ଓକିଲପାଳର ଗଣେଷପୂଜା କମିଟି କିଛି ବର୍ଷ ହେବ ସାମୁହିକ ପିଣ୍ଡଦାନ କରିଆସୁଛି। କମିଟିର ସଭାପତି ତଥା ଗୁପ୍ତି ପଚାଂୟତର ନାଏବ ସରଂପଚ ସର୍ବେଶ୍ୱର ବିଶ୍ୱାଳଙ୍କ ସହ ସମସ୍ତ ସଭ୍ୟ ସଭ୍ୟାମାନେ ଶ୍ରଦ୍ଧାର ସହ ଏହି ସାମୁହିକ ପିଣ୍ଡଦାନ କରିଛନ୍ତି।

### ଶଙ୍କର ପୃଷ୍ଟି...

ଅର୍ପଣ କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିଷ୍ପତ୍ତି ଗ୍ରହଣ କରିଛନ୍ତି। ଏହି ସମ୍ବନ୍ଧିତ ଦୁର୍ନୀତିର ଚେର ବିଭିନ୍ନ ରାଜ୍ୟକୁ ବ୍ୟାପିଛି, ଆନ୍ତ-ରାଜ୍ୟ ଅପରାଧୀ ସଂଗଠନଙ୍କ ସଂପୃକ୍ତି ଥିବାର ସନ୍ଦେହ କରାଯାଉଛି। ଏହି ଦୁର୍ନୀତିର ଚେର ଆନ୍ଧ୍ରପ୍ରଦେଶ ଓ ପଶ୍ଚିମବଙ୍ଗ ସହିତ ଅନ୍ୟାନ୍ୟ ରାଜ୍ୟକୁ ମଧ୍ୟ ବ୍ୟାପି ଥାଇପାରେ। ଏହା ସହିତ ଏହି ଦୁର୍ନୀତିରେ ଆନ୍ତ-ରାଜ୍ୟ ସଂଗଠିତ କ୍ରିମିନାଲ ଗ୍ୟାଙ୍ଗର ସଂପୃକ୍ତି ଥିବା ନେଇ ମଧ୍ୟ ସନ୍ଦେହ କରାଯାଉଛି। ଏସବୁକୁ ଦୃଷ୍ଟିରେ ରଖି, ଏହି ଦୁର୍ନୀତିର ସଂପୂର୍ଣ୍ଣ ପର୍ଦ୍ଦାଫାସ୍ କରିବା ପାଇଁ ଏବଂ ଏଥିରେ ସଂପୃକ୍ତ ସମସ୍ତ ଅପରାଧୀମାନଙ୍କୁ ଆଇନ ପରିସରକୁ ଆଣି ଦୃଷ୍ଟାନ୍ତମୂଳକ ଦଣ୍ଡବିଧାନ କରିବା ପାଇଁ ମୁଖ୍ୟମନ୍ତ୍ରୀ ଏହାର ତଦନ୍ତ ଭାର କେନ୍ଦ୍ରୀୟ ତଦନ୍ତ ସଂସ୍ଥା ସିବିଆଇକୁ ଦେବା ପାଇଁ ନିର୍ଣ୍ଣୟ କରିଛନ୍ତି।

ସୂଚନାଯୋଗ୍ୟ, ଗତମାସ ପୁଲିସ ଚାକିରିରେ ଜାଲିଆତି ସୁରକ୍ ମିଳିଥିଲା। ପ୍ରଶ୍ନପତ୍ର ଲିକ୍ ବଡ଼ ଯୋଜନା ପଣ୍ଡ କରିଥିଲା ବ୍ରହ୍ମପୁର ପୁଲିସ। ସେପ୍ଟେମ୍ବର ୨୯ ତାରିଖ ରାତିରେ ୧୨୦ ଜଣ ପରୀକ୍ଷାର୍ଥୀଙ୍କୁ ଆନ୍ଧ୍ରପ୍ରଦେଶରୁ ଉଠାଇ ଆଣିଥିଲା ପୁଲିସ। ତେବେ ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ପରୀକ୍ଷାର୍ଥୀଙ୍କୁ ୩ଟି ବସରେ ଆନ୍ଧ୍ରପ୍ରଦେଶ ଶ୍ରୀକାକୁଲମ ନିଆଯାଉଥିଲା। ସେଠାରେ ରଖି ପରୀକ୍ଷାର୍ଥୀଙ୍କୁ ପ୍ରଶ୍ନପତ୍ର ସହ ଉତ୍ତର କୁହାଯାଇଥାନ୍ତା। ପ୍ରଶ୍ନ ଉତ୍ତର ଅଭ୍ୟାସ ପରେ ସେମାନଙ୍କୁ ଆଣି ପରୀକ୍ଷା କେନ୍ଦ୍ରରେ ଛାଡ଼ିବାକୁ ଯୋଜନା ହୋଇଥିଲା। ଏଥିପାଇଁ ମୋଟା ଅଙ୍କର ଅର୍ଥ ପରୀକ୍ଷାର୍ଥୀଙ୍କ ଠାରୁ ନିଆଯାଇଥିବା ଚର୍ଚ୍ଚା ହେଉଛି। ହେଲେ ସେମାନେ ଠିକଣା ଜାଗାରେ ପହଞ୍ଚିବା ପୂର୍ବରୁ ପୁଲିସ ତାଙ୍କୁ ଉଠାଇ ଆଣିଥିଲା।

### ସ୍ୱରୋଜଗାର...

ହୋଇପାରିଛନ୍ତି। ତେବେ ସ୍ୱୟଂ ସହାୟିକା ଗୋଷ୍ଠୀ ଗଠନ ପରେ ବ୍ୟାଙ୍କ୍‌ର ଅତି ସହଜରେ ଋଣ ପାଇଯାଉଥିବା ମହିଳାମାନେ ପରବର୍ତ୍ତୀ ସମୟରେ କେଉଁ ପ୍ରକାର ବ୍ୟବସାୟ କରୁଛନ୍ତି ଓ ଏହି ବ୍ୟବସାୟ କେତେଦିନ ପର୍ଯ୍ୟନ୍ତ ଜାରି ରହୁଛି ତାହାର ଅନୁଧ୍ୟାନ ବ୍ୟାଙ୍କଗୁଡିକ କିମ୍ବା ସରକାରଙ୍କ ପକ୍ଷରୁ ହେଉନାହିଁ। ବ୍ୟାଙ୍କଗୁଡିକ ନିୟମିତ ଭାବେ ସ୍ୱୟଂ ସହାୟିକା ଗୋଷ୍ଠୀଙ୍କ ଠାରୁ ଅର୍ଥ ଓ ସୁଧ ପାଇ ଖୁସିଥିବାବେଳେ ସରକାର ବି ଠିକଣା ସମୟରେ ବ୍ୟାଙ୍କ୍‌କୁ ସୁଧ ଛାଡ ଅର୍ଥ ପ୍ରଦାନ କରି ନିରବ। ଫଳରେ ବହୁ ସ୍ଥାନରେ ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ଦିଆଯାଉଥିବା ବ୍ୟାଙ୍କ୍ ଋଣ ସୁଧ କାରବାରରେ ବ୍ୟବହୃତ ହେଉଥିବା ଲକ୍ଷ୍ୟ କରାଯାଉଥିବାବେଳେ ଏ ଦିଗ ପ୍ରତି ଧ୍ୟାନ ଦେବାକୁ ମତପ୍ରକାଶ ପାଉଛି।

### ୨୨ ଛାତ୍ରୀଙ୍କୁ...

ମାମଲାକୁ ଲୁଚାଇବା ଏବଂ ରିପୋର୍ଟ ଦାଖଲ କରିବାରେ ବିଫଳ ହେବାରେ ଭୂମିକା ଗ୍ରହଣ କରିଥିଲେ। ଅଭିଭାବକଙ୍କ ଅଭିଯୋଗ ପରେ, ଅକ୍ଟୋବର ୩୦ରେ ପ୍ରିନ୍ସିପାଲ ଏବଂ ଆକାଉଣ୍ଟାଣ୍ଟଙ୍କୁ ମଧ୍ୟ ଗିରଫ କରାଯାଇଛି। ସେମାନଙ୍କୁ ପୋକ୍‌ସୋ ଆଇନ ଅନୁଯାୟୀ ମଧ୍ୟ ଗିରଫ କରାଯାଇଛି। ପୀଡ଼ିତାଙ୍କ ପାଇଁ ଏକ ସ୍ୱତନ୍ତ୍ର ମେଡିକାଲ ବୋର୍ଡ ଗଠନ କରାଯାଇଛି। ଏପର୍ଯ୍ୟନ୍ତ ୨୨ ଜଣ ପ୍ରଭାବିତ ଛାତ୍ରଙ୍କ ଡାକ୍ତରୀ ପରୀକ୍ଷା କରାଯାଇଛି ଏବଂ ପୀଡ଼ିତଙ୍କ ସଂଖ୍ୟା ବୃଦ୍ଧି ପାଇବାର ଆଶା କରାଯାଉଛି।

### ଝୁଲନ୍ତା ଅବସ୍ଥାରେ...

ମୃତଦେହ ଗ୍ରହଣ କରିନଥିଲେ। ଏହା ପରେ ଅତାବିରା ଥାନା ପକ୍ଷରୁ ସାମାଜିକ ଅନୁଷ୍ଠାନ ସଂକଳ୍ପ ପରିବାରକୁ ଶବସତ୍କାର ପାଇଁ ଅନୁରୋଧ କରାଯାଇଥିଲା। ଅନୁରୋଧ ରକ୍ଷା କରି ସାମାଜିକ ଅନୁଷ୍ଠାନ ସଂକଳ୍ପ ମିନତିଙ୍କ ଶବସତ୍କାର କରିଥିବା ଜଣାଯାଇଛି।

### କେନ୍ଦ୍ରାପଡ଼ା ପୌରସଂସ୍ଥାକୁ...

ସଠିକ୍ ପରିଚାଳନା କରିବା, ବ୍ୟବହୃତ ହେଉଥିବା ପାଇଖାନା ଦ୍ୱାରା ହେଉଥିବା ପ୍ରଦୂଷଣକୁ ରୋକିବା ଦିଗରେ ପଦକ୍ଷେପ ଗ୍ରହଣ କରାଯିବ। ପରିବେଶ ଓ ପରିମଳ ବ୍ୟବସ୍ଥାରେ ଥିବା ତୃଟିର ଆକଳନ ସହିତ ଏଥିରେ ସୁଧାର ଆଣିବା ଦିଗରେ ବିଏମସି ମାର୍ଗଦର୍ଶନ କରିବ। ସହରବାସୀ ବୁଦ୍ଧିଜୀବି ଓ ସଚେତନ ନାଗରିକଙ୍କ ଠାରୁ ଆବଶ୍ୟକ ତଥ୍ୟ ସଂଗ୍ରହ ଓ ପରାମର୍ଶକୁ ଗ୍ରହଣ କରାଯିବ। ସେହିପରି ବର୍ଜ୍ୟବସ୍ତୁ ପରିଚାଳନାଗତ ତୃଟିରେ ସୁଧାର ସହ ଭିତିଭୂମୀରେ ଉନ୍ନତିକରଣ ପାଇଁ ପ୍ରସ୍ତାବ ଦେବ ବୋଲି ଜଣାଯାଇଛି। ସହରାଂଚଳରେ କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟା ପରିପ୍ରେକ୍ଷୀରେ ପରିବେଶ ଓ ପରିମଳ ପରିଚାଳନା ବଡ଼ ଚ୍ୟାଲେଂଚ ଭାବେ ଉଭା ହୋଇଥିବାରୁ ସରକାର ଏହାକୁ ଗୁରୁତ୍ୱ ଦେଉଛନ୍ତି। ସହରବାସୀଙ୍କ ଉତ୍ତମ ସ୍ୱାସ୍ଥ୍ୟ ଉତ୍ତମ ପରିବେଶ ଓ ପରିମଳ ଉପରେ ନିର୍ଭରଶୀଳ ହୋଇଥିବାରୁ ଉନ୍ନତ ଜ୍ଞାନ କୌଶଳର ଉପଯୋଗରେ ସ୍ୱଚ୍ଛ ପରିବେଶ ଓ ସମୃଦ୍ଧ ପରିମଳ ବ୍ୟବସ୍ଥା ସୁନିଶ୍ଚିତ ହୋଇପାରିବ ବୋଲି କାର୍ଯ୍ୟ ନିର୍ବାହୀ ଅଧିକାରୀ ସୂଚନା ଦେଇଛନ୍ତି।

## ଟ୍ରଲର ସହ ୮ ମତ୍ସ୍ୟଜୀବୀ ଗିରଫ

ରାଜନଗର,୧।୧୧: ଏକ୍ସପ୍ରେସ୍ ନ୍ୟୁଜ୍

ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟର ଏକକୂଳା ନିକଟ ନିଷିଦ୍ଧାଂଚଳରେ ବେଆଇନ ଭାବେ ମାଛ ଧରୁଥିବା ବେଳେ ବନବିଭାଗର ପାଟ୍ରୋଲିଂ ଦଳ ଭାରତୀ ନାମକ ଟ୍ରଲରକୁ ଜବତ କରିଛି। ସେଥିରୁ ଆଠଜଣ ମତ୍ସ୍ୟଜିବୀଙ୍କୁ ଗିରଫ କରିବା ସହ ଗୋଟିଏ ଜିପିଏସ, ଦୁଇଟି ଭିଏଚଏଫ, ୭ଟି ଜାଲ, ୨୫କେଜି ମାଛ ଜବତ କରିଛନ୍ତି। ଗିରଫ ମତ୍ସ୍ୟଜିବୀମାନେ ପୁରସ୍ତମ ଜେନା, ବିମ୍ବାଧର ମାଝି, ଭରତ ଜେନା, ରାଜେଶ ଖଟୁଆ, ଅଜୟ ମାଝି, ଦୁଃଶାସନ ତରାଇ, ନନ୍ଦୁ ସିଂଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ସମସ୍ତ ମତ୍ସ୍ୟଜିବୀ ବାଲେଶ୍ୱର ଜିଲ୍ଲା ସଦର ଥାନା ଅଂଚଳର ବୋଲି ବନବିଭାଗ ସୂତ୍ରରୁ ସୂଚନା ମିଳିଛି।

Printed & Published by **Gyanaranjan Behera** on behalf of Radhakrushna Publications Pvt. Ltd. and Printed at Ricky Promotors, Plot No.6709, M.I.E., Rasulgarh, Bhubaneswar-751010 and Published at **Janachetana Parisad Bhawan, At-Kajala, P.O/Dist -Kendrapara**, Pin-754211, Ph. : 9439698412, 9583706460

Editor : **Ambika Prasad Das** ସମ୍ପାଦକ : ଅମ୍ବିକା ପ୍ରସାଦ ଦାସ | Chief Editor : **Umapada Bose** ମୁଖ୍ୟ ସମ୍ପାଦକ : ଉମାପଦ ବୋଷ